


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-133 ♦SUNDAY ♦9 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୩୩ ♦ରବିବାର ♦୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


**ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ଅଘଟଣ**

# ଦଳାଚକଟା ପାଇଁ ପୁଲିସ ଦାୟୀ

## ୭ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ପୁଲିସ ଡିଜି ଓ ଆଇଜିଙ୍କୁ ଗୃହ ବିଭାଗର ଚିଠି**

**କଳାତାଲିକାଭୁକ୍ତ ହେବ ଆଇସିସିସି ଯୋଗାଣ ସଂସ୍ଥା**


**ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ**



■ **ଭୁବନେଶ୍ୱର, ୮।୧୧ (ସମିସ):** ରଥଯାତ୍ରା ସମୟରେ ଗତ ଜୁନ୍ ୨୯ ତାରିଖରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣା ପାଇଁ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରିଛି ତଦନ୍ତ କମିଟି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ସୁପାରିସ କରିଛି। ଏହି ସୁପାରିସକୁ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୃହ ବିଭାଗ ପକ୍ଷରୁ ଏସଂପର୍କରେ ପୁଲିସ ଡିଜି ଏବଂ ଆଇଜିଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣରେ ଆଇସିସିସି ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ଫେଲ୍ ମାରିଥିବାରୁ ଏହାକୁ ଯୋଗାଇଥିବା ମେସର୍ସ ଇନଭେଣ୍ଟ ଗ୍ରୀଡ୍ ଇଣ୍ଡିଆକୁ କଳାତାଲିକାଭୁକ୍ତ କରାଯିବାକୁ ସ୍ଥିର କରାଯାଇଛି।

ଦଳାଚକଟା ଘଟଣାରେ ତଦନ୍ତ ପାଇଁ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ତଦନ୍ତ ସାରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ଏକାଧିକ ଦିଗକୁ ଅଘଟଣ ପାଇଁ ଦର୍ଶାଇଥିବା ବେଳେ ମୋଟ ୭ ଜଣ ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରାଯାଇଛି। ଏହି ଅଧିକାରୀମାନେ ହେଲେ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ(ଓଏପିଏସ), ଡିସିପି ବିଷ୍ଣୁ ପ୍ରସାଦ ପତି, କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ (ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ), ଡେପୁଟି କମାଣ୍ଡାଣ୍ଟ କେ କେ ନାୟକ, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, କୁମ୍ଭାରପଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ(ଡିଏସପି) ଓ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ। ସେମାନଙ୍କ ବିରୋଧରେ ତ୍ୱରିତ୍ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ ଜିଲ୍ଲା ପୁଲିସ ମେସିନାରୀର ମୁଖ୍ୟ ହେଉଛନ୍ତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ। ରଥଯାତ୍ରା ପରିଚାଳନାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ତେବେ ଉପରୋକ୍ତ ▶ପୃଷ୍ଠା-୭

# ଡିସେମ୍ବର ପହିଲାରୁ ସଂସଦର ଶୀତକାଳୀନ ଅଧିବେଶନ



**୧୪ ଦିନର କାର୍ଯ୍ୟ ଦିବସକୁ ନେଇ ବିରୋଧୀଙ୍କ ଆପତ୍ତି**

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଆସନ୍ତା ଡିସେମ୍ବର ପହିଲା ତାରିଖରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ମୋଟ୍ ୧୪ ଦିନର କାର୍ଯ୍ୟଦିବସ ରହିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ 'ଏକ୍ସ' ଜରିଆରେ ଏହି ସୂଚନା ଦେଇଛନ୍ତି। ତେବେ ଶୀତ ଅଧିବେଶନକୁ ବିଳମ୍ବରେ ଏବଂ ପୁଣି କମ୍ ସମୟ ପାଇଁ ଆହ୍ୱାନ କରାଯାଇଥିବାରୁ ବିରୋଧୀ ଦଳ ଏହା ତୀବ୍ର ସମାଲୋଚନା କରିଛନ୍ତି।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି ଯେ ୧ ତାରିଖରୁ ସଂସଦ ଅଧିବେଶନ ଆରମ୍ଭ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ପ୍ରଦାନ କରିଛନ୍ତି। ଅଧିବେଶ ଫଳପ୍ରଦ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ସୂଚନା ପରେ କଂଗ୍ରେସ ପକ୍ଷରୁ ଜୟରାମ ରମେଶ କେତେକ ପ୍ରଶ୍ନ ଉଠାଇଛନ୍ତି। ସଂସଦ କାହିଁକି ବିଳମ୍ବରେ ଡକାଯାଉଛି ଏବଂ ଏହାର କାର୍ଯ୍ୟଦିବସ ଏତେ କମ୍ କାହିଁକି? ସେ କହିଛନ୍ତି ଯେ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ସରକାରଙ୍କର କିଛି କାର୍ଯ୍ୟକ୍ରମ ନାହିଁ ଓ ଅନୁମୋଦନ ପାଇଁ ବିଲ୍ ▶ପୃଷ୍ଠା-୭

# କଟକରେ ଆପାର୍ଟମେଣ୍ଟ ବାଲ୍‌କୋନୀ ଭୁଶୁଡ଼ି ୩ ମୃତ

**ବାପା, ମା' ଓ ଶିଶୁପୁତ୍ରର ମୃତ୍ୟୁ**

**୪ ଗୁରୁତର: ଏସ୍‌ସିବିରେ ଭର୍ତ୍ତି**

■ **କଟକ,୮।୧୧(ସମିସ):** କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ମଣିସାହୁ ଛକ ନିକଟରେ ଥିବା ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖସ୍ଥ ପ୍ରାଚୀ ଏନକ୍ଲେଭ୍‌ରେ ଘଟିଛି ଏକ ବଡ଼ ଧରଣର ଅଘଟଣ। ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଏହି ପୁରାତନ ଏନକ୍ଲେଭ୍‌ର ଜି-୫ ଫ୍ଲାଟ୍‌ର ବାଲକୋନୀ ଭୁସୁଡ଼ି ପଡ଼ିବାରୁ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏହି ବାଲକୋନୀଟି ଭୁସୁଡ଼ି ତଳେ ଥିବା ଏକ ଆଜବେଷ୍ଟସ୍ ଘର ଛାତ ଉପରେ ପଡ଼ିଥିଲା। ସେହି ଘରେ ରହୁଥିବା ଏକ ପରିବାରର ବାପା, ମା' ଓ ଶିଶୁପୁତ୍ରର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ହେଲେ ଅବଦୁଲ୍ ଜଲିଲ୍(୬୦), ଅବଦୁଲ୍ ମୁଜାହିଦ୍(୪) ଏବଂ ରେହେମାତୁନ୍ ନିଶା(୫୦)। ପରିବାରର ଅନ୍ୟ ୪ଜଣ ସଦସ୍ୟ ଅବଦୁଲ୍ ଜାହିଦ୍(୩୦), ସହିନା ବେଗମ୍(୨୯), ରିହାନ୍ ଖାନ୍(୮) ଏବଂ ଅବଦୁଲ୍ ରେହେମାନ୍(୩) ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁସାରେ, ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖରେ ରହିଥିବା ପ୍ରାଚୀ ଏନକ୍ଲେଭ୍‌ର ଜି-୫ଫ୍ଲାଟ୍ ବାଲକୋନୀଟି ଆଜି ସନ୍ଧ୍ୟାରେ ହଠାତ୍ ଭୁସୁଡ଼ି ପଡ଼ିଥିଲା। ଏହି କୋଠାଟି ପୁରାତନ ହୋଇଥିବା ବେଳେ ଏହାର ▶ପୃଷ୍ଠା-୭

# ଏଥର ସ୍ୱୟଂଚାଳିତ ହେବ ପିଏଫ୍ ଟ୍ରାନ୍ସଫର

**ଚାକିରି ବଦଳାଇବାର ୫ ଦିନ ଭିତରେ ନୂଆ ଆକାଉଣ୍ଟକୁ ଆସିଯିବ ପିଏଫ ଅର୍ଥ**

**ପୂର୍ବରୁ ଏଥିପାଇଁ ମାସ ମାସ ଲାଗୁଥିଲା**

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଚାକିରିଆଙ୍କ ପାଇଁ ବଡ଼ ଖବର ଆସିଛି। ଏବେ ଚାକିରି ବଦଳାଇଲେ ଆଉ ଭବିଷ୍ୟ ନିଧି ପାଣ୍ଠି (ପିଏଫ) ଟ୍ରାନ୍ସଫର ପାଇଁ ଫର୍ମ ପୂରଣ କିମ୍ବା ମାସ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନି। ଏହି ସମସ୍ୟାରୁ ମୁକ୍ତି ଦେବା ପାଇଁ ଇପିଏଫଓ ପକ୍ଷରୁ ସ୍ୱୟଂଚାଳିତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ଚଳିତ ବର୍ଷ ଶେଷ ସୁଦ୍ଧ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଏହା ମାଧ୍ୟମରେ କୋଟି କୋଟି କର୍ମଚାରୀଙ୍କ ପିଏଫ ବାଲାନ୍ସ ଆପେ ଆପେ ନୂଆ ନିଯୁକ୍ତିଦାତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ ଅତିବେଶୀରେ ଦୁଇରୁ ପାଞ୍ଚ ଦିନ ଲାଗିବ।

ପୂର୍ବରୁ ଚାକିରି ବଦଳାଇବା ସମୟରେ ଫର୍ମ-୧୩ ପୂରଣ କରିବାକୁ ପଡୁଥିଲା। ଏହା ପରେ ▶ପୃଷ୍ଠା-୭




## ଜମ୍ମୁ-କଶ୍ମୀରରେ ଡାକ୍ତରଙ୍କ ଲକରରୁ ମିଳିଲା ଏକେ-୪୭

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ଡାକ୍ତର ଆଦିଲ ଅହମ୍ମଦଙ୍କ ଲକରରୁ ଏକ ଏକେ-୪୭ ରାଇଫଲ ଜବତ କରାଯାଇଛି । ସେ ଅନନ୍ତନାଗର ବାସିନ୍ଦା । ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ସେ ଅନନ୍ତନାଗର ଜିଏମ୍‌ସିରେ ନିୟୋଜିତ ଥିଲେ । ତାଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି । ପୁଲିସ ତାଙ୍କ ବିରୋଧରେ ୟୁଏପିଏ ଆଇନ୍ ଅନୁସାରେ ମାମଲା ରୁଜୁ କରିଛି । ତାଙ୍କ ଲକରରୁ ଏକେ-୪୭ ଭଳି ରାଇଫଲ୍ ମିଳିଥିବାରୁ ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବା ସନ୍ଦେହ କରାଯାଉଛି । ବିନା ଲାଇସେନ୍ସରେ ଏକେ-୪୭ ରାଇଫଲ ରଖିଥିବାରୁ ଭାରତୀୟ ଆର୍ମ୍ସ ଆକ୍ଟ ଅନୁସାରେ ୧୯୫୯ ଅନୁସାରେ ତାଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି । ପୁଣି ଯଦି ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବେ ତେବେ, ତାଙ୍କ ବରୋଧରେ ୟୁଏପିଏ (ଅନଲଫୁଲ୍ ଆକ୍ଟିଭିଟିଜ ପ୍ରିଭେନସନ ଆକ୍ଟ, ୧୯୬୭) ଅନୁସାରେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି ।

## ବିହାର ନିର୍ବାଚନ: ସମସ୍ତିପୁର ସଡ଼କରୁ ମିଳିଲା ବହୁ ସଂଖ୍ୟାରେ ଭିଭିପାଟ ସ୍ଲିପ୍

ପାଟନା, ୮ ।୧୧(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ସମସ୍ତିପୁରର ସାରାଇରଞ୍ଜନ ଅଞ୍ଚଳର କେଏସ୍‌ଆର କଲେଜ ସଡ଼କରେ ବହୁ ସଂଖ୍ୟାରେ ଭିଭିପାଟ୍ ସ୍ଲିପ୍ ପଡ଼ିଥିବାର ଦେଖାଯାଇଛି । ଏହି ମାମଲାରେ ନିର୍ବାଚନ କମିସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ କର୍ମଚାରୀଙ୍କୁ ଦାୟିତ୍ୱରୁ ହଟାଇଛନ୍ତି । ଏନେଇ ଯାଞ୍ଚ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଦୋଷୀ ଯିଏବି ହୁଅନ୍ତୁ ନା କାହିଁକି, ତାଙ୍କ ବିରୋଧରେ ଏଫ୍‌ଆଇଆର ଦାଏର କରାଯିବ ବୋଲି କୁହାଯାଇଛି । ତେବେ ଏହା ଭୋଟ ଗଣିତରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କୁହାଯାଇଛି । ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟର ମତଦାନ ହୋଇଥିଲା । ସରାଇରଞ୍ଜନ ବିଧାନସଭାବରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା ।

## ଅଷ୍ଟ୍ରେଲିଆ ପଳାଇଲେ ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ

ଲୁଧିଆନା, ୮ ।୧୧(ଏଜେନ୍ସି): ପଞ୍ଜାବର ପଟିଆଲା ଜିଲ୍ଲାର ସନାଉର ନିର୍ବାଚନ ମଣ୍ଡଳୀର ଆମ ଆଦମୀ ପାର୍ଟି ବିଧାୟକ ହରମିତ ପଠାନମାଜରା ଅଷ୍ଟ୍ରେଲିଆ ପଳାଇଛନ୍ତି । ଏକ ଦୁଷ୍କର୍ମ ଅଭିଯୋଗରେ ତାଙ୍କୁ ଗିରଫ କରାଯାଉଥିବା ଅବସରରେ ସେ କର୍ଣ୍ଣାଲରୁ ଫେରାର ହୋଇଯାଇଥିଲେ । ହରମିତଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି ହେବା ପରେ ଏହି କଥା ସାମ୍ନାକୁ ଆସିଥିଲା । ହରମିତ ଅଷ୍ଟ୍ରେଲିଆରେ ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ ସାକ୍ଷାତକାର ଦେଇ ନିଜ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନଙ୍କୁ ଦାୟୀ କରିଛନ୍ତି । ମାନଙ୍କ ନିକଟରେ ଅଭିଜ୍ଞତାର ଯଥେଷ୍ଟ ଅଭାବ ରହିଛି । ମନ୍ତ୍ରୀ ଓ ବିଧାୟକ ରବରଷ୍ଟାମ୍ପ ଭଳି କାର୍ଯ୍ୟ କରୁଛନ୍ତି । ବିଧାୟକଙ୍କର ୫ ପଇସାର ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି । ଏବେ ଅଷ୍ଟ୍ରେଲିଆରେ ଅଛି । ଜାମିନ ମିଳିବା ପରେ ଯାଇ ନିଜ ଅଞ୍ଚଳକୁ ଯିବି ଓ ଲୋକଙ୍କୁ ଭେଟି ପରବର୍ତ୍ତୀ ପଦକ୍ଷେପ ସମ୍ପର୍କ ନେଇ ଆଲୋଚନା କରିବି ବୋଲି ସେ କହିଛନ୍ତି ।

## ପାକ୍- ଆଫଗାନ୍ ଶାନ୍ତି ଆଲୋଚନା ପୁଣି ବିଫଳ

ଇସଲାମାବାଦ୍/କାବୁଲ, ୮ ।୧୧(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ତୃତୀୟଥର ପାଇଁ ଶାନ୍ତି ଆଲୋଚନା ବିଫଳ ହୋଇଛି । କାତାର ଓ ତୁର୍କୀର ମଧ୍ୟସ୍ତତାରେ ଇସ୍ତାନବୁଲ୍‌ରେ ଆୟୋଜିତ ଦୁଇଦିନିଆ ଶାନ୍ତି ଆଲୋଚନା ବିନା କୌଣସି ନିଷ୍କର୍ସରେ ସମାପ୍ତ ହୋଇଛି । ଏଥିପାଇଁ ଦୁଇ ଦେଶ ପରସ୍ପରକୁ ଦାୟୀ କରିଛନ୍ତି । ପାକିସ୍ତାନର ଦାୟିତ୍ୱହୀନତା ପାଇଁ ଏହି ଆଲୋଚନା ବିଫଳ ହୋଇଛି ବୋଲି ଆଫଗାନିସ୍ତାନ କହିଛି । ପାକିସ୍ତାନ ବ୍ୟବହାରିକ ଓ ଲାଗୁ ହେବା ଭଳି ସର୍ତ୍ତ ରଖିବ ବୋଲି ଆଶା କରାଯାଉଥିବା କଥା ତାଲିବାନ ସରକାରଙ୍କ ମୁଖପାତ୍ର ଜବିହଲ୍ଲା ମୁଜାହିଦ୍ କହିଛନ୍ତି । କିନ୍ତୁ ସେପରି କିଛି ହୋଇ ନଥିଲା । ପାକିସ୍ତାନୀ ଆମର ଭାଇ ଓ ବନ୍ଧୁ । କିନ୍ତୁ ଯଦି ଯଦି ପାକିସ୍ତାନ ଆକ୍ରମଣ କରେ ତା'ର ଦୃଢ଼ ଜବାବ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ସୁରକ୍ଷାର ସବୁ ଦାୟିତ୍ୱ ଆଫଗାନିସ୍ତାନ ଉପରେ ନ୍ୟସ୍ତ କରିଥିଲା । କିନ୍ତୁ ନିଜେ ସୁରକ୍ଷାର କୌଣସି ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲା । ପାକିସ୍ତାନର ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ମୁଜାହିଦ୍ କହିଛନ୍ତି ।

## ଦୁଇ ଝିଅଙ୍କ ସହ ପେଟ୍ରୋଲ ପମ୍ପ ମାଲିକଙ୍କ ଆତ୍ମହତ୍ୟା

ଅହମଦାବାଦ, ୮ ।୧୧(ଏଜେନ୍ସି): ଗୁଜରାଟ୍ ଗାନ୍ଧୀନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ୩ଟି ପେଟ୍ରୋଲ ପମ୍ପର ମାଲିକ ନିଜ ଦୁଇ ଝିଅଙ୍କ ସହ ଆତ୍ମହତ୍ୟା କରିଛନ୍ତି । ନର୍ମଦା କେନାଲରୁ ପୁଲିସ ୩ଜଣଙ୍କ ମୃତଦେହ ଉଦ୍ଧାର କରିଛି । ଦୁଇଦିନ ତଳେ ଅର୍ଥାତ ନଭେମ୍ବର ୭ରେ ପେଟ୍ରୋଲ ପମ୍ପ ମାଲିକ ନିଜ ଦୁଇ ଝିଅଙ୍କର ଆଧାରକାର୍ଡ ଅପ୍‌ଡେଟ୍ କରିବାକୁ ଘରୁ ବାହରି ଥିଲେ ଓ ଏହାପରେ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ଫଳରେ ତାଙ୍କୁ ଖୋଜିବାକୁ ପ୍ରୟାସ ଆରମ୍ଭ ହୋଇଥିଲା । ପୁଲିସ ଏହି ମାମଲାର ସବୁ ଦୃଷ୍ଟିକୋଣରୁ ଯାଞ୍ଚ କରୁଛି । ମୃତକଙ୍କୁ ଚିହ୍ନଟ କରାଯାଇଛି । ସେ ହେଉଛନ୍ତି ଗାନ୍ଧୀନଗରର ଜିଲ୍ଲାର କଲୋଲ ଅଞ୍ଚଳର ବୋରିନାନା ଗାଁର ଧୀରଜ ଭାଇ ଭଲାଭାଇ ରବାରୀ । ଏହି ଘଟଣା ରବାରୀ ସମ୍ପ୍ରଦାୟରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ଡାଇବେଟିକ, ହୃଦ୍‌ରୋଗୀ, ମୋଟା ଲୋକଙ୍କୁ ଭିସା ଦେବନି ଆମେରିକା




ୱାସିଂଟନ, ୮ ।୧୧(ଏଜେନ୍ସି): ମୋଟାପଣ, ମଧୁମେହ, ହୃଦ୍‌ରୋଗ ଓ କର୍କଟ ଭଳି ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଏବେ ଆମେରିକାରେ ପ୍ରବେଶ କରିବା କଷ୍ଟକର ହେବ । ଆମେରିକାର ବୈଦେଶିକ ବିଭାଗ ଶୁକ୍ରବାର ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକା ଦୂତାବାସ ଓ ବାଣିଜ୍ୟିକ ଦୂତାବାସକୁ ଏକ ବିଚିତ୍ର ନିର୍ଦ୍ଦେଶ ଦେଇଛି । ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକଙ୍କୁ ଆମେରିକ ଆସିବାକୁ ଅନୁମତି ନ ଦେବାକୁ ଦୂତାବାସଗୁଡିକୁ କୁହାଯାଇଛି । ଏହି ନୂଆ ନିୟମ 'ପବ୍ଲିକ ଚାର୍ଜ' (ସାର୍ବଜନୀକ ବୋଝ) ନୀତି ଉପରେ ଆଧାରିତ । ସରକାରଙ୍କ ବୋଝ କମ୍ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି । ଆମେରିକା ସରକାରଙ୍କ ସଂଶାଧନ ଉପରେ ନିର୍ଭର କରିବାକୁ ଥିବା ପ୍ରବାସୀଙ୍କୁ ରୋକିବା ଉଦ୍ଦେଶ୍ୟ ।ରେ ଏହି ନିୟମ ଜାରି କରାଯିବ ବୋଲି କୁହାଯାଇଛି । ଆବେଦକଙ୍କ ସ୍ୱାସ୍ଥ୍ୟ, ବୟସ ଓ ଆର୍ଥିକ ସ୍ଥିତିର ଯାଞ୍ଚ କରିବାକୁ ଆମେରିକା ତା'ର ଭିସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । କୌଣସି ବ୍ୟକ୍ତି ଯଦି ଭବିଷ୍ୟତରେ ମହଙ୍ଗା ଚିକିତ୍ସା ଓ ସରକାରୀ ସହାୟତା ଉପରେ ନିର୍ଭର କରିବାର ସମ୍ଭାବନା ଥିବ ସେମାନଙ୍କ ଭିସା ପ୍ରତ୍ୟାଖାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରବାସୀ ଆମେରିକା ସରକାରଙ୍କ ଉପରେ ବୋଝ ସୃଷ୍ଟି କରିବେ ନାହିଁ ବୋଲି ଭିସା ଅଧିକାରୀ ସ୍ପଷ୍ଟ କରିବେ । ଏହିକ୍ରମରେ ହୃଦରୋଗ, ନିଃଶ୍ୱାସ ନେବାରେ ସମସ୍ୟା, କର୍କଟ ରୋଗ, ଡାଇବେଟିକ, ମେଟବୋଲିକ, ସ୍ନାୟବିକ ରୋଗ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକ ଓ ଦିବ୍ୟାଙ୍ଗଙ୍କ ଦେଖାଶୁଣା ପାଇଁ ଲକ୍ଷ ଲକ୍ଷ ଡଲାର ଆବଶ୍ୟକତା ପଡ଼ିବ । ଏହାକୁ ବାଦ୍ ଦେଲେ ମୋଟାପଣ ଥିବା ଲୋକଙ୍କୁ ମଧ୍ୟ ଭିସା ନ ଦେବାକୁ କୁହାଯାଇଛି । କାରଣ ମୋଟପଣ ଯୋଗୁଁ ଉଚ୍ଚ ରକ୍ତଚାପ, ଶ୍ୱାସ, ସ୍ଲିପ ଏପନିଆ ଭଳି ରୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । କିନ୍ତୁ ଏହି ନୂଆ ନୟମ କେଉଁ ଭିସା ଆଦେଦକଙ୍କ ଉପରେ ଲାଗୁ ହେବ ତାହା ସ୍ପଷ୍ଟ କରାଯାଇନାହିଁ । ତେବେ ନିୟମ ଦୃଷ୍ଟିରୁ ଦେଖିଲେ ଏହା ସବୁ ଭିସା ଆବେଦକଙ୍କ ଉପରେ ଲାଗୁ ହେବ ବୋଲି ଅନୁମାନ କରାଯାଉଛ ।

## ରୁଷିଆ ସେନାରେ ଭର୍ତ୍ତି ହୋଇଛନ୍ତି ୧୪୦୦ ଆଫ୍ରିକୀୟ: ୟୁକ୍ରେନ

କିଭ୍, ୮ ।୧୧(ଏଜେନ୍ସି): ୟୁକ୍ରେନ ସହ ଯୁଦ୍ଧ ଲଢ଼ିବା ପାଇଁ ରୁଷିଆ ୧୪୦୦ ଆଫ୍ରିକୀୟ ନାଗରିକଙ୍କୁ ତା'ର ସେନାରେ ଭର୍ତ୍ତି କରିଛି । ୟୁକ୍ରେନ୍ ବିଦେଶ ମନ୍ତ୍ରୀ ଆନ୍ଦ୍ରିଲ୍ ସିଭିଆ ଏ ନେଇ ସୂଚନା ଦେଇଛନ୍ତି । ଏହା ନିଶ୍ଚିତ ଭାବେ ଚିନ୍ତାଜନକ । ଆଫ୍ରିକୀୟ ଦେଶଗୁଡିକର ସରକାର ଏ ନେଇ ଅବଗତ ହେବା ଓ ନିଜ ନାଗରିକଙ୍କୁ ଏହି ଯୁଦ୍ଧରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେବା ଉଚିତ ବୋଲି ସେ କହିଛନ୍ତି । ରୁଷିଆ ବିଭିନ୍ନ ଉପାୟ ଅବଲମ୍ବନ କରି ଆଫ୍ରିକାର ଯୁବକଙ୍କୁ ତା'ର ସେନାରେ ଚତୁରତାର ସହ ଭର୍ତ୍ତି କରୁଛି । ସେମାନଙ୍କୁ ଅର୍ଥ ଲୋଭ ଦେଖାଯାଉଛି । ପୁଣି କେତେଜଣଙ୍କୁ ଠକାମୀ କରି ଚୁକ୍ତିରେ ସ୍ୱାକ୍ଷର କରିବାକୁ କୁହାଯାଉଛି । କେବଳ ସେତିକି ନୁହେଁ ଆଫ୍ରିକୀୟ ନାଗରିକମାନେ କ'ଣ ପାଇଁ ଚୁକ୍ତିରେ ସ୍ୱାକ୍ଷର କରୁଛନ୍ତି ସେ ନେଇ ଅବଗତ ମଧ୍ୟ ନଥାନ୍ତି କିମ୍ବା ସେମାନଙ୍କୁ ଚାପର ବଶବର୍ତ୍ତୀ କରାଯାଇ ସେନାରେ ଭର୍ତ୍ତି କରାଯାଉଛି । ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିବା ଅର୍ଥ ମୃତ୍ୟୁଦଣ୍ଡକୁ ଡାକି ଆଣିବା ବୋଲି ସେ କହିଛନ୍ତି । ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆ ପକ୍ଷରୁ ନିଜର ନାଗରିକ ଲଢୁଛନ୍ତି ବୋଲି ଜାଣିବା ପରେ ଦକ୍ଷିଣ ଆଫ୍ରିକା ମଧ୍ୟ ଏ ନେଇ ତଦନ୍ତ ଆରମ୍ଭ କରିଛି । ଭାରତୀୟମାନେ ମଧ୍ୟ ରୁଷିଆ ତରଫରୁ ଯୁଦ୍ଧ ଲଢ଼ିବା ନେଇ ଖବର ପ୍ରକାଶ ପାଇଛି । ରୁଷିଆ ସେନାରେ ଏବେ ୪୪ ଜଣ ଭାରତୀୟ ଅଛନ୍ତି ବୋଲି ଭାରତ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୁହାଯାଇଛି ।

# 'ଚିକେନ୍ ନେକ୍'ରେ ଆହୁରି ସକ୍ରିୟ ହେଲା ଭାରତ

## ବାଂଲା ସୀମାରେ ୩ ନୂଆ ଘାଟି ପ୍ରତିଷ୍ଠା




### ବାଂଲାଦେଶକୁ ଜବାବ ଦେବାକୁ ଭାରତ ପ୍ରସ୍ତୁତ

ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ବିତାଡ଼ିତ ହେବା ପରଠୁ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବାରେ ଲାଗିଛି । କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ବିବାଦୀୟ ପଦକ୍ଷେପ ତିକ୍ତତାକୁ ଅଧିକ ବଢ଼ାଇ ଦେଇଛି । ସେ ଗୋଟିଏ ପରେ ଗୋଟିଏ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନେଇ ଭାରତକୁ ଚିଡ଼ାଇ ପାକିସ୍ତାନ ଏବଂ ଚୀନ୍ ସହ ଘନିଷ୍ଠତା ବୃଦ୍ଧି କରି ଚାଲିଛନ୍ତି । ଭୂରାଜନୈତିକ ବିବାଦ ବଢ଼ି ଚାଲିଥିବାବେଳେ ଭାରତର 'ଚିକେନ ନେକ୍' କୁହାଯାଉଥିବା ସିଲିଗୁଡି କରିଡର ସୀମାରେ ନିଜ ଲାଲମୋନିରହାଟ ଏୟାରବେସ୍‌କୁ ୟୁନୁସ ସମ୍ପ୍ରସାରଣ କରୁଛନ୍ତି । ନୂଆ ହ୍ୟାଙ୍ଗର, ଜେଟ୍ ପାର୍କିଂ ଏବଂ ରାଡାର ସିଷ୍ଟମ ଲଗାଉଛନ୍ତି । ଭାରତ ସହ କୂଟନୈତିକ ସମ୍ବନ୍ଧ ଠିକ୍ ନ ଥିବାବେଳେ ୟୁନୁସ ଏପରି ଉସୁକାଇବା ଭଳି ପଦକ୍ଷେପ ନେଇଛନ୍ତି । ବାଂଲାଦେଶର ଏଭଳି ଦୁଃସାହସକୁ ଜବାବ ଦେବା ପାଇଁ ଭାରତ ବଡ଼ ପଦକ୍ଷେପ ନେଇଛି । ସୀମା ସୁରକ୍ଷାକୁ ମଜବୁତ କରିବାକୁ 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର'ର ଭାରତ-ବାଂଲାଦେଶ ସୀମା ନିକଟରେ ୩ ନୂଆ ସେନା ଘାଟି ତଥା ପୋଷ୍ଟ ପ୍ରତିଷ୍ଠା କରିଛି । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସିଲିଗୁଡି କରିଡର ତଥା 'ଚିକେନ ନେକ'ର ସୁରକ୍ଷା ପାଇଁ ଧୁବ୍ରି ନିକଟସ୍ଥ ବାମୁନି, କିଶାନଗଞ୍ଜ ଏବଂ ଚୋପ୍ରାରେ ଏହି ସେନା ପୋଷ୍ଟ ନିର୍ମାଣ କରାଯାଇଛି । ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ସୀମା ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଯାଇଛି ।

ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତର ସର୍ବାଧିକ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ 'ଚିକେନ ନେକ'ରେ ସାମରିକ ବ୍ୟବଧାନକୁ ଦୂର କରିବା, ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ଏବଂ ତ୍ୱରିତ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି । ଉତ୍ତର ପଶ୍ଚିମବଙ୍ଗରେ ଥିବା ଏହି ୪୦ କିଲୋମିଟର ଦୀର୍ଘ ଓ ୨୨ କିମି ଚଉଡ଼ାର ସିଲିଗୁଡି କରିଡର ଭାରତର ମୂଳ ଭାଗକୁ ସାତଟି ଉତ୍ତର-ପୂର୍ବ ରାଜ୍ୟ ସହିତ ସଂଯୋଗ କରୁଛି । ଏହା ନେପାଳ, ଭୁଟାନ, ବାଂଲାଦେଶ ଏବଂ ଚୀନ୍ ମଧ୍ୟରେ ଅବସ୍ଥିତ । କିଛି ଦିନ ତଳେ ପାକିସ୍ତାନର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଅଧ୍ୟକ୍ଷ ଜେନେରାଲ ସାହିର ସମ୍‌ସାଦ ମିର୍ଜାଙ୍କୁ ମହମ୍ମଦ ୟୁନୁସ ଭେଟିଥିଲେ । ଉଭୟେ ଯୋଗାଯୋଗ ଏବଂ ପ୍ରତିରକ୍ଷା ସହଯୋଗକୁ ନେଇ ଆଲୋଚନାର ଖବର ମିଳିବା ପରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ରିପୋର୍ଟ ଅନୁଯାୟୀ ମହମ୍ମଦ ୟୁନୁସ ଏହି ଅଞ୍ଚଳରେ କ୍ଷମତା ସନ୍ତୁଳନକୁ ନୂଆ ରୂପ ଦେବାକୁ ଚାହୁଁଛନ୍ତି । ଏଥିପାଇଁ ରଣନୈତିକ ଦୃଷ୍ଟିରୁ ମଧ୍ୟ କାର୍ଯ୍ୟାରମ୍ଭ କରିଦେଇଛନ୍ତି । ଏହାଦ୍ୱାରା ସିଲିଗୁଡି କରିଡରର ସୁରକ୍ଷା ଗମ୍ଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି ଯେ ଏହି ଅଞ୍ଚଳ ଭାରତର ସବୁଠୁ ସୁଦୃଢ଼ ପ୍ରତିରକ୍ଷା କରିଡର । ସିଲିଗୁଡି କରିଡରରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି । ନୂଆ ଘାଟି ପ୍ରତିଷ୍ଠା ଦ୍ୱାରା ଲଜିଷ୍ଟିକ, ପ୍ରତିକ୍ରିୟା କ୍ଷମତା ଏବଂ ଗୁଇନ୍ଦା ସୂଚନା ମିଳିବାରେ ଆହୁରି ସହଜ ହୋଇଯିବ । ଚିକେନ ନେକ୍‌କୁ ନେଇ ଭିନ୍ନ ଦୃଷ୍ଟିକୋଣ ରହିଛି । ଏହା ଭାରତର ସବୁଠାରୁ ମଜବୁତ କ୍ଷେତ୍ର । କାରଣ ପଶ୍ଚିମବଙ୍ଗ, ସିକିମ ଏବଂ ଉତ୍ତରପୂର୍ବର ଭାରତରେ କାର୍ଯ୍ୟରତ ସେନାବାହିନୀକୁ ଏଠାରେ ଏକାଠି ମୁତୟନ କରିହେବ ।




୨୪ ଘଣ୍ଟା ପରେ ସ୍ୱାଭାବିକ ହେଲା ଦିଲ୍ଲୀ ବିମାନ ବନ୍ଦର । ଶୁକ୍ରବାର ଏଟିସିରେ ବୈଷୟିକ ସମସ୍ୟା ଯୋଗୁଁ ୮୦୦ ବିମାନ ଉଡାଣ ବିଳମ୍ବିତ ହୋଇଥିଲା ।

## ଆମେରିକାରେ ସଟ୍ ଡାଉନ୍ ଯନ୍ତ୍ରଣା

### ୪୦ ବିମାନ ବନ୍ଦରରେ ୫୦୦୦ ଉଡ଼ାଣ ବାତିଲ



ୱାସିଂଟନ, ୮ ।୧୧(ଏଜେନ୍ସି): ଆମେରିକାରେ ବହୁ ଚର୍ଚ୍ଚିତ ସଟ୍‌ଡାଉନ୍ ଏବେ ରେକର୍ଡ ୩୮ ଦିନରେ ପହଞ୍ଚିଛି । ଫଳରେ ବିମାନ ବନ୍ଦରରେ ଦେଖାଦେଇଥିବା ସମସ୍ୟା ବୃଦ୍ଧିପାଇବାରେ ଲାଗିଛି । ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସଟ୍‌ଡାଉନର ନକାରାତ୍ମକ ପ୍ରଭାବ ବିମାନ ବନ୍ଦରଗୁଡିକରେ ସବୁଠାରୁ ଅଧିକ ପଡ଼ିଥିବା ଲକ୍ଷ୍ୟ କରାଯାଇଛି । ଆମେରିକାରେ ୪୦ଟି ବୃହତ ବିମାନ ବନ୍ଦରରେ ବିମାନ ଉଡାଣକୁ ହ୍ରାସ କରାଯାଇଛି ବୋଲି ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍‌ଏଏ) ତରଫରୁ କୁହାଯାଇଛି । ଫଳରେ ମୋଟ୍ ଉପରେ ୫, ୦୦୦ ବିମାନ ଉଡାଣକୁ ବାତିଲ କରାଯାଇଛି । ଏଥିରେ ୱାସିଂଟନ ଡିସି ଓ ନ୍ୟୁୟର୍କର ବିମାନ ବନ୍ଦର ସାମିଲ ରହିଛି । ଏବେ ପ୍ରତିଦିନ ୧, ୮୦୦ ଉଡାଣ ବାତିଲ ହେବାର ଆଶଙ୍କା ସୃଷ୍ଟି ହୋଇଛି ଓ ୨, ୬୮ ଲକ୍ଷ ଯାତ୍ରୀ ପ୍ରଭାବିତ ହେବା ନିଶ୍ଚିତ ହୋଇଛି । ଆମେରିକା ଇତିହାସରେ ଏହା ସବୁଠାରୁ ଦୀର୍ଘ ସଟ୍‌ଡାଉନ ବିବେଚିତ ହୋଇଛି । ଆଟଲାଣ୍ଟା, ଡେନଭେର, ଡଲାସ, ସାନ ଫ୍ରାନସିସ୍କୋ ଓ ୱାସିଂଟନ ଭଳି ବୃହତ ତଥା ଗୁରୁତ୍ୱପୂର୍ଣ୍ଣ ବିମାନ ବନ୍ଦର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ରେଗାନ ନ୍ୟାସନାଲ ବିମାନ ବନ୍ଦରରେ ପାଖାପାଖି ୪୦ ପ୍ରତିଶତ ବିମାନ ବିଳମ୍ବିତ ହୋଇଛି ।

## ଆଫ୍ରିକୀୟ ଦେଶ ମାଲିରେ ୫ ଭାରତୀୟଙ୍କୁ ଅପହରଣ

ନୂଆଦିଲ୍ଲୀ, ୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ କେତେକ ସଶସ୍ତ୍ର ଆକ୍ରମଣକାରୀ ଗୁରୁବାର କୋବରୀ ଅଞ୍ଚଳରୁ ଭାରତୀୟ ନାଗରିକଙ୍କୁ ଅପହରଣ କରିଛନ୍ତି । ଏମାନେ ଏକ ସ୍ଥାନୀୟ ବିଜୁଳି ପରିଯୋଜନା ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଥିଲେ । ଏହି ଭାରତୀୟ ମାନେ ଏକ ସ୍ଥାନୀୟ କମ୍ପାନୀରେ ନିୟୋଜିତ ଥିଲେ । କିନ୍ତୁ ଏହି ଘଟଣା ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀ ଅନ୍ୟ ଭାରତୀୟମାନଙ୍କୁ ରାଜଧାନୀ ବାମାକୋକୁ ପଠାଇ ଦେଇଛି । ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି ବୋଲି କମ୍ପାନୀର ଅଧିକାରମାନେ କହିଛନ୍ତି । ଏପର୍ଯ୍ୟନ୍ତ ଏହି ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି । ଉଲ୍ଲେଖଥାଉ କି, ମାଲିରେ ଗତ କେତେବର୍ଷ ହେବ ରାଜନୈତିକ ଓ କଠୋରପନ୍ଥୀ ଅସ୍ଥିରତା ଜାରି ରହିଛି । ଆଲକାଏଦା ସହିତ ଜଡିତ ଆତଙ୍କବାଦୀ ସଂଗଠନ ଗ୍ରୁପ ଫର ଦି ସପୋର୍ଟ ଅଫ୍ ଇସ୍‌ଲାମ ଆଣ୍ଡ ମୁସଲିମ୍ (ଜେଏନ୍‌ଆଇଏମ୍) ନିକଟରେ ମାଲିରେ ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଏହି ସଂଗଠନ ଦେଶରେ ଇନ୍ଧନର ଯୋଗାଣକୁ ନିଷିଦ୍ଧ କରିଛି । ଫଳରେ ଆର୍ଥିକ ସଂକଟକୁ ଆହୁରି ଖରାପ କରିଛି । ଏବେ ମାଲିରେ ଅପହରଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ୨୦୧୨ରୁ ଦେଶରେ ଚାଲି ଆସୁଥିବା ବିଦ୍ରୋହ, ବାରମ୍ବାର ସେନା ଦ୍ୱାର ହେଉଥିବା ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଓ ଜିହାଦୀ ଆକ୍ରମଣ ଦେଶର ଶାସନ ଓ ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଛି । ଗତ ସେପ୍ଟେମ୍ବରରେ ଜେଏନ୍‌ଆଇଏମ୍ ଆତଙ୍କବାଦୀମାନେ ୟୁଏଇ ଓ ଇରାନର ନାଗରିକଙ୍କୁ ଅପହରଣ କରିଥିଲେ ଓ ଏମାନଙ୍କୁ ୫୦ ନିୟୁତ ଡଲାର ବିନିମୟରେ ମୁକ୍ତ କରିଥିଲେ ବୋଲି କୁହାଯାଉଛି । ଏବେ ଜେଏନ୍‌ଆଇଏମ୍ ଆତଙ୍କବାଦୀ ସଂଗଠନ ସାରା ଦେଶରେ ତା'ର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇଛି । ମାଲିର ସେନା ସରକାର ଜେଏନ୍‌ଆଇଏମ୍‌କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ।

## ମମ୍‌ଦାନୀଙ୍କୁ ନେଇ ଅରବପତି ଭୟଭୀତ କାହିଁକି?

ୱାଶିଂଟନ, ୮।୧୧ (ଏଜେନ୍ସି): ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଭବ ଜୋହରାନ ମମଦାନୀ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧୀ ଭାବେ ପରିଚିତ ମମଦାନୀଙ୍କ ବିଜୟ ଅରବପତିଙ୍କ ମନରେ ଭୟ ସୃଷ୍ଟି କରିଛି । ଯେକୌଣସି ସମୟରେ କାର୍ଯ୍ୟାନୁଷ୍ଠାନର ଭୟ ରହିଛି । ଏଥିପାଇଁ ଅନେକ ଧନୀ ସହର ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି । ନ୍ୟୁୟର୍କର ୯ ପ୍ରତିଶତ ଅର୍ଥାତ ପ୍ରାୟ ୭.୬୫ ଲକ୍ଷ ଧନୀ ବ୍ୟକ୍ତି ସହର ଛାଡ଼ି ଅନ୍ୟତ୍ର ପଳାୟନ କରିପାରନ୍ତି । ଜେ.ଏଲ ପାର୍ଟନର୍ସ ସର୍ଭେରୁ ଏହି ସୂଚନା ସାମ୍‌ନାକୁ ଆସିଛି ।

ଧନୀଙ୍କ ଏହି ଭୟ ପଛରେ ମେୟର ନିର୍ବାଚନ ପ୍ରଚାର ସମୟରେ ମମଦାନୀ ଦେଇଥିବା ପ୍ରତିଶ୍ରୁତି ରହିଛି । ସେ ଧନୀ ବ୍ୟକ୍ତି ଏବଂ ବଡ଼ ବଡ଼ କମ୍ପାନୀଙ୍କ ଉପରେ ଅତିରିକ୍ତ ଟିକସ ଲଗାଇବାକୁ ଘୋଷଣା କରିଥିଲେ । ଏହା ମାଧ୍ୟମରେ ୯ ବିଲିୟନ ଡଲାର ସଂଗ୍ରହ କରିବାକୁ ଆଶା ରଖିଥିଲେ । ମମଦାନୀ ଭୟ ମଧ୍ୟରେ ଟେକ୍ସାସର ରିପବ୍ଲିକାନ ଗଭର୍ଣ୍ଣର ଗ୍ରେଗ ଆବଟ ପୂର୍ବରୁ ଦେଇଥିବା ଧମକକୁ ନେଇ ଧନୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ମମଦାନୀ ବିଜୟୀ ହେବା ପରେ ଯଦି ନ୍ୟୁୟର୍କ ଲୋକେ ଟେକ୍ସାସ ଆସିବେ ତେବେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ସେ କହିଥିଲେ ।

ସର୍ଭେରୁ ଜଣାପଡ଼ିଛି ଯେ ମମଦାନୀଙ୍କ ବିଜୟ ଯୋଗୁଁ ୨୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୨୧ ଲକ୍ଷ ଲୋକ ସହର ଛାଡିବାକୁ ବିଚାର କରୁଛନ୍ତି । ଯଦି ଏହା ସତ ସାବ୍ୟସ୍ତ ହୁଏ ତେବେ ଏହା ଆମେରିକା ଇତିହାସର ସବୁଠାରୁ ବଡ଼ ସହରୀ ପଳାୟନ ହେବ । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସହର ଗଭୀର ଭାବେ ପ୍ରଭାବିତ ହେବ । ୨.୩ ଟ୍ରିଲିୟନ ଜିଡିପି ବିଶିଷ୍ଟ ନ୍ୟୁୟର୍କର ମୋଟ ଜନସଂଖ୍ୟା ୮୪ ଲକ୍ଷ । ତେବେ ଏଥିରୁ ୯ ପ୍ରତିଶିତ ନିଶ୍ଚିତ ଭାବେ ସହର ଛାଡିବାକୁ ବିଚାର କରୁଛନ୍ତି । ସେହିପରି ୧୩ ପ୍ରତିଶତ ଗୋରା ଏବଂ ଏସିଆ ମହାଦେଶର ୧୧ ପ୍ରତିଶତ ମୂଳ ବଂଶୋଭବ ସହର ଛାଡ଼ିପାରନ୍ତି । ଏତେ ଲୋକ ସହର ଛାଡ଼ିଲେ ଆର୍ଥିକ ଭୂକମ୍ପ ସୃଷ୍ଟି ହେବ ବୋଲି ପୋଲଷ୍ଟର ଜେମ୍‌ସ ଜନସନ କହିଛନ୍ତି ।

## କଶ୍ମୀର କୁପୱାରାରେ ଦୁଇ ଆତଙ୍କବାଦୀ ନିହତ

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରର କୁପୱାରା ଜିଲ୍ଲାର କେରାନ ସେକ୍ଟରରେ ଶନିବାର ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ନିୟନ୍ତ୍ରଣ ରେଖା ନିକଟରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବା ନେଇ ଭାରତୀୟ ସେନାକୁ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା । ଏହାପରେ ଆତଙ୍କବାଦୀଙ୍କ ବିରୋଧରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ । ଜବାବରେ ସେନା ଗୁଳିରେ ଏହି ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନାର ଚେନ୍ନାର କର୍ପ୍ସ ୟୁନିଟ୍ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏବେ ମଧ୍ୟ ଅପରେସନ ଚାଲୁ ରହିଛି । ସେନା ଏହାକୁ 'ଅପରେସନ୍ ପିମ୍ପଲ' ନାମ ଦେଇଛି । ନିହତ ହୋଇଥିବା ଆତଙ୍କବାଦୀ ଓ ସେମାନଙ୍କ ସଂଗଠନ ନେଇ କୌଣସି ସୂଚନା ମିଳିନାହିଁ । ପୂର୍ବରୁ ନଭେମ୍ବର ୫ରେ କିସ୍ତୱାର ଜିଲ୍ଲାରେ ଛତ୍ରୁରେ ଏନ୍‌କାଉଣ୍ଟର ହୋଇଥିଲା ଓ ଆତଙ୍କବାଦୀଙ୍କ ଗୁଳିରେ ଜଣେ ଭାରତୀୟ ଯବାନ ଆହତ ହୋଇଥିଲେ । ଇତିମଧ୍ୟରେ ଜମ୍ମୁ-କଶ୍ମୀର ପୁଲିସର କାଉଣ୍ଟରନ ଇଣ୍ଟେଲିଜେନ୍ସ କଶ୍ମୀର (ସିଆଇକେ) ଶନିବାର ରାଜ୍ୟର ଏକାଧିକ ଘାଟିରେ ଚଢ଼ାଉ କରିଥିଲା । ଏହାପୂର୍ବରୁ କୁପୱାରା ଜିଲ୍ଲାରେ ଅକ୍ଟୋବର ୧୩ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ ।



ମାର୍ଗଶିର ମାଣବସା ପାଇଁ ବଡ଼ଦାଣ୍ଡରେ ଧାନ ମେଣ୍ଟା ବିକ୍ରି

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'

ନୂଆପଡ଼ା, ୮ ।୧୧(ସମିସ): ନୂଆପଡ଼ା ଉପନିର୍ବାଚନକୁ ମାତ୍ର ଦୁଇ ଦିନ ବାକି ଥିବା ବେଳେ ପ୍ରଚାର ସରଗରମ ହୋଇଛି। ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ନୂଆପଡ଼ା ଜିଲ୍ଲା ଗସ୍ତ କରି ପ୍ରଚାରକୁ ଜୋରଦାର କରିଛନ୍ତି। ଶ୍ରୀ ମାଝୀ ଶନିବାର ଷଷ୍ଠଥର ପାଇଁ ନୂଆପଡ଼ା ଗସ୍ତ କରି ନୂଆପଡ଼ା ସହରରେ

**ଜୟ ଢୋଲକିଆଙ୍କ ପାଇଁ ନିର୍ବାଚନ ପ୍ରଚାର**

ରୋଡ୍ ଶୋ' କରିବା ସହ ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଶନିବାର ମଧ୍ୟାହ୍ନରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୁନାବେଡ଼ାରେ ପହଞ୍ଚିଥିଲେ। ସେଠାରେ ମା' ସୁନାଦେଈଙ୍କୁ ପୂଜାର୍ଚ୍ଚନା କରିବା ପରେ ସୁନାବେଡ଼ା ବସ୍ତିରେ ବୁଲିବୁଲି ଆଦିବାସୀ ମହିଳାମାନଙ୍କୁ ଭେଟିଥିଲେ। ସୁନାବେଡ଼ାରେ ବୟସ୍କ, ଯୁବ ଏବଂ ମହିଳାଙ୍କୁ ସାକ୍ଷାତ କରି ଭୋଟ ଭିକ୍ଷା କରିଥିଲେ।



# ନୂଆପଡ଼ା ନିର୍ବାଚନରେ 'ଏଆଇ ୱାର୍'

ଭୁବନେଶ୍ୱର, ୮।୧୧ (ସମିସ): ନୂଆପଡ଼ା ଉପନର୍ବାଚନ ପାଇଁ ସରଗରମ ହୋଇଛି ରାଜ୍ୟ ରାଜନୀତି। ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠାରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳରେ ହେଭିୱେଟ୍ ନେତାମାନେ ନୂଆପଡ଼ାରେ ଡେରା ପକାଇଛନ୍ତି। ଦଳଗୁଡ଼ିକ ନିଜନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ଯୋଗାଡ଼ ପାଇଁ ନାନା କୌଶଳ ଆପଣାଇଥିବା ବେଳେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିଡିଓ ଓ ଫଟୋ ମଧ୍ୟ ଭୋଟର୍‌ଙ୍କୁ ପ୍ରଭାବିତ କରିବାର ଏକ ପ୍ରମୁଖ ମାଧ୍ୟମ ସାଜିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସୋସିଆଲ ମିଡିଆ ଆକାଉଣ୍ଟମାନଙ୍କର ଫଟୋ, ଭିଡିଓ ଓ ରିଲ୍ସ ସାଙ୍ଗକୁ ଏଆଇ ଭିଡିଓଗୁଡ଼ିକୁ ପୋଷ୍ଟ କରାଯାଇଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ପଡ଼ିଥିବା ବେଳେ ଉଭୟ ବିଜେଡି ଏବଂ ବିଜେପି ମଧ୍ୟ କଡ଼ା ଫାଇଟ୍ ଦେଖିବାକୁ ମିଳୁଛି।

ଅନ୍ୟପଟେ, ନୂଆପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ 'ଏଆଇ ଫାଇଟ୍' ଯୋଗୁଁ ଅନେକ ଭୋଟ୍‌ର ଦ୍ୱନ୍ଦରେ ପଡ଼ିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ନିର୍ବାଚନମଣ୍ଡଳୀରେ ପ୍ରାୟ ୪୦ ପ୍ରତିଶତ ଆଦିବାସୀ ଭୋଟର୍ ରହିଛନ୍ତି। ସାଧାରଣତଃ ଏମାନେ ସରଳ ବିଶ୍ୱାସୀ। ତେଣୁ ଏଆଇ ଭିଡିଓଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବା ଏମାନଙ୍କ ପକ୍ଷେ ସମ୍ଭବ ନୁହେଁ। ଅନେକେ ଏଆଇ ଭିଡିଓକୁ ସତ ବୋଲି ମଧ୍ୟ ବିଚାର କରିନେଉଛନ୍ତି। ଫଳରେ ଏଆଇ ଭିଡିଓ ଓ ଫଟୋର ପ୍ରଭାବ

- **ଆରୋପ ପ୍ରତ୍ୟାରୋପରେ ଏଆଇ ଭିଡିଓ, ଦ୍ୱନ୍ଦରେ ଭୋଟର୍**
- **ସମ୍ବେଦନଶୀଳ ଭିଡିଓକୁ ନେଇ ସିଇଓଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ**

ଭୋଟର୍‌ଙ୍କ ଉପରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ନିର୍ବାଚନ କମିସନଙ୍କ ଗାଇଡ୍‌ଲାଇନ୍ ଅନୁସାରେ, କୌଣସି ରାଜନୈତିକ ଦଳ ସେମାନଙ୍କ ପ୍ରଚାର ପାଇଁ କୌଣସି ଭିଡିଓ ଜାରି କରିବା ପୂର୍ବରୁ ଏହାର ଅନୁମତି ନେବା ବାଧ୍ୟତାମୂଳକ। ହେଲେ ଏଆଇ ଭିଡିଓ କ୍ଷେତ୍ରରେ ଏହା କେତେ କାର୍ଯ୍ୟକାରୀ ହେଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦିଓ ଏଆଇ ଭିଡିଓଗୁଡ଼ିକ ପୋଷ୍ଟ କରୁଥିବା ରାଜନୈତିକ ଦଳଗୁଡ଼ିକ ଏଥିରେ ନିଜନିଜ ଦଳର ୱାଟର୍‌ମାର୍କ ରଖିବାର ନିୟମ ରହିଛି, ହେଲେ ଏହା ମଧ୍ୟ ପାଳନ ହେଉନଥିବା ଦେଖିବାକୁ ମିଳିଛି। ବିଶେଷକରି ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିଜନିଜ ଦଳୀୟ ସୋସିଆଲ ମିଡିଆ ଆକାଉଣ୍ଟ ପରିବର୍ତ୍ତେ ପ୍ରଚ୍ଛଦପଟରେ ରହୁଥିବା ଆଇଟି ସେଲ୍, ବିଭିନ୍ନ ଫ୍ୟାନ୍ ପେଜ୍ ଓ ଅନ୍ୟ ଆକାଉଣ୍ଟଗୁଡ଼ିକରେ ପୋଷ୍ଟ କରୁଛନ୍ତି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହୁଛି। ତେବେ ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିବା ବେଳେ ଏଭଳି କୌଣସି ଭିଡିଓ ପ୍ରସାରିତ ହେଉଥିଲେ ତୁରନ୍ତ ତାଙ୍କ ଦୃଷ୍ଟିକୁ ଆଣିବାକୁ କହିଛନ୍ତି। ଏଭଳି ଭିଡିଓ ପ୍ରସାରଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ମତଦାନ ହେବାକୁ ଥିବା ବେଳେ ୯ ତାରିଖରେ ପ୍ରଚାର ଶେଷ ହେଉଛି।

**ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ନାହିଁ**

# ଗୋଟିଏ ଦିନରେ ଦୁଇଟି ନିଯୁକ୍ତି ପରୀକ୍ଷା

ଭୁବନେଶ୍ୱର, ୮ ।୧୧(ସମିସ): ରାଜ୍ୟରେ ନିୟମିତ ଭାବେ ନିଯୁକ୍ତି ପରୀକ୍ଷା ହେଉନାହିଁ। ଫଳରେ ଯେତିକି ପରୀକ୍ଷା ହେଉଛି, ଆଶାୟୀମାନେ ତାକୁ ଚାତକ ପରି ଚାହିଁ ରହୁଛନ୍ତି। ହେଲେ ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେଉଥିବାରୁ ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା ପରି ସେମାନଙ୍କ ବର୍ଷବର୍ଷର ପରିଶ୍ରମ ପାଣିରେ ମିଳେଇ ଯାଉଛି। ପରୀକ୍ଷା ଦେବାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଉଛନ୍ତି। ଆସନ୍ତାକାଲି (ରବିବାର) ଦିନ ଏଜି ଏଏସ୍‌ଓ ଏବଂ ଆର୍‌ଆଇ ଅମିନ ପରୀକ୍ଷା ଥିବାରୁ ବହୁ ଛାତ୍ରଛାତ୍ରୀ ଗୋଟିଏ ପରୀକ୍ଷାରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

**ଅସନ୍ତୋଷ ବ୍ୟକ୍ତ କଲେ ଆଶାୟୀ**

ରବିବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଏଜି ଏଏସ୍‌ଓ ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରିଚାଳିତ ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଆଇସିଡିଏସ୍ ସୁପରଭାଇଜର୍ ପଦ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ଗୋଟିଏ ଦିନରେ ଏହି ଦୁଇଟି ପରୀକ୍ଷା ଥିବାରୁ ବହୁ ମେଧାବୀ ଆଶାୟୀ କେବଳ ଗୋଟିଏ ପରୀକ୍ଷା ଦେଇପାରିବେ। ପରୀକ୍ଷା ପରିଚାଳନା କରୁଥିବା ଆୟୋଗଗୁଡ଼ିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏପରି ସ୍ଥିତି ବାରମ୍ବାର ହେଉଛି। ଏଥିପାଇଁ ଦୀର୍ଘ ବର୍ଷ ଧରି ପାଠପଢ଼ା ଜାରି ରଖିଥିବା ଆଶାୟୀମାନେ ନିରାଶ ହେବା ସହ ସରକାରଙ୍କୁ ଦାୟୀ କରିଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସରକାର ବିଫଳ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

ଜଣେ ନିଯୁକ୍ତି ଆଶାୟୀ ସୁନୀଲ କୁମାର ମିଶ୍ର କହିଛନ୍ତି ଯେ ରାଜ୍ୟରେ ବର୍ଷେ ହେଲା କୌଣସି ନୂତନ ନିଯୁକ୍ତି ବାହାରି ନାହିଁ। ଦେଢ଼ବର୍ଷ ହେଲା ନିୟମିତ ଭାବେ ପରୀକ୍ଷା ହେଉନାହିଁ। ଯାହା କିଛି ବି ପରୀକ୍ଷା ହେଉଛି, ତହିଁରେ ବ୍ୟାପକ ବିଭ୍ରାଟ ଓ ଚାକିରି ବିକ୍ରି ଘଟଣା ପଦାକୁ ଆସୁଛି। ଏତେ ସବୁ ପରେ ଯଦି ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେବ, ଆଶାୟୀମାନେ କିପରି ଧୈର୍ଯ୍ୟ ରଖିବେ ବୋଲି ପ୍ରଶ୍ନ କରିଛନ୍ତି। ଦିନକୁ ଦିନ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଉଥିବାରୁ ନିଯୁକ୍ତି ପରୀକ୍ଷାକୁ ବ୍ୟବସ୍ଥିତ କରିବା ସହ ନୂତନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସେ ଦାବି କରିଛନ୍ତି।

# ଦେଢ଼ କୋଟି ଟଙ୍କାର ଗଞ୍ଜେଇ ସହ କାର୍ ଜବତ



ସୁନାବେଡ଼ା, ୮।୧୧(ସମିସ): ସୁନାବେଡ଼ା ପୁଲିସ ଦେଢ଼କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି। କିଛି ବ୍ୟକ୍ତି ବେଆଇନ ଭାବେ ଗଞ୍ଜେଇ ନେଇ ମାଛକୁଣ୍ଡରୁ ସୁନାବେଡ଼ା ଅଭିମୁଖେ ଆସୁଥିବା ସମ୍ପର୍କରେ ସୁନାବେଡ଼ା ପୁଲିସକୁ ସୂଚନା ମିଳିଥିଲା। ସୂଚନା ପାଇ ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ସୁନାବେଡ଼ା ଥାନା ଇନ୍ସପେକ୍ଟର୍ ଚରଣ ସିଂହ ମାଝୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ସାନ ବୋଡିଙ୍ଗା ନିକଟରେ ଦିନବେଳା ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସୁନାବେଡ଼ା ଅଭିମୁଖେ ଆସୁଥିବା ଏକ କାର୍(ଓ ଆର-୦୨-ଏଏଲ -୦୮୦୧) କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୨୮୩ କିଲୋଗ୍ରାମ ଚୋରା ଗଞ୍ଜେଇ ଚିହ୍ନଟ କରିଥିଲେ। ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ହୋଇଥିବା ଗଞ୍ଜେଇର ଓଜନ କରିବାରେ ସେଥିରେ ୨୮୩ କିଲୋଗ୍ରାମ ଚୋରା ଗଞ୍ଜେଇ ଥିବା ଓ ଏହାର ମୂଲ୍ୟ ପ୍ରାୟ ୧,୪୧,୫୦,୦୦୦ ଟଙ୍କା ତଥା ପ୍ରାୟ ଦେଢ଼କୋଟି ଟଙ୍କା ହେବ ବୋଲି ଜଣାପଡ଼ିଥିଲା। ଗଞ୍ଜେଇ ସହ ଏକ କାର୍(ଓ ଆର-୦୨- ଏଏଲ -୦୮୦୧)କୁ ଜବତ କରାଯାଇଥିବା ପୁଲିସ ଶନିବାର ସୂଚନା ଦେଇଛି। ତେବେ ଚଢ଼ଉ ବେଳେ ଚାଲାଣକାରୀ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିବା ପୁଲିସ କହିଛି। ଚୋରା ଗଞ୍ଜେଇର ଉତ୍ପତ୍ତି ଖୋଜିବା ଏବଂ ଅବୈଧ ଗଞ୍ଜେଇ ବ୍ୟବସାୟରେ ଜଡ଼ିତ ନେଟ୍‌ୱର୍କକୁ ଠାବ କରିବା ପାଇଁ ତଦନ୍ତ ଚାଲିଛି ବୋଲି ସୁନାବେଡ଼ା ପୁଲିସ ପକ୍ଷରୁ ପ୍ରେସ ବିବୃତିରେ କୁହାଯାଇଛି।

# ଆଇଏଫ୍‌ଏଫ୍‌ଆଇରେ ପ୍ରଦର୍ଶିତ ହେବ ଓଡ଼ିଆ ସିନେମା 'ବିନ୍ଦୁସାଗର'

ଭୁବନେଶ୍ୱର, ୮।୧୧(ସମିସ): ଗୋଆରେ ଆୟୋଜିତ ହେବାକୁ ଥିବା ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍‌ଏଫ୍‌ଆଇ)ର ୫୬ତମ ସଂସ୍କରଣରେ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' ପ୍ରଦର୍ଶିତ ହେବ। ଏହି ଚଳଚ୍ଚିତ୍ରଟି ଆଇଏଫ୍‌ଏଫ୍‌ଆଇ-୨୦୨୫ର ଗାଲା ପ୍ରେଜେଣ୍ଟେସନ୍ ବିଭାଗରେ ପ୍ରଦର୍ଶିତ ହେବ। ଅଭିଷେକ ଦାସଙ୍କ ଦ୍ୱାରା ଲିଖିତ ଓ ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଏକ ସରଳ, ସାଙ୍ଗୀତିକ ପ୍ରେମ କାହାଣୀ। ଏକ ସାଧାରଣ ଚଳଚ୍ଚିତ୍ର ନୁହେଁ, ଏହା ଏକ ଭାବନା, ଆମ ମୂଳ ଏବଂ ବିଶ୍ୱ ମଧ୍ୟରେ ଏକ ସେତୁ ବୋଲି ନିର୍ଦ୍ଦେଶକ ଶ୍ରୀ ସ୍ୱାଇଁ କହିଛନ୍ତି। ଚଳଚ୍ଚିତ୍ରରେ ପ୍ରକୃତି ମିଶ୍ର, ଦୀପନ୍ୱିତ ଦାଶମହାପାତ୍ର, ସୋନାଲି ଶର୍ମିଷ୍ଠା, ସତ୍ୟରଞ୍ଜନ, ସୁକାନ୍ତ ରଥ, ରବିନ ଦାସ ଏବଂ ପ୍ରଣବ ରଥଙ୍କ ପରି ବରିଷ୍ଠ କଳାକାରମାନେ ଅଭିନୟ କରିଛନ୍ତି। ପ୍ଲାଟୁନ୍ ୱାନ୍ ଫିଲ୍ମସ୍‌ର ଶିଳାଦିତ୍ୟ ବୋରା, ବାଉଣ୍ଡଲେସ୍ ବ୍ଲାକବକ୍ ଫିଲ୍ମସ୍‌ର ବିନୟ ରେଡ୍ଡୀ ଓ ଶୁଭ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ଏମଡିସି ଫିଲ୍ମୱାର୍କସର ନିଖିଲ ଚୌଧୁରୀଙ୍କ ସହଯୋଗରେ ଏହି ଚଳଚ୍ଚିତ୍ରଟି ନିର୍ମାଣ କରାଯାଇଛି। ସେହିପରି, ସିନେମାରେ ପ୍ରକୃତି ମିଶ୍ର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ହ୍ୟୁମାନ୍ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଡ. ଅସୀମା ପଣ୍ଡା, ଆଶିଷ ପ୍ରଧାନ ପ୍ରମୁଖ କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ଆସନ୍ତା ୨୦୨୬ରେ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

# ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ




ଭୁବନେଶ୍ୱର,୮।୧୧(ସମିସ):ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତ ଓ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଆୟୋଜିତ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଅବସରରେ ଯୋଗଦେଇଥିବା ଯୁବ ପ୍ରତିନିଧିମାନେ ଲିଙ୍ଗରାଜ ମନ୍ଦିର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ରାଜଭବନ ଏବଂ ସି.ଆର୍.ପି.ଏଫ୍ ଗ୍ରୁପ୍ ସେଣ୍ଟର ଆଦି ସ୍ଥାନ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ୫ଟି ରାଜ୍ୟର ୨୦୦ ଯୁବକ ଯୁବତୀ ଅଂଶ ଗ୍ରହଣ କରିଛନ୍ତି। ମାଇଁ ଭାରତର ଅଧିକାରୀ ନିଖିଲ କୋକୁଲା, ରମେଶ ଭୁଲିଆ, ପ୍ରସନ୍ନ ମେହେର, ଶୁଭେନ୍ଦ୍ର ନାଥ ସାହୁ ଏବଂ କୁଳମଣି ମଲ୍ଲିକଙ୍କ ନେତୃତ୍ୱରେ ଯୁବ ପ୍ରତିନିଧିମାନେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ସିଆର୍‌ପିଏଫ୍‌ର ଡିଆଇଜି. ଭାରତ ଭୂଷଣ ସେଠୀ, ଡେପୁଟି କମାଣ୍ଡାଣ୍ଟ ନରେଶ କୁମାର ପ୍ରମୁଖ ବରିଷ୍ଠ ଅଧିକାରୀଙ୍କ ସହ ସୌଜନମୂଳକ ସାକ୍ଷାତ କରିଥିଲେ।

# କେନ୍ଦ୍ରମନ୍ତ୍ରୀ ରାମଦାସ ଅଠୱାଲେଙ୍କ କିଟ୍ ଓ କିସ୍ ପରିଦର୍ଶନ



ଭୁବନେଶ୍ୱର, ୮।୧୧(ସମିସ): କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଡ. ରାମଦାସ ଅଠୱାଲେ ଦିନିକିଆ ଓଡ଼ିଶା ଗସ୍ତରେ ଆସି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। କିଟ୍‌ର ସମସ୍ତ କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଛନ୍ତି। ପାଠ ପଢ଼ି ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ଯୋଗଦାନ ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଅନୁଷ୍ଠାନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରଶଂସା କରି କହିଲେ ଯେ ଜନଜାତିଙ୍କ ବିକାଶ କ୍ଷେତ୍ରରେ ସେ ଅଭୂତପୂର୍ବ କାର୍ଯ୍ୟ କରୁଥିବା ମୋର ହୃଦୟଙ୍ଗମ ହେଉଛି। କାର୍ଯ୍ୟକ୍ରମରେ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର୍ ଜ୍ଞାନରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ବାଲିହରଚଣ୍ଡୀ ସମୁଦ୍ର କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବ୍ରହ୍ମଗିରି,୮।୧୧(ସମିସ): ଗତ ୫ତାରିଖରେ ପୁରୀ ସମୁଦ୍ରରେ ସ୍ନାନ ବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ ହୋଇଯାଇଥିଲେ। ଏହାର ଦୁଇ ଦିନ ପରେ ଶନିବାର ପୁରୀ ସଦର ଥାନା ଅଧୀନ ବ୍ରହ୍ମଗିରିସ୍ଥିତ ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ଗତ ୫ ତାରିଖରେ କୋଲକାତାର କିଛି ପର୍ଯ୍ୟଟକ ପୁରୀ ବୁଲିବା ପାଇଁ ଆସିଥିଲେ। ତିନି ଦିନ ତଳେ ସେମାନେ ପୁରୀ କାମେଲିଆ ହୋଟେଲ ନିକଟ ସମୁଦ୍ରରେ ସ୍ନାନ କରୁଥିଲେ। ସେହି ସମୟରେ ସେମାନଙ୍କ ମଧ୍ୟରୁ ଦେବଦତ୍ତ ଦତ୍ତ ନାମକ ଜଣେ ଯୁବକ ସମୁଦ୍ରରେ ଭାସିଯାଇଥିଲେ। ଶନିବାର ସକାଳୁ ଭାସିଯାଇଥିବା ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ବ୍ରହ୍ମଗିରି ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଠାବ କରାଯାଇଛି। ସ୍ଥାନୀୟ ଲୋକମାନେ ଏହା ଦେଖି ପୁରୀ ସଦର ଥାନାକୁ ଖବର ଦେଇଥିଲେ। ପୁଲିସ ଆସି ମୃତଦେହ ଜବତ କରିବା ସହିତ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିବା ପରେ ପୁଲିସ ତାଙ୍କୁ ଶବ ହସ୍ତାନ୍ତର କରିଛି।

# କାର୍ ଧକ୍କାରେ ୨ କଲେଜ ଛାତ୍ରୀ ମୃତ

ଆନନ୍ଦପୁର, ୮।୧୧ (ସମିସ): ଘସିପୁରା ଥାନା ଅନ୍ତର୍ଗତ ବାରିଗାଁ ନିକଟରେ କାର୍ ଧକ୍କାରେ ୨ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇ ରାସ୍ତା ଅବରୋଧ କରାଯାଇଛି। ମୃତ ଦୁଇ ଛାତ୍ରୀ ହେଲେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅନ୍ନପୂର୍ଣ୍ଣା ପାତ୍ର ଓ +୩ ତୃତୀୟ ବର୍ଷର ଦୀପାଞ୍ଜଳି ସାହୁ। ଅନ୍ନପୂର୍ଣ୍ଣାଙ୍କ ଘର ସିଆପଡାରେ ହୋଇଥିବାବେଳେ ଦୀପାଞ୍ଜଳିଙ୍କ

- **ବାରିଗାଁରେ ୫ ଘଣ୍ଟା ରାସ୍ତା ଅବରୋଧ**
- **କାର୍ ପାଣିକୋଇଲି ଥାନାଞ୍ଚଳରୁ ଜବତ**

ଘର ବେଲବାହାଳି ଗାଁରେ। ଉଭୟେ ଶନିବାର କ୍ଲାସ୍ ସାରିବା ପରେ ସାଇକଲ ଯୋଗେ ଘରକୁ ଫେରୁଥିଲେ। ୨୦ ନଂ ଜାତୀୟ ରାଜପଥର ବାରିଗାଁ ନିକଟରେ ଅପରାହ୍ଣ ୧ଟା ୧୫ ମିନିଟ୍ ସମୟରେ ଏକ କାର ଉଭୟଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣା ପରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଉଭୟଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିବା ପରେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିବା ଯୋଗୁଁ ରାସ୍ତାରେ ଶହ





ଶହ ଯାନବାହନ ଅଟକି ରହିଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ପାଣିକୋଇଲି ଥାନା ପୁଲିସ ପକ୍ଷରୁ ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ (ଓଡି୩୩ଏ୦୮୨୩୨)କୁ ଠାବ କରି ଅଟକ ରଖିଥିବା ଜଣାପଡ଼ିଛି। ଏପଟେ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିବା ବେଳେ ଆନ୍ଦୋଳନକାରୀମାନେ ବିଭିନ୍ନ ଦାବି ପୂରଣ ପର୍ଯ୍ୟନ୍ତ ଜିଦ୍‌ରେ ଅଟଳ ରହିଥିବା ଜଣାପଡ଼ିଛି। ପ୍ରାୟ ସାଢ଼େ ୬ଟା ସମୟରେ ଏହି ରାସ୍ତାରୋକ ହଟି ଯାଇଥିବା ବେଳେ ଦୁଇ ମୃତ ଛାତ୍ରୀଙ୍କ ପରିବାରକୁ ପ୍ରଶାସନର ସହାୟତା ଏବଂ ଗାଡ଼ି ଚାଳକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଗାଡ଼ି ମାଲିକ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ ନେଇ ଆନ୍ଦୋଳନସ୍ଥଳରେ ପ୍ରତିଶ୍ରୁତି ଦିଆଯାଇଛି। ଫଳରେ ଏହି ରାସ୍ତାରୋକ ପ୍ରାୟ ୫ ଘଣ୍ଟା ପରେ ହଟି ଯାଇଥିବା ଆନନ୍ଦପୁର ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀଙ୍କଠାରୁ ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।



### ଯାତ୍ରୀବାହୀ ବସ୍‌ରେ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

# ସରକାରୀ ଗାଇଡ୍‌ଲାଇନ୍ସ ପାଳନ ବାଧ୍ୟତାମୂଳକ



ରାଇରଙ୍ଗପୁର, ୮।୧୧(ସମିସ): ସମ୍ପ୍ରତି ଯାତ୍ରୀବାହୀ ବସଗୁଡ଼ିକରେ ବାରମ୍ବାର ଅଗ୍ନିକାଣ୍ଡ ଘଟଣା ସମ୍ମୁଖକୁ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି। ଏହାକୁ ପରିବହନ ଓ ଅଗ୍ନିଶମ ବିଭାଗ ଗୁରୁତର ସହ ନେଇଥିବା ବେଳେ ବିପଦପୂର୍ଣ୍ଣ ଯାତ୍ରାକୁ ଏଡ଼ାଇବାକୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି; ଯାହାକୁ ନେଇ ରାଇରଙ୍ଗପୁର ବସଷ୍ଟାଣ୍ଡରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଗ୍ନିଶମ ଅଧିକାରୀ ଦୀପକ କୁମାର ଜେନା, ଅତିରିକ୍ତ ଯାନବାହନ ଯାଞ୍ଚ ଅଧିକାରୀ ଆଶୁତୋଷ ନାଏକ ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଚିନ୍ମୟୀ ମହାନ୍ତ ବସମାଲିକ ଓ କର୍ମଚାରୀଙ୍କୁ ଅଗ୍ନି ନିରାପତ୍ତା ନେଇ ସଚେତନ କରିଥିଲେ। ଅଗ୍ନିକାଣ୍ଡ ଘଟିଲେ କିପରି ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ସେ ନେଇ ସଚେତନ କରିଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଏନେଇ ଏକ ମକଡ୍ରିଲ କରାଯାଇଥିଲା। ନୂତନ ନିୟମ ଅନୁଯାୟୀ ସ୍କୁଲ୍ ବସ୍‌ଠାରୁ ଆରମ୍ଭ କରି ନାଇଟ୍ କୋଚ୍, ଏସି ବସ୍, ସ୍ଲିପର କୋଚ୍ ପର୍ଯ୍ୟନ୍ତ ସମସ୍ତ ବସ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏପରିକି ଏହାର ବ୍ୟବହାର ସମ୍ପର୍କରେ ମଧ୍ୟ କର୍ମଚାରୀଙ୍କୁ ତାଲିମ ଦିଆଯିବ। ସମସ୍ତ ଯାତ୍ରୀବାହୀ ବସ୍‌ରେ ଫାୟାର୍ ସେଫ୍ଟି ସିଷ୍ଟମ୍ ସ୍ଥାପନ, ଫାୟାର୍ ଡିଟେକ୍ସନ୍, ସପ୍ରେସନ୍ ସିଷ୍ଟମ୍, ଇମର୍ଜେନ୍ସି ଏକ୍ସିଟ୍, ଆଲର୍ଟ୍ ସିଷ୍ଟମ୍, ଗ୍ଲାସ୍ ଭାଙ୍ଗିବା ହାମର୍ ଓ ଫାୟାର୍ ଏକ୍ସଟିଙ୍ଗୁଇସର୍ ରହିବା ନିମନ୍ତେ ନିରାପତ୍ତା ଗାଇଡ୍‌ଲାଇନ ହୋଇଛି। ବସ୍‌ରେ ବ୍ୟବହୃତ ହେଉଥିବା ସ୍କ୍ରିନ୍, କାର୍ପେଟ୍, ସିଟ୍ କଭର ଆଦି ନିଆଁକୁ ବ୍ୟାପକ କଲା ଭଳି ଉପାଦାନରେ ତିଆରି ହେବନାହିଁ। ସେହିପରି ବସ୍‌ରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ରହିବ। ସେଗୁଡିକର ବ୍ୟବହାର ତାରିଖ, ଅଗ୍ନି ନିର୍ବାପକ ଗ୍ୟାସ ଅଛି ନା ନାହିଁ ତାହା ଉପରେ ଅନୁଧ୍ୟାନ ହେବ। ଆପତକାଳୀନ ବିଷୟରେ ମଧ୍ୟ ଯାତ୍ରୀଙ୍କୁ ଅବଗତ କରାଯିବ। ବିମାନ ଯାତ୍ରା ପୂର୍ବରୁ ଯାତ୍ରୀମାନଙ୍କୁ ସୂଚନା ଦିଆଗଲା ଭଳି ବସରେ ମଧ୍ୟ ଯାତ୍ରା ପୂର୍ବରୁ ସୂଚନା ଦିଆଯିବ। ବସ ଗୁଡ଼ିକରେ ଏହି ନିୟମ ପାଳନ ବାଧ୍ୟତାମୂଳକ। ଅଗ୍ନିଶମ ନିୟମ ପାଳନରେ ତ୍ରୁଟି ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଜିର ସଚେତନତା କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ଓ ପରିବହନ ବିଭାଗ କର୍ମଚାରୀ, ବସ ମାଲିକ, ବସ କର୍ମଚାରୀ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ମହୁଲଡିହା, ୮।୧୧(ସମିସ): ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ତରାମରା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ ଠାକୁରମୁଣ୍ଡା ବ୍ଲକ ତରାମରା ଗ୍ରାମର ଗିରିଧରୀ ଦଳେଇଙ୍କ ଏକମାତ୍ର ପୁଅ ଗୌତମ (୨୮) ବାହାରେ ରହି ଟ୍ରକ ଡ୍ରାଇଭରଭାବେ କାମ କରନ୍ତି। ଗୌତମ ଆଜି ଘରୁ ଯାଇ କାର୍ଯ୍ୟରେ ଯୋଗ ଦେଇଥାନ୍ତା। ବସ ଆସିବା ସମୟ ହୋଇଯିବାରୁ ସାଇକଲରେ ବ୍ୟାଗ ଆଣିବାକୁ ଘରକୁ ଯାଇଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଠାକୁରମୁଣ୍ଡା ପଟୁ ଭୁବନେଶ୍ୱର ଯାଉଥିବା ଏକକାର୍ ସାଇକଲ ସହ ଗୌତମଙ୍କୁ ଧକ୍କାଦେଇ ଘୋଷାରି ନେଇଥିଲା। ଫଳରେ ଗୌତମଙ୍କ ଦୁର୍ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ହେଲେ କାର ଚାଳକ ଫେରାର ହୋଇଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛି।

## ରାତି ଅଧରେ ଲୁଟ୍ ହେଉଛି ମୋରମ



କପ୍ତିପଦା, ୮।୧୧(ସମିସ): କପ୍ତିପଦା ବ୍ଲକ ଅଞ୍ଚଳରେ ରାତି ଅଧରେ ଚୋରି ହେଉଛି ମୋରମ; ହେଲେ ଏ ନେଇ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କପ୍ତିପଦା ବ୍ଲକ ଏକ ପାହାଡିଆ ଜଙ୍ଗଲ ଅଞ୍ଚଳ। ଏଠାରେ ବହୁ ସଂରକ୍ଷିତ ଜଙ୍ଗଲ ସାଙ୍ଗକୁ ପାହାଡ଼ ରହିଛି। ଏହାର ସୁଯୋଗ ନେଇ ମାଫିଆମାନେ ବିଳମ୍ବିତ ରାତିରେ ଜେସିବି ମେସିନ ଲଗାଇ ପାହାଡ଼ରୁ ମୋରମ ଚୋରି କରୁଛନ୍ତି। ମାଙ୍କଡ଼ା ପଞ୍ଚାୟତ କୁଆଁରପୁର ଗାଁ ନିକଟ ହୁଡିସାହି ପାହାଡ଼ରୁ ରାତିତମାମ ମୋରମ ଚୋରି ହେଉଛି। ଏଠାରେ କିଛି ଆଦିବାସୀ ସ୍ଥାୟୀ ଭାବେ ଘରକରି ରହିଥିବା ବେଳେ ପାହାଡ ଉପରେ ଏକ ସଂରକ୍ଷିତ ଜଙ୍ଗଲ ମଧ୍ୟ ଅଛି। ତେବେ ଗାଁର କିଛି କୁଜି ଠିକାଦାର ରାସ୍ତା କାମ କରିବା ପାଇଁ ଏଠାରୁ ଜେସିବି ଲଗାଇ ଅଧରାତିରେ ବେଆଇନଭାବେ ମୋରମ ଉତ୍ତୋଳନ କରୁଛନ୍ତି। ଫଳରେ ପାହାଡ଼ ଧସି ବଡବଡ ଗଛସବୁ ଉପୁଡ଼ି ଯାଉଛି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ଏହା ବନବିଭାଗର କହୁଥିବା ବେଳେ ବନବିଭାଗ ପୁଲିସ କାହିଁକି ଧରୁନାହିଁ ବୋଲି କହୁଛି। ପରସ୍ପର କାଦୁଅ ଫିଙ୍ଗା ଭିତରେ ଜଙ୍ଗଲ, ପାହାଡ ଏବଂ ପରିବେଶ ନଷ୍ଟ ହେଉଛି। ତେବେ ଗାଁର କିଛି ଲୋକେ ପୁଲିସକୁ ହାତଗୁଞ୍ଜାଦେଇ ଏହି କାମ କରୁଥିବା ମଧ୍ୟ ଜଣାପଡ଼ିଛି। ତେଣୁ ପ୍ରଶାସନିକ ସ୍ତରରେ ଏଭଳି ବେଆଇନ ଖନନକୁ ବନ୍ଦ କରିବାକୁ ଦାବି ହେଉଛି।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ

ଶୁକ୍ଳି, ୮।୧୧(ସମିସ): ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ଳି ସ୍ନାତକ ମହାବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ ସଂଗ୍ରାମ କେଶରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବନ୍ଦେ ମାତରମ୍ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆରମ୍ଭରୁ ଭାରତ ମାତା ଓ ସାହିତ୍ୟ ସମ୍ରାଟ ବଙ୍କିମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ନୃତ୍ୟ ପରିବେଷଣ କରିଥଲେ। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ବ୍ଲକ ପର୍ଯ୍ୟନ୍ତ ଯାଇଥିଲା। ଭାରତ ମାତାଙ୍କ ନୃତ୍ୟ ବିଚିତ୍ରା ସହିତ ବନ୍ଦେ ମାତରମ୍ ସଙ୍ଗୀତ ସମଗ୍ର ୩ କିମି ପଥ ପରିକ୍ରମା କରିଥଲେ। ଏହି ଉପଲକ୍ଷେ ଭାଷଣ ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଓ ବିଶିଷ୍ଟ ସମାଜସେବୀ ପ୍ରଭାକର ଦଳେଇ ମୁଖ୍ୟବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହିତ ବିଜେତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥଲେ।

## ସର୍ବତ୍ର ବନ୍ଦେ ମାତରମ୍ ଗାନ



ମହୁଲଡିହା, ୮।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ଅଧୀନସମସ୍ତ ଶିକ୍ଷାନୁଷ୍ଠାନ ସମେତ ସରକାରୀ, ବେସରକାରୀ ଅନୁଷ୍ଠାନରେ ରାଷ୍ଟ୍ର ଗାନର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବନ୍ଦେ ମାତରମ୍ ସାମୂହିକ ଗାନ କରାଯାଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ହେରିଟେଜ ଇଂଲିଶ ମିଡିୟମ ସ୍କୁଲ, ଥାନା, ରେଞ୍ଜ ଅଫିସ, ବ୍ଲକ ଅଫିସ, ତହସିଲ, ଆଇସିଡ଼ିଏସ ଆଦି ବିଭିନ୍ନ ଅନୁଷ୍ଠାନରେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରାଯାଇଥିବା ଦେଖିବାକୁ ମିଳିଥିଲା। ଦେଶ ଭକ୍ତି, ଏକତା, ଅଖଣ୍ଡତା ତଥା ଦେଶ ସ୍ୱାଧୀନତା ପାଇଁ ବନ୍ଦେ ମାତରମ୍ ଆଣି ଦେଇଛି ଅପୂର୍ବ ଶିହରଣ। ୧୫୦ ବର୍ଷ ପୂର୍ତ୍ତି ଅବସରରେ ପୁଣି ଥରେ ସମସ୍ତଙ୍କ ହୃଦୟରେ ସେହି ଗୁଞ୍ଜରଣ ସୃଷ୍ଟି ହୋଇଛି।

## ବିଶିଷ୍ଟ କୃଷି ଉଦ୍ୟୋଗୀଙ୍କ ପରଲୋକ



ମହୁଲଡିହା, ୮।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ଜରକ ଗ୍ରାମପଞ୍ଚାୟତ ନୂଆପଡ଼ା ଗ୍ରାମର ଭାସ୍କର ପଣ୍ଡା (୮୯)ଙ୍କ ପରଲୋକ ହୋଇଯାଇଛି। ସେ ସରକାରଙ୍କ କୃଷି କର୍ମଚାରୀ ଭାବେ କର୍ମମୟ ଜୀବନରୁ ଅବସର ନେବା ପରେ ପୈତୃକ ଗ୍ରାମ ନୂଆପଡ଼ାରେ ଜଣେ କୃଷି ଉଦ୍ୟୋଗୀ ଭାବେ ପରିଚିତି ଲାଭ କରିଥିଲେ। ଉନ୍ନତ ଚାଷୀ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ସେ ଧାନ ଚାଷ, ମାଛ ଚାଷ, ଆମ୍ବ ଚାଷ, କୁକୁଡ଼ା ଚାଷ ଓ ଛେଳି ଚାଷ କରି ଜଣେ ସଫଳ ଚାଷୀ ଭାବେ ପରିଚୟ ରଖିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ଠାକୁରମୁଣ୍ଡାରୁ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ପ୍ରତିଶ୍ରୁତି ରଖିଲେ ପୂର୍ବତନ ସାଂସଦ

## ଗାନ୍ଧିଜୀ ଗ୍ରାମୀଣ କ୍ରୀଡ଼ା ପରିସରରେ ଜଳିଲା ଲାଇଟ



ବଡ଼ସାହି, ୮।୧୧(ସମିସ): ପ୍ରତିଶ୍ରୁତି ରଖିଲେ ପୂର୍ବତନ ସାଂସଦ ରବୀନ୍ଦ୍ରକୁମାର ଜେନା। ଗତ ୫ତାରିଖ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଭୀମଦା ପଞ୍ଚାୟତ ଚେଙ୍ଗୁଆମଙ୍ଗଳପୁର ମହାତ୍ମାଗାନ୍ଧୀ ଗ୍ରାମୀଣ କ୍ରୀଡା ପରିସରରେ ଚାଲିଥିବା ଅନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମୟରେ ଆୟୋଜକ ଗାନ୍ଧିଜୀ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପରିସରରେ ଦୀର୍ଘଦିନ ଧରି ଖରାପ ହୋଇରହିଥିବା ଏକ ହାଇମାଷ୍ଟ ଲାଇଟକୁ ମରାମତି ପାଇଁ ନିବେଦନ କରିଥିଲେ। ସେ ସଂଗଠନର କର୍ମକର୍ତ୍ତାଙ୍କ ଅନୁରୋଧକୁ ଶ୍ରୀ ଜେନା ଏଥିପ୍ରତି ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଲାଇଟଟି ଷ୍ଟାଡିୟମର ଶୋଭା ବଢ଼ାଇବା ସହିତ ପିଲାମାନଙ୍କର ଖେଳ, କୁଦ, ବ୍ୟାୟାମ ଓ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବେଶ ସହାୟକ ହେଉଥିଲା। ଏପରିକି ଏହା ଖରାପ ହୋଇ ପଡ଼ିବା ପରେ କିଛି ଅସାମାଜିକ ଲୋକଙ୍କୁ ବେଶ ସୁହାଉଥିଲା। ଯାହା ଫଳରେ ସଂଗଠନର କର୍ମକର୍ତ୍ତା ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପରେ ଶ୍ରୀ ଜେନା ପ୍ରତିଶ୍ରୁତି ପାଳନ କରି ବାଲେଶ୍ୱରରୁ ଟେକନିସିଆନଙ୍କ ସହିତ ଲାଇଟ ପଠାଇ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିଛନ୍ତି। ଏ ନେଇ ତାଙ୍କୁ ସଂଗଠନ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଲାଇଟ୍‌ଟି ବିଧାୟକଙ୍କ ପାଣ୍ଠିରୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାପନ କରାଯାଇଥିଲା।

## ହାତୀ ପାଇଁ ୨୨ ମିନିଟ ଅଟକିଲା ମେମୁ ଟ୍ରେନ



ବୈଶିଙ୍ଗା, ୮।୧୧(ସମିସ): ବାଙ୍ଗିରିପୋଷିରୁ ରୂପ୍ସା ଅଭିମୁଖେ ଯାଉଥିବା ମେମୁ ଟ୍ରେନକୁ ଶୁକ୍ରବାର ରାତି ୮ଟାରେ ବେତନଟୀ ବନବିଭାଗ ପକ୍ଷରୁ ହାତୀଝୁରୀଠାରେ ଅଟକା ଯାଇଥିଲା। ପରେ ହାତୀ ରେଳପଥ ଅତିକ୍ରମ କରିବାପରେ ପୁଣି ମେମୁ ଟ୍ରେନ ଗତି କରିଥିଲା। ସୂଚନା ମୁତାବକ ଚଳିତମାସ ୧ତାରିଖ ରାତିରେ ଶାଲିମାର ସୁପରଫାଷ୍ଟ ଟ୍ରେନ ଧକ୍କାରେ ଆଗ୍ରିଆ ରେଳଫାଟକ ଠାରେ ଏକ ବିଶାଳ ଦନ୍ତାହାତୀର ମୃତ୍ୟୁହୋବ ପରଠାରୁ ରୂପ୍ସା- ବାଙ୍ଗିରିପୋଷି ମଧ୍ୟରେ ଚଳାଚଳ କରୁଥିବା ରାତ୍ରିକାଳୀନ ଟ୍ରେନର ଗତି ହ୍ରାସ କରାଯାଇଛି। ଶୁକ୍ରବାର ରାତି ବେତନଟୀ ରେଞ୍ଜ ଅଧୀନ ତିଳପଦା, ତିଳଦା ଅଞ୍ଚଳରେ ବିଚରଣ କରୁଥିବା ଗୋଠଛଡା ହାତୀ ଗୁରୁବାର ରାତି ସାଢେ ସାତଟା ପାଖାପାଖି ସମୟରେ ଜଙ୍ଗଲରୁ ବାହାରି ହାତୀ ଗାଁ ମୁହାଁ ହୋଇଥିଲା। ରାତି ଆଠଟା ପାଖାପାଖି ସମୟରେ ଗୋଠଛଡା ହାତୀ ହାତୀଝୁରୀ ନିକଟରେ ପହଞ୍ଚିଥିବା ବେଳେ ସେହି ସମୟରେ ବାଙ୍ଗିରିପୋଷିରୁ ରୂପ୍ସା ଅଭିମୁଖେ ଯାଉଥିବା ମେମୁ ଟ୍ରେନକୁ ବନବିଭାଗ ପକ୍ଷରୁ ରେଳବିଭାଗ ସହାୟତାରେ ଅଟକାଯାଇଥିଲା। ଗୋଠଛଡା ହାତୀ ରେଳଧାରଣା ଅତିକ୍ରମ କରିବାପରେ ପାଖାପାଖି ୨୨ମିନିଟ ବିଳମ୍ବରେ ମେମୁଟ୍ରେନ ନିଜର ଗନ୍ତବ୍ୟସ୍ଥଳ ରୂପ୍ସା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା।

## ବ୍ୟବସାୟୀଙ୍କ ଅପହରଣର ଡେମୋ ଦେଖାଇଲା ଅଭିଯୁକ୍ତ



ବୈଶିଙ୍ଗା, ୮।୧୧(ସମିସ): ବୈଶିଙ୍ଗା ନିକଟ ୧୮ ନଂ ଜାତୀୟ ରାଜପଥ ଉପରୁ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଅପହରଣ କରି ୮୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିବା ଘଟଣାକୁ କିଛି ଦିନ ହେବ ବାରିପଦା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଅପହରଣ ମାମଲାରେ ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ ପୁଲିସ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ୩ଟି କାର ସହିତ ୨ଟି ବାଇକ, ୪ଟି ତେଲେଙ୍ଗା କଟୁରୀ ଓ ୪୦ଲକ୍ଷ ଟଙ୍କାରୁ ୯ ଲକ୍ଷ ପାଖାପାଖି ଟଙ୍କା ଜବତ କରିଛି। ଜମିଜମା କିଣାବିକା କାରବାରକୁ ନେଇ ନିଜର କିଛି ପରିଚିତ ଲୋକ ହିଁ ରଚିଥିଲେ ଏହି ଅପହରଣ ନାଟକ। ତେବେ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ରାଜା ଓରଫ ରାଜେଶ ବାରିକକୁ ପୁଲିସ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏସନ କରିଛି। ଅଭିଯୁକ୍ତ ରାଜା ବ୍ୟବସାୟୀ ସୁନୀଲଙ୍କୁ କିଭଳି ଅପହରଣ କରିଥିଲେ ତାହାର ସମ୍ପୂର୍ଣ୍ଣ ଡେମୋ ଦେଖାଇଛି।

## କମାରଡିହାରେ ସାଇବର ସୁରକ୍ଷା ଅଭିଯାନ




ରାସଗୋବିନ୍ଦପୁର, ୮।୧୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କମାରଡିହା ପଞ୍ଚାୟତରେ ସାଇବର ସୁରକ୍ଷା ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ବାରିପଦା ସାଇବର ଇନ୍ସପେକ୍ଟର ସୁଶାନ୍ତ ବେହେରା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ନିଗମାନନ୍ଦ ମହାନ୍ତି, ବିଜେପି ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ପାତ୍ର, ପ୍ରାକ୍ତନ ଶିକ୍ଷକ ଜୟନ୍ତ କୁମାର ସାହୁ ଏବଂ ଅତୁଲ କୁମାର ପଣ୍ଡା, ବ୍ୟବସାୟୀ ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ହୋଇ ସଚେତନତା କାର୍ଯ୍ୟକ୍ରମକୁ ଦାଇତ୍ୱର ସହ ପାଳନ କରିଛନ୍ତି। ସାଇବର ଅପରାଧକୁ ରୋକିବା ନିମନ୍ତେ ଶପଥ ପାଠ କରିଥିଲେ। ରାଜ୍ୟରେ ସମ୍ପୂର୍ଣ୍ଣ ସାଇବର ଅପରାଧ ମୁକ୍ତ କରିବା ପାଇଁ ୨୦ଟି ସାଇବର ଥାନା ଗଠନ କରାଯାଇଥିବା ସୂଚନା ମିଳିଛି।

## ରୋଟାରୀ କ୍ଲବର ଯୋଗ ଶିକ୍ଷା ଶିବିର




ବେତନଟୀ, ୮।୧୧(ସମିସ): ଶନିବାର ସକାଳେ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଯୋଗଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବେତନଟୀ ରେଟାରୀ କ୍ଲବ୍ ଆନୁକୂଲ୍ୟରେ ସଭାପତି ରୋଟାରିଆନ ଗିରିଧାରୀ ସାହୁ ଓ ସମ୍ପାଦକ ରୋଟାରିଆନ ରବୀନ୍ଦ୍ରନାଥ ମିଶ୍ର ତଥା ପୂର୍ବତନ ସଭାପତି ରଟାରିଆନ ଭଗୀରଥ ପଣ୍ଡିତ ଏବଂ ଶ୍ୟାମପ୍ରସାଦ ମଡୁଆଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗଶିକ୍ଷା ଶିବିର ପରିଚାଳିତ ହୋଇଥିଲା। ପ୍ରଧାନଶିକ୍ଷକ ଅର୍ଜୁନ ସିଂହଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ସିଭିଲ ସୋସାଇଟି ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଯୋଗ ଶିକ୍ଷକ ଭାବେ ଯୁବ ସଂଗଠକ ପ୍ରତୀକ କୁମାର ପରିଡ଼ା ବିଭିନ୍ନ ଯୋଗ ପ୍ରଣାଳୀ ଓ ଏହାର ଉପକାରିତା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଏହାପରେ ବେତନଟୀ ରୋଟାରୀ କ୍ଲବ୍ ର ଉପରୋକ୍ତ କର୍ମକର୍ତ୍ତାଗଣଙ୍କ ସହ ବରିଷ୍ଠ ସାମ୍ବାଦିକ ଓ ସିଭିଲ ସୋସାଇଟିର ସମ୍ପାଦକ, ପୂର୍ବତନ କୋଚିଳାଖୁଣ୍ଟା ସରପଞ୍ଚ ନରେନ୍ଦ୍ର ସିଂ ଓ ସରପଞ୍ଚ ତଅପୋଇ ସିଂଙ୍କ ସହ ସ୍ଥାନୀୟ ଜୁଣପଦା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ସଫେଇ କରିଥିଲେ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନମେଳା

ବେତନଟୀ, ୮।୧୧(ସମିସ): ବେତନଟୀ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପ୍ରାଙ୍ଗଣରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଞ୍ଜୟ କୁମାର ମଡୁଆଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଟ ୩୧ଟି ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଶିକ୍ଷା କେନ୍ଦ୍ରର ସଭାପତି ଗୌତମ ଚନ୍ଦ୍ର ବେହେରା ପ୍ରଦର୍ଶନୀକୁ ପ୍ରଥମେ ଉଦଘାଟନ କରିଥିଲେ। ଶିକ୍ଷା କେନ୍ଦ୍ରର ଅନ୍ୟତମ ସଭ୍ୟ ତଥା ଏ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ମହେଶ୍ୱର ପଣ୍ଡା ଉଦଘାଟନ ଉତ୍ସବରେ ଉପସ୍ଥିତ ରହି ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହିତ ମୂଲ୍ୟାୟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ରେ ଅବସରପ୍ରାପ୍ତ ଏସଆଇ ତଥା ଶିକ୍ଷା କେନ୍ଦ୍ର ପରିଚାଳନା କମିଟିର ସକ୍ରିୟ ସଭ୍ୟ ରାଧାକୃଷ୍ଣ ପାତ୍ର ପ୍ରକଳ୍ପ ଗୁଡିକୁ ପରିଦର୍ଶନ ସହ ମୂଲ୍ୟାୟନ କରିଥିଲେ। ଅପରାହ୍ନ ୩ଟାରେ ପ୍ରଦର୍ଶନୀ ଉଦଯାପିତ ହୋଇଥିଲା। ଅଧ୍ୟକ୍ଷା ଜୟଶ୍ରୀ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ଐତିହାସିକ ବେନିସାଗର ମେଳା ସମ୍ପନ୍ନ

# ଯାତ୍ରୀଙ୍କୁ ଆକର୍ଷଣ କରେ ନୀଳ ଜଳରାଶି ଓ ପକ୍ଷୀଙ୍କ କଳରବ



ଶୁକ୍ଳି, ୮।୧୧(ସମିସ): ପ୍ରତିବର୍ଷ ରାସପୂର୍ଣ୍ଣିମା କିମ୍ବା ପରବର୍ତ୍ତୀ ଶୁକ୍ରବାର ବେନିସାଗରଠାରେ ଐତିହାସିକ କୁଆଁରମେଳା ପାଳିତ ହୋଇଥାଏ। ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ପରେ ଶୁକ୍ରବାର ଅନୁଷ୍ଠିତ ମେଳାରେ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଲକ୍ଷାଧିକ ଯାତ୍ରୀଙ୍କ ସମାଗମ ହୋଇଥିଲା। ପ୍ରାଚୀନ ରାଜବାଟୀ ପରିସରରେ ବିରାଜିତ ଶକ୍ତି ସ୍ୱରୂପିଣୀ ଦେବୀ ଦୁର୍ଗାଙ୍କ ନିକଟରେ ମାନସିକଧାରୀ ଭକ୍ତମାନେ ନୈବେଦ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ତେବେ ଅଧିକାଂଶ ଭକ୍ତ ଶ୍ରୀଗଣେଶ ଓ ଶିବଲିଙ୍ଗ ନିକଟରେ ଆଶିଷ ଭିକ୍ଷା କରିଛନ୍ତି। କେନ୍ଦ୍ର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ପୁରାତନ ସାମଗ୍ରୀ ଉଦ୍ଧାର କାର୍ଯ୍ୟ ଚାଲୁଥିବା ବେଳେ ମେଳା ନିମନ୍ତେ ଯାତ୍ରୀଙ୍କୁ ସ୍ୱତନ୍ତ୍ର ପ୍ରବେଶ ଅନୁମତି ମିଳିଥାଏ। ଏଠାରେ ଆଦିବାସୀ ପରମ୍ପରା ଅନୁଯାୟୀ ଦେହୁରୀ ପୂଜାକର୍ଯ୍ୟ ତୁଲାଇଥିଲେ। ପୁଷ୍କରଣୀ ମଧ୍ୟରେ 'ପାଣି ପୂଜା' ନୀତି ସମ୍ପନ୍ନ ହୋଇଥିଲା। ବିଚ୍ଛିନ୍ନାଞ୍ଚଳ ଓଡ଼ିଶାର ପଶ୍ଚିମ ସିଂଭୂମ ଜିଲ୍ଲା ଅଧୀନ ଐତିହାସିକ 'ବେନିସାଗର' ରରୁଆଁ ବ୍ଲକରୁ ଦୂରତା ୩ କି.ମି। ଖିଚିଂ ସହ ବେନିସାଗରର ଅନେକ ସାମଞ୍ଜସ୍ୟ ରହିଛି। କଳା ମୁଗୁନି ନିର୍ମିତ ମୂର୍ତ୍ତି ଏବଂ ଅନ୍ୟାନ ଭଗ୍ନାବଶେଷ ଦେଖିଲେ ଏସବୁ ମହାଭାରତ ବର୍ଣ୍ଣିତ ବିରାଟଗଡ଼ ଓ କୀଚକଗଡ଼ ସଦୃଶ ବୋଲି ଅନୁମାନ କରାଯାଏ। ଏଠାରେ ବହୁ ପ୍ରାଚୀନ କୀର୍ତ୍ତି ଶିଳା, ପୋଡା ଇଟା ବ୍ୟବହୃତ ଓସାରିଆ କାନ୍ଥ, ଚଟାଣ ଆବିଷ୍କୃତ ହୋଇଛି। ଶାଳ, ପିଆଶାଳ ଆଦି ବଡ଼ ବଡ଼ ବୃକ୍ଷରେ ପରିପୂର୍ଣ୍ଣ ପ୍ରାକୃତିକ ପରିବେଶ ସହ ୩୪୦ମିଟର ଲମ୍ବ ଓ ୩୦୦ମିଟର ଓସାର ପରିମିତ ସ୍ଥାନରେ ରହିଛି ବୃହତ୍ ପୁଷ୍କରିଣୀ। ପଞ୍ଚମ କିମ୍ବା ଷଷ୍ଠ ଶତାବ୍ଦୀରେ 'ବେଣୁ' ନାମକ ଜଣେ ରାଜା ଥିଲେ। ସେ ଏଠାରେ ସହସ୍ର ଶିବଲିଙ୍ଗ ସ୍ଥାପନ କରାଇଥିଲେ। ମହାରାଣୀ ପୋଖରୀର ଜଳରାଶି ଉପରେ ପାଦଥାପି ପୋଖରୀ ମଧ୍ୟରେ ସ୍ନାନ କରୁଥିବା କିମ୍ବଦନ୍ତୀ ରହିଛି। ଉକ୍ତ ପୋଖରୀ ସମ୍ପର୍କରେ ନାନା ଲୋକକଥା ଶୁଣିବାକୁ ମିଳେ। ନୀଳ ଜଳରାଶି, ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କଳରବ, ବନଫୁଲର ବାସ୍ନାରେ ଆଗନ୍ତୁକ ଆମୋଦିତ ହୋଇଉଠନ୍ତି। ବେନିସାଗର ମେଳାରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାସ୍ତା ଦୁଇକଡେ ବସୁଥିବା ଉଠାଦୋକାନ ସମେତ ଗ୍ରାହକ ତଥା ଯାତ୍ରୀଙ୍କ ଭିଡ଼ କଟକ ବାଲିଯାତ୍ରାର ଭ୍ରମ ସୃଷ୍ଟି କରିଛି। ଏହି ମେଳା ବିଳମ୍ବିତ ରାତିଯାଏ ଚାଲିଥିଲା।

## ରାଜ୍ୟ ସରକାରଙ୍କ ବନ୍ଦ ସ୍କୁଲ ପୁନଃ ଖୋଲିବା ଘୋଷଣା ଧୂଆଁବାଣ

# ନଈ, ଜଙ୍ଗଲ ପାରହୋଇ ପଢ଼ିବାକୁ ଯାଉଛନ୍ତି କାଳନ୍ଦୀସାହିର ପିଲା

ବାରିପଦା, ୮ ।୧୧(ସମିସ)

ପୂର୍ବରୁ ବନ୍ଦ ରହିଥିବା ବିଦ୍ୟାଳୟକୁ ପୁନଃ ଖୋଲିବା ନେଇ ରାଜ୍ୟ ସରକାରଙ୍କ ଘୋଷଣା ଏବେ ମୟୂରଭଞ୍ଜ ଜିଲ୍ଲାରେ ଧୂଆଁବାଣ ସଦୃଶ୍ୟ ହୋଇଛି। ଛାତ୍ରଛାତ୍ରୀଙ୍କୁ ଘର ନିକଟରେ ଶିକ୍ଷା ଯୋଗାଇବା ଯୋଜନା ବିଫଳ ହୋଇଥିବା ବେଳେ ଶିକ୍ଷାରେ ଡୋରି ଲାଗିଛି। ଏହିପରି ଘଟଣା ଜିଲ୍ଲାର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଜୟବିଲା ଗ୍ରାମ ପଞ୍ଚାୟତର କାଳନ୍ଦୀସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସ୍ୱଳ୍ପ ଛାତ୍ରଛାତ୍ରୀଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି ପୂର୍ବରୁ ଉକ୍ତ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୨କିମି ଦୂର ବଡ଼ଶୋଳ ପ୍ରାଥମିକ ବିଦ୍ୟାଳୟ ଓ ୩କିମି ଦୂର ନଦୀ ଆରପାରି ବାଲିମୁଣ୍ଡଲୀ ଉପ୍ରାବିଦ୍ୟାଳୟରେ ନାମ ଲେଖାଯାଇଥିଲା। ତେବେ ରାଜ୍ୟ ସରକାର ବନ୍ଦ ଥିବା ବିଦ୍ୟାଳୟଗୁଡ଼ିକରେ ଅନୂନ୍ୟ ୨୦ ଜଣ ପିଲା ହେଲେ ପୁନଃ ଖୋଲିବା ପାଇଁ ଘୋଷଣା କରିଛନ୍ତି; କିନ୍ତୁ ଉକ୍ତ ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ଜିଲ୍ଲା ଶିକ୍ଷା ବିଭାଗ ତିଳେମାତ୍ର ଦୃଷ୍ଟି ଦେଉନାହିଁ। କାଳନ୍ଦୀସାହି ଗ୍ରାମବାସୀ ମୂଲଲାଗିବା ସହିତ ଚାଷବାସ କରି ପରିବାର ପ୍ରତିପୋଷଣ କରନ୍ତି। ତେଣୁକରି ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟ ପରିବର୍ତ୍ତେ ଅନ୍ୟ କେଉଁଠି ପାଠ ପଢ଼ାଇବାରେ ଅସମର୍ଥ। ଫଳରେ ଗ୍ରାମରୁ ୨/୩ କିମି ଦୂର ବଡ଼ଶୋଳ ଓ ବାଲିମୁଣ୍ଡଲୀ ବିଦ୍ୟାଳୟକୁ ନଦୀ ଓ ଜଙ୍ଗଲ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବେ ପିଲାମାନେ ଯାଉଛନ୍ତି। ଅଭିଭାବକମାନେ ସକାଳୁ ନିଜ କାର୍ଯ୍ୟସ୍ଥଳକୁ ମୂଳ ଲାଗିବାକୁ ଯାଉଥିବା ବେଳେ ପିଲାଙ୍କୁ ବିଦ୍ୟାଳୟକୁ ନେବା ଆଣିବା କରିପାରୁନାହାନ୍ତି। ବାଧ୍ୟ ହୋଇ ପିଲାମାନେ ଦୂର ବିଦ୍ୟାଳୟକୁ ଯାଉଥିବା ବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଅଧିକାଂଶ କୋମଳମତି ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବେଡ଼ି ଲାଗିଛି। ଏ ନେଇ ବାରମ୍ବାର ଦାବି ସତ୍ତ୍ୱେ ଘର ନିକଟର କାଳନ୍ଦୀସାହି ବିଦ୍ୟାଳୟ ନ ଖୋଲିବାରୁ ଛାତ୍ରଛାତ୍ରୀଙ୍କ ପଢ଼ିବା ଅଧାରୁ ବନ୍ଦ ହୋଇଛି। ଯାହାକି ମୟୂରଭଞ୍ଜ ଜିଲ୍ଲାରେ ଡ୍ରପ ଆଉଟଙ୍କ ସଂଖ୍ୟାକୁ ବୃଦ୍ଧି ପାଇବାରେ ସହାୟକ ହୋଇଛି। ଉକ୍ତ ଗ୍ରାମରେ ୯୦ ପ୍ରତିଶତ ଭୂମି ଥିବାବେଳେ ପ୍ରାଥମିକ ଶିକ୍ଷା ପରି ମୌଳିକ ଅଧିକାରରୁ ମଧ୍ୟ ସେମାନେ ବଞ୍ଚିତ ହୋଇରହୁଛନ୍ତି। ବର୍ତ୍ତମାନ ସମୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୫ଜଣରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବାର ଯୋଗ୍ୟ ଥିବା ସତ୍ତ୍ୱେ ବିଦ୍ୟାଳୟକୁ ପୁନଃ ଖୋଲିବା ନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ଶ୍ୟାମାଖୁଣ୍ଟା ବ୍ଲକ ଅଧକ୍ଷ ଚନ୍ଦ୍ର ମୋହନ ସିଂ, ସରପଞ୍ଚ ସୁକାନ୍ତୀ ସିଂ ଓ ୱାର୍ଡ ମେମ୍ବରମାନେ ଲିଖିତ ଭାବେ ଜିଲ୍ଲା ପ୍ରଶାସନଙ୍କୁ ଜଣାଇଛନ୍ତି। ଏନେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ଓ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ଆଦିବାସୀ ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମଧ୍ୟ ଘଟଣା ବାବଦରେ ଅବଗତ କରାଯାଇଛି; କିନ୍ତୁ ଫଳ ଶୂନ। ତେଣୁକରି ଛାତ୍ରଛାତ୍ରୀଙ୍କୁ ଶିକ୍ଷାରୁ ବଞ୍ଚିତ ନ କରି ପୁନଃ ସ୍କୁଲ ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି।



**ଅଧାରୁ ପାଠ ଛାଡ଼ିଲେଣି ଅଧିକାଂଶ ଶିଶୁ**

## ବାର୍ଷିକ ଗୀତା ଜ୍ଞାନଯଜ୍ଞ ଉଦ୍‌ଘାଟିତ



**ବାରିପଦା, ୮ ।୧୧(ସମିସ):** ଜୁବିଲି ଲାଇବ୍ରେରୀ ପଡ଼ିଆରେ ଚିନ୍ମୟ ମିଶନ ବାରିପଦା ଆନୁକୂଲ୍ୟରେ ବାର୍ଷିକ ଗୀତା ଜ୍ଞାନଯଜ୍ଞ (ପ୍ରବଚନ) ଉଦଘାଟିତ ହୋଇଯାଇଛିଙ୍କ ପ୍ରବକ୍ତା ଚିନ୍ମୟ ମିଶନ ଓଡ଼ିଶାର ମୁଖ୍ୟ ଆଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ, ବାରିପଦାର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଦେଉଳଡିହା, କେଉଁଝରର ଆଚାର୍ଯ୍ୟ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା, ସଭାପତି ବିଜୟ ଲେଙ୍କା ଉଦଘାଟନ ସମାରୋହରେ ଯୋଗ ଦେଇଥିଲେ। ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୬ରୁ ୮ଟା ଶ୍ରୀମଦ ଭାଗବତ ଗୀତାର ଚତୁର୍ଦ୍ଦଶ ଅଧ୍ୟାୟ ଗୁଣତ୍ରୟ ଯୋଗ ଓ ସକାଳ ୭ରୁ ୮ଟା କଠୋପନିଷଦ ବିଷୟରେ ସ୍ୱାମୀ ସଦାନନ୍ଦ ସରସ୍ୱତୀ ପ୍ରବଚନ ଦେବେ। ଏଥିସହିତ ବିଭିନ୍ନ ସ୍କୁଲ କଲେଜ ପିଲାଙ୍କୁ ସ୍ୱାମୀଜୀ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଅଜିତ ବେହେରା ସୂଚନା ଦେଇଥିଲେ। କୋଷାଧକ୍ଷ ପ୍ରଦୀପ ମହାନ୍ତି, ବରିଷ୍ଠ ଆଇନଜୀବି ସତ୍ୟବ୍ରତ ମହାନ୍ତି, ତପନ ପଟ୍ଟନାୟକ, ସମ୍ପଦ ଦାସ, ହୃଦାନନ୍ଦ ଆଚାର୍ଯ୍ୟ, ଲକ୍ଷ୍ମୀ ପାଣି, ଶ୍ରୀଧର ପରିଡ଼ା, ଗିରିଜା ଶଙ୍କର ମହାନ୍ତି, କବିତା ଦାସ, ଡ଼ା ସୁନନ୍ଦନ ମିଶ୍ର, ବିଷ୍ଣୁପଦ ବେରା, କମଳିନୀ ଷଡ଼ଙ୍ଗୀ, ମାଳତୀ ପରିଡ଼ା, ସୁରେଶ୍ୱରୀ ମହାନ୍ତି, ସ୍ୱର୍ଣ୍ଣଲତା ସାହୁ, ସୌଦାପ୍ରଭା ମହାନ୍ତି, ବାପି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ



**ବାରିପଦା, ୮ ।୧୧(ସମିସ):** ସହିଦ ସ୍ମୃତି ଭବନ ପରିସରରେ ସମଗ୍ର ଶିକ୍ଷା, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ଉଦଯାପିତ ହୋଇଯାଇଛି। 'ମୋ ସ୍ୱପ୍ନର ଓଡ଼ିଶା-୨୦୩୬' ପ୍ରସଙ୍ଗ ଉପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୨୬ଟି ବ୍ଲକରୁ ପ୍ରାୟ ୯୬୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ବାରିପଦା ଉପ-ଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା, ସ୍ୱତନ୍ତ୍ର ଅତିଥି ଭାବେ ଆନ୍ତର୍ଜାତୀୟ ରଗବି ଖେଳାଳୀ ସନ୍ଧ୍ୟା ରାଣୀ ଟୁଡ୍ଡୁ ଓ ଜାତୀୟ ସ୍ତରର ବିଜ୍ଞାନ ସେମିନାର-୨୦୨୫ର ବିଜେତା କୁମାରୀ ଅଲିସା ପଣ୍ଡା ଯୋଗଦାନ କରିଥିଲେ। ସମସ୍ତ ପ୍ରତିଯୋଗୀ ୩୧ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ସେଥିରୁ ପ୍ରତ୍ୟେକ ବିଭାଗରେ ଶ୍ରେଷ୍ଠ ତିନି ଜଣ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶ ଗ୍ରହଣ କରିବେ। ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷକ ସୋମନାଥ ସିଂ, ସତ୍ୟନାରାୟଣ ନାୟକ, ନାରାୟଣ କିଙ୍କର ଦତ୍ତ, ପୁଲକ ଚନ୍ଦ୍ର ମହାନ୍ତ, ଗରେନ୍ଦ୍ର ସିଂ, ଜଗନ୍ନାଥ ସିଂ, ଶିକ୍ଷୟିତ୍ରୀ ପଦ୍ମିନୀ ପାଢ଼ୀ, ମୌସୁମୀ ଦୀକ୍ଷିତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାରେ ରକ୍ତଦାନ ଶିବିର

**ବାରିପଦା, ୮ ।୧୧(ସମିସ):** ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୬ଷ୍ଠ ଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭ ଜଣ ମହିଳା ସମେତ ୪୩ ଜଣ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଓ ସମ୍ମାନିତ ଅତିଥି ଭାବେ ଭଞ୍ଜପୁର ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ଜେନା ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ, ସମାଜସେବୀ ଅମର କୁମାର ସେଠୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ରୁଚିକା ଖୁରାନା, ପାର୍ଥସାରଥି ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।



# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା




**ରାଇରଙ୍ଗପୁର/ବାଦାମପାହାଡ଼, ୮ ।୧୧ (ସମିସ):** ରାଜ୍ୟ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଯଶିପୁର ନିର୍ବାଚନ ମଣ୍ଡଳୀର କୁସୁମୀ ବ୍ଲକ ବିଜୁ ଜନତା ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁସୁମୀ ବ୍ଲକ ବିଜେଡି ସଭାପତି ସୁଲୋଚନା ହେମ୍ବ୍ରମ ଓ ପୂର୍ବତନ ଯୁବ ସଭାପତି ଅଭିଷେକ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନେତା ଚକ୍ରଧର ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ୧୪ଟି ଗ୍ରାମପଞ୍ଚାୟତର ପଞ୍ଚାୟତ ସଭାପତିଙ୍କ ସହଯୋଗରେ 'ଜନସମ୍ପର୍କ ପଦଯାତ୍ରା' ମା' ବନଦୁର୍ଗା ମନ୍ଦିର ଠାରୁ ଆରମ୍ଭ କରାଯାଇ ବ୍ଲକ ନିକଟ କଲ୍ୟାଣୀ ମଣ୍ଡପରେ ଶେଷ ହୋଇଥିଲା। ପଦଯାତ୍ରାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ହୋଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ବର୍ତ୍ତମାନର ବିଜେପି ସରକାରଙ୍କ ଜନବିରୋଧୀ କାର୍ଯ୍ୟ ବିରୋଧରେ ନେତାମାନେ ବକ୍ତବ୍ୟ ରଖିଥିଲେ। ପୋଦଯାତ୍ରାରେ ପୂର୍ବତନ ବ୍ଲକ ଅଧକ୍ଷା ଚନ୍ଦ୍ରିକା ଟୁଡ୍ଡୁ, ଜିଲ୍ଲା ପରିଷଦ ସଦସ୍ୟା ମିନତି ନାଏକ, ସମିତି ସଭ୍ୟା ଗୌରୀ ବାସ୍କେ, ବିଶ୍ୱନାଥ ସାହୁ, ଶଶି ଗିରି, ରୁଦ୍ର ବାରିକ, ସାର୍ଥକ ମହାନ୍ତ, ଦୀପ୍ତି ସିଂ ଲାଗୁରି, ସୁକୁମତି ଟୁଡ୍ଡୁ, ମୁନା କାରୁଆ, ରାଜିବ ସାହୁ, ଦିପୁ ସାହୁ, ଶିବ ଗିରି, ରମେଶ ମହାନ୍ତି, ପ୍ରଦୀପ ବେହେରା, ମଟକା ଚାତାର, ବିଶ୍ୱନାଥ ବାରିକ, ଦିଲ ବାହାଦୁର, ଆଫତାବ ହୁସେନ, ବିଜୟ ନାଏକ, ପଙ୍କଜ ଚକ୍ରବର୍ତ୍ତୀ, ସାଜାଦ ହୁସେନ, ଜ୍ଞାନ ମହାକୁଡ଼, ମାନସ ମହାନ୍ତି, ଅଭିରାମ ହେମ୍ବ୍ରମ, ସୋନୁ ଚାତାର ତରଣୀସେନ ମହାନ୍ତ, ଯଶିପୁର ବ୍ଲକ ସଭାପତି ଦର୍ପ ନାରାୟଣ ମହାନ୍ତ, ସାରଦା ବାରିକ, ରାଜୁ ତିୟୁ, ରୋହିତ ସାହୁ, ଜହର ନାଏକ, ସୁନୀଲ ମହାନ୍ତି ସମେତ ୧୪ଟି ଗ୍ରାମପଞ୍ଚାୟତର ପଞ୍ଚାୟତ ସଭାପତି, ବରିଷ୍ଠ ନେତା ଏବଂ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସେମିନାର ଉଦ୍‌ଘାଟିତ



**ବାରିପଦା, ୮ ।୧୧(ସମିସ):** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସେମିନାର ଉଦ୍‌ଘାଟିତ ହୋଇଯାଇଛି। ଏହା ସହିତ 'ସ୍ଥଳୀୟ କୀଟଜନ୍ତୁର ସଂଗ୍ରହ, ସଂରକ୍ଷଣ ଓ ଡକୁମେଣ୍ଟେସନ' ବିଷୟରେ ଏକ ଦୁଇ ଦିନିଆ କୌଶଳ ବିକାଶ କାର୍ଯ୍ୟଶାଳା ବିଶ୍ୱବିଦ୍ୟାଳୟ ଜୁଲୋଜି ଆଲମୁନି ଆସୋସିଏସନ ସହଯୋଗରେ ଆୟୋଜିତ ହୋଇଥିଲା। ବିଭାଗର ମୁଖ୍ୟ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅତିଥିଙ୍କୁ ସ୍ୱାଗତ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣ ଓ ବ୍ୟବହାରିକ କୌଶଳ ବିକାଶ ପାଇଁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସେମିନାରର ଭାରପ୍ରାପ୍ତ ଶିକ୍ଷକ ଡ. କୁକୁ ମହାପାତ୍ର ବାର୍ଷିକ ଭାବେ ଆୟୋଜିତ ସେମିନାର କାର୍ଯ୍ୟକଳାପ ବିଷୟରେ ଅବଗତ କରାଇଥିଲେ। ଏହି ସେମିନାରର ମୁଖ୍ୟଅତିଥି ପ୍ରସିଦ୍ଧ ହର୍ପେଟୋଲୋଜିଷ୍ଟ ପ୍ରଫେସର ସୁଶିଳ କୁମାର ଦତ୍ତ ଯୋଗଦେଇ ଜୈବ ବିବିଧତାକୁ ବୁଝିବା ଏବଂ ସଂରକ୍ଷଣ କରିବାରେ ବର୍ଗୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଲିନିୟନ ବର୍ଗୀକରଣରୁ ଆରମ୍ଭ କରି ଆଧୁନିକ ଅଣୁଜୀବ ବିଜ୍ଞାନ ଓ ତଥ୍ୟ ବିଜ୍ଞାନ ସହିତ ଏହାର ଏକତ୍ରିକରଣ ପର୍ଯ୍ୟନ୍ତ ଟ୍ୟାକ୍ସୋନୋମିର ଉନ୍ନତିକୁ ଉଲ୍ଲେଖ କରିଥିଲେ। ସେ ପ୍ରଜାତି ଚିହ୍ନଟ କରିବା, ପରିବେଶଗତ ସମ୍ପର୍କକୁ ବୁଝିବା ଏବଂ ସଂରକ୍ଷଣ ପ୍ରୟାସକୁ ପ୍ରାଥମିକତା ଦେବା ପାଇଁ ବର୍ଗୀକରଣ କିପରି ମୂଳଦୁଆ ଭାବରେ କାର୍ଯ୍ୟ କରେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ ସେମିନାର ପରେ ଅନୁଷ୍ଠିତ ଦୁଇଦିନିଆ କର୍ମଶାଳାରେ ପ୍ରାଣୀ ବିଜ୍ଞାନ ବିଭାଗର ସହାୟକ ପ୍ରଫେସର ଓ ବିଶ୍ୱବିଦ୍ୟାଳୟ ଜୁଲୋଜି ଆଲମୁନି ଆସୋସିଏସନର ଅଧକ୍ଷ, ଡ଼ ଗାର୍ଗୀ ମହାନ୍ତି, ଜନ୍ତୁ ବନ୍ୟଜୀବ ସଂସ୍ଥା, ଦେହରାଦୁନର ପ୍ରକଳ୍ପ ବିଜ୍ଞାନୀ, ଡ଼. ବିବେକ ସର୍କାରଙ୍କୁ ପରିଚୟ କରାଇଥିଲେ। ଡ଼ ସର୍କାର ୮୦ ଜଣ ଛାତ୍ରଛାତ୍ରୀ ଓ ଗବେଷଣାକାରୀଙ୍କୁ କୀଟଜନ୍ତୁ ତଥ୍ୟ ସଂଗ୍ରହ ଓ ଡକୁମେଣ୍ଟେସନ ବିଷୟରେ ବ୍ୟବହାରିକ ପ୍ରଶିକ୍ଷଣ ଦେଇଥିଲେ। ବିଭାଗର ଅନ୍ୟାନ୍ୟ ଅଧାପକ, ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ଡ଼ ପ୍ରିୟରଞ୍ଜନ ଦେବତା, ସାଏଦା ଫୌଜିଆ ମାନୋୱାର ଓ ଲ୍ୟାବ ଆସିଷ୍ଟାଣ୍ଟ ଓ ଡ଼ ଜ୍ୟୋତିପ୍ରଜ୍ଞାନ ମାଝି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## କୁମାନୀ ସହରାୟ ପର୍ବର ଚତୁର୍ଥ ଦିନରେ ଗୋରୁ ଖୁଣ୍ଟା ପରମ୍ପରା ସବୁଠୁ ନିଆରା

# ପାରମ୍ପରିକ ନାଚଗୀତରେ ଝୁମିଲେ ଆଦିବାସୀ

ରାଇରଙ୍ଗପୁର, ୮ ।୧୧(ସମିସ)

ମୟୁରଭଞ୍ଜ ଜିଲ୍ଲାର ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ନିଆରା। ଚାଲିଚଳଣି ଠାରୁ ଆରମ୍ଭ କରି ପର୍ବପର୍ବାଣୀ ପର୍ଯ୍ୟନ୍ତ ସବୁଠି ନିଆରା ଝଲକ ଦେଖିବାକୁ ମିଳିଥାଏ। ଜିଲ୍ଲାବାସୀ ବର୍ଷକ ବାର ମାସରେ ତେର ପର୍ବ ପାଳନ ପାଳନ କରିଥାନ୍ତି। ସେଥିମଧ୍ୟରୁ ସହରାୟ ପର୍ବ ଅନ୍ୟତମ। ଏହା ଆଦିବାସୀ ସମ୍ପ୍ରଦାୟର ଏକ କୃଷି ଭିତ୍ତିକ ପର୍ବ। ଥିରେ ଗୋସମ୍ପଦଙ୍କୁ ପୂଜା କରାଯାଇଥାଏ। ଆବାହନ କାଳରୁ ସାନ୍ତାଳୀ ସମ୍ପ୍ରଦାୟର ସହରାୟ ପର୍ବ ପାଳନ ହୋଇଆସୁଛି। କାର୍ତ୍ତିକ ପୂର୍ଣ୍ଣିମାରୁ ଉକ୍ତ ପର୍ବ ପାଳନ ହୋଇଥାଏ। ସେଥିପାଇଁ ଏହାକୁ ପୂର୍ଣ୍ଣିମା ସହରାୟ ବା କୁମାନୀ ସହରାୟ କୁହାଯାଏ। ସହରାୟ ପର୍ବ ପାଞ୍ଚ ଦିନ ଧରି ସାନ୍ତାଳ ସମ୍ପ୍ରଦାୟର ଲୋକେ ପାଳନ କରିଥାନ୍ତି। ସେଥିମଧ୍ୟରୁ ଚତୁର୍ଥ ଦିନର ଗୋରୁ ଖୁଣ୍ଟା ପରମ୍ପରା ସବୁଠୁ ନିଆରା। ବିଭିନ୍ନ ଅଞ୍ଚଳରେ ଗୋରୁ ଖୁଣ୍ଟା କରିବାର ପରମ୍ପରା ରହିଛି। ରାଇରଙ୍ଗପୁର ଉପଖଣ୍ଡର ବହଳଦା ବ୍ଲକ ଦେଉରାଇଡ଼ିହି ଗ୍ରାମର ଗୋରୁ ଖୁଣ୍ଟା ଉତ୍ସବ ନିଆରା ଢଙ୍ଗରେ ପାଳିତ ହୁଏ। ନିଜ ନିଜ ଘର ଦାଣ୍ଡରେ ସୁସଜ୍ଜିତ ଖୁଣ୍ଟରେ ଗ୍ରାମବାସୀ ଗୋରୁଙ୍କୁ ବାନ୍ଧିଥାନ୍ତି। ପୁରୁଷମାନେ କୌତୁକିଆ ପୋଷାକ ପିନ୍ଧି ଢୋଲ ମାଦଳ ଓ ବାଣ ଫୁଟାଇ ବାନ୍ଧିଥିବା ଗୋରୁଙ୍କୁ ନଚାଇଥାନ୍ତି। ଏଥିସହିତ ମହିଳାମାନେ ଅରୁଆ ଚାଉଳ ଦୁବ ଘାସ ଓ ଧୂପ ଦୀପ ଦେଇ ଗୋରୁଙ୍କୁ ବନ୍ଦାପନା କରିଥାନ୍ତି। ପାରମ୍ପରିକ ଗୀତ ଗାଇ ଗୋରୁଙ୍କୁ ଉତ୍ସାହିତ କରି ପୂଜାର୍ଚ୍ଚନା କରନ୍ତି। ଏଭଳି କରିବା ଦ୍ୱାରା ଗାଈ ଗୋରୁଙ୍କ ଭିତରେ ଥିବା ଭୟ ଓ ରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପର୍ବ ସମୟରେ ଦୂରଦୁରାନ୍ତରେ ଥିବା ପରିବାର ଲୋକେ ମଧ୍ୟ ଘରକୁ ଫେରିଥାନ୍ତି। ସମସ୍ତେ ମିଳିତ ଭାବେ ପରିବାର ଲୋକଙ୍କ ସମେତ ଉକ୍ତ ପର୍ବକୁ ବେଶ ଉତ୍ସାହରେ ପାଳନ କରିଥାନ୍ତି। ଏହି ଗୋରୁ ଖୁଣ୍ଟା ଦେଖିବା ପାଇଁ ଶହ ଶହ ଦର୍ଶକ ଭିଡ଼ ଦେଖିବାକୁ ମିଳିଥାଏ। ଘଣ୍ଟ, ଘଣ୍ଟା ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥାଏ। ପାରମ୍ପରିକ ନାଚ ଗୀତରେ ଆଦିବାସୀ ନାଚିଗାଇ ଝୁମିଥାନ୍ତି। ଏହା ସହିତ ସୁସଜ୍ଜିତ ଗୋ ସମ୍ପଦକୁ ପୂଜା କରି ବେଶ ଖୁସି ହୁଅନ୍ତି। ବହୁ ପୁରାତନ କାଳରୁ ଏହି ପର୍ବ ଚାଲିଥିବା ବେଳେ ଆଜିବି ତାହାକୁ ଲୋକେ ବଞ୍ଚାଇ ରଖିଛନ୍ତି।



ସୃଜନିକା
ସକାଳ
THE SAKALA
www.sakalaepaper.com



କାଶୀନାଥ ନନ୍ଦୀ



# ଶବ ଲୁଟିଛି

ଲୋକଟା ଶବ ହେଇ ଶୋଇ ଥିଲା । ଶବକୁ ଜାତୀୟ ପତାକାରେ ଢାଙ୍କି ଦିଆ ଯାଇଥିଲା । ଇହକାଳର ଶେଷ ସନ୍ତକ ତା' ଦେହକୁ ଜାତୀୟ ପତାକା ଲୁଚେଇ ଦେଇଥିଲା । ଯୋଗ ଏମିତି ସେଦିନ ସ୍ୱାଧୀନତା ଦିବସ ଥିଲା ।

ଲୋକଟା ମରି ଯାଇଛି ବୋଲି କାହା କାହା ଆଖିରୁ ଲୁହ ବହୁଥିଲା । କୋଉ ଆଖିର ଲୁହ ଲାଗୁଥିଲା ପାଣି, କୋଉ ଆଖିର ଲୁହ ଲାଗୁଲା ପ୍ଲାଷ୍ଟିକ ଲୁହ । ଶବକୁ ଶେଷ ଦର୍ଶନ କରିବାକୁ ଗମନା ଗମନ ଲାଗି ରହିଥିଲା । ଲୋକେ ଆସୁଥିଲେ । ପାଦରେ ଫୁଲ ଦେଉଥିଲେ । କିଏ କିଏ ଶବପାଦ-ଧୂଳି ନେଇ ମୁଣ୍ଡରେ ମାରୁଥିଲେ । ତାହା ସେମାନଙ୍କର ବୋଧହୁଏ ଅତି ପ୍ରବଣତା, ନ ହେଲେ ମିଛ ପ୍ରଦର୍ଶନ । ଏତିକି ପରେ ସେମାନଙ୍କ ଭିତରୁ କିଛି ରହୁଥିଲେ । କିଛି ଚାଲି ଯାଉଥିଲେ ।

ଶବ ଉଠିବାକୁ ବିଳମ୍ବ ହେଉଥିଲା । ବାସିମଡ଼ା ହେଇ ଶବ ଶଢୁଥିଲା । ତେବେ ମଡ଼ା ଗନ୍ଧକୁ ଜିତି ଯାଉଥିଲା ଅତର ଓ ଧୂପର ଗନ୍ଧ । ଅଳ୍ପ ଅଳ୍ପ ଗନ୍ଧକୁ ବେଶି ଗନ୍ଧ ଜିତି ଯାଉଥିଲା । ତେଣୁ ପବନରେ ସୁବାସ ଲାଗି ରହିଥିଲା । ପାର୍ଟି ଲୋକ, ସାଧାରଣ ଜନତା ଓ ଜ୍ଞାନ୍ତି କୁଟୁମ୍ବ ସମସ୍ତେ ଅପେକ୍ଷାରେ ଥିଲେ, ମନ୍ତ୍ରୀ ଆସିବେ । ମନ୍ତ୍ରୀ ଆସିଲେ ଆଗକୁ ଯାହା ହେବ ।

ଅନେକ ସମୟ ଏଇମିତି ରହି ରହି ବିତିଗଲା । ଅନେକ ସମୟ ଯାଇଥିବ, ହଠାତ୍ ଗୋଟେ ବଡ଼ ଗୁଞ୍ଜରଣ ସୃଷ୍ଟି ହେଲା ସମୂହରେ ଯେ 'ମନ୍ତ୍ରୀ ଆସୁଛନ୍ତି ।' ସେ ପୁରୁଣା ରାଜବାଟି ତଥା ଜିଲ୍ଲା ସମାବେଶ ପଡ଼ିଆରୁ ପତାକା ଉତ୍ତୋଳନ କଲାପରେ ସିଧା ଏଇଠିକୁ ଆସୁଛନ୍ତି । ହେଇ ଆସିଯିବେ । ସେ ଶେଷ ଦର୍ଶନ କରିବେ । ଫୁଲ ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବେ । ତା'ପରେ ଶବ ଶୋଭାଯାତ୍ରାରେ ବାହାରିବ । ଶବସତ୍କାର କରା ହେବ । ଶବକୁ ଜାତୀୟ ସମ୍ମାନ ଦିଆଯିବ ।

ଯାହାଙ୍କୁ ଅପେକ୍ଷା ସେ ଆସି ପହଞ୍ଚିବା ପହଞ୍ଚିବା ହେଉଛନ୍ତି, ତା' ଆଗରୁ ସେମାନେ ଦୁଇଜଣ ସମୁହଁ ଭିତରକୁ ପ୍ରବେଶ କଲେ । ସେମାନେ ମାଆଟିଏ, ପୁଅଟିଏ । ମାଆ ତ୍ରିରଙ୍ଗୀ ଜାତୀୟ ବେଶରେ । ପୁଅ ସାନଟେ, ସେ ସୁଭାସ ବୋଷଙ୍କ ବେଶରେ । କେତେ ଜଣଙ୍କ ଆଖିରେ ବିସ୍ମୟ ଓ ପ୍ରଶ୍ନ, ଏମାନେ କାହିଁକି ( ! ) ? ଯାହା ନ ହେବା କଥା ତା ହେବ ନାହିଁତ ? ସେଇ ବିସ୍ମୟ ଓ ପ୍ରଶ୍ନ ଭିତରେ ଲୁଚିଥାଇ କେତେ ଜଣ ଘାରି ହେଲେ । ତେବେ ସେଇ ମାଆ ପୁଅ ଭିତରକୁ ପ୍ରବେଶ କରି ଯାଇଥିଲେ । ଚାଲି ଚାଲି ସେମାନେ ଶବ ପାଖରେ ପହଞ୍ଚିଲେ । ସେଇ ଉଚ୍ଚତା ଉପରକୁ ଉଠିଗଲେ ଯେଉଁଠି ଶବ ରଖାଯାଇଥିଲା । ସମସ୍ତଙ୍କ ଆଖି ଏବେ ସେମାନଙ୍କ ଉପରେ । ମାଆର ଆଖି ଶବ ଉପରେ । ଜାତୀୟ ପତାକା ତଳେ ଲୁଚିଛି ଗୋଟେ ମଲାଦେହ । ପତାକାକୁ ଭେଦି ପାରୁ ନାହିଁ ଆଖି । ଆଖି ଦେଖି ପାରୁନାହିଁ ଗୋଟେ ଉଲଗ୍ନ ଦେହ । ଯେଉଁ ଦେହର ପ୍ରତିଟି ଅଂଶକୁ ସେଇ ମାଆଟି ଚିହ୍ନିଛି । ପ୍ରତିଟି ସ୍ପନ୍ଦନକୁ ସେ ଅନୁଭବ କରିଛି । ଜାଣିଛି ଜଣେ ମଣିଷର ମାୟାରୂପ କେମିତି ଭୟଙ୍କର । ଏବେ ସେଇ ମାଆ, ସେଇ ନାରୀ ଦେହରେ ନିଆଁ । ସେଇ ନିଆଁ ତା' ଆଖିରେ । ଯେମିତି ପୋଡ଼ି ଜାଳିଦେବ ଗୋଟେ ଦେହକୁ । ହେଲେ ସେ ପାରୁ ନାହିଁ । ତା' ଆଖି ଓ ସେଇ ଦେହ ମଝିରେ ଜାତୀୟ ପତାକା ରହିଛି । ଯାହା ମା' ଭାରତୀର ସନ୍ତକ, ସେଇ ଜାତୀୟ ପତାକା ଆଗରେ ମାଆଟିର ଆଖି ଟେକୁ ନାହିଁ । ଆଖି ନଇଁ ଯାଉଛି । ପତାକାକୁ ସମ୍ମାନ । ଶବକୁ ଘୃଣା । ମଝିରେ ଯେମିତି ରହିଯାଇଛି ସେଇ ମାଆ । ଭାବି ପାରୁ ନାହିଁ କ'ଣ ସେ କରିବ (?) ।

ଏତିକିବେଳେ ଯେଉଁ ସମୟକୁ ଅପେକ୍ଷା ଥିଲା ସେଇ ସମୟ ଆସି ଗଲା । ମନ୍ତ୍ରୀ ପହଞ୍ଚୁଛନ୍ତି, ସେଉଠୁ ଆରମ୍ଭ ସ୍ଲୋଗାନ । ଶବର ଜୟ ଜୟକାର । ପୁଣି ସ୍ଲୋଗାନ ପରେ ନିରବତା । ଆସ୍ତେ ଆସ୍ତେ ମନ୍ତ୍ରୀ ତାଙ୍କ ଦଳବଳ ନେଇ ପ୍ରବେଶ କରୁଛନ୍ତି, ଠିକ୍ ଏତିକି ବେଳେ ହାତ ଉଠେଇଲା ସ୍ତ୍ରୀ ଲୋକଟି । ଶବକୁ ଢାଙ୍କି ଥିବା ଜାତୀୟ ପତାକାକୁ ଜୋର କରି ମୁଠେଇ ଧରିଲା । ଏମିତି ଉଠେଇଲା, ଲାଗିବ ସେ ତା'ର ସମସ୍ତ ବଳ ସେଇଠି ଲଗେଇ ଦେଇଛି । ଘୃଣାରେ ନିଆଁ ଲାଗିଥିଲା । ସେ ଚିତ୍କାର କରି କହି ଉଠିଲା, "ତୁ ଏ ପତାକାର ଯୋଗ୍ୟ ନୁହଁ ପାପୀ... । ତୁ ନର୍ଦ୍ଦମାର ପୋକ । ନର୍ଦ୍ଦମାରେ ତୋ ସ୍ଥାନ... ।"

ଏକାବେଳେ ସମସ୍ତେ ସ୍ତବ୍ଧ ।

ଏବେ ସମସ୍ତଙ୍କ ଆଖି ସେଇ ମାଆଟି ଉପରେ ସ୍ଥିର । ସମସ୍ତେ ଦେଖୁଥିଲେ, ଗୋଟେ ନାରୀର ମୁହଁ । ଯେଉଁ ମୁହଁରେ କି ନିଆଁ ଲାଗି ଥିଲା । ଘୃଣା ଉପରେ ଦାଉ ଦାଉ ଜଳୁଥିଲା ନିଆଁ । ଏଥର ସେ ଥୁ ଥୁ କରି ତିନି ଲଣ୍ଡା ଛେପ ପକାଇଲା ଶବର ମୁହଁ ଉପରକୁ, ଯେମିତି ତ୍ରିବାର ସତ୍ୟକୁ ସେଇଠି ସେ ଓହ୍ଲେଇ ଦେଲା । ତାପରେ ସେ ତା' ବେନି ହାତରେ ଧରିଲା ପତାକା । ଊର୍ଦ୍ଧ୍ୱକୁ ଉଠାଇଲା । ତା' ହାତ ଯେମିତି ଖମ୍ବ ପରି ଟେକି ଧରିଥିଲା ପତାକାକୁ । ପବନ ସେଇ ପତାକାକୁ ଉଡ଼ାଇବାକୁ ଆରମ୍ଭ କଲା । କୁନି ସୁବାସ କ'ଣ ଭାବିଲା କେଜାଣି, ସେ ସାଲୁଟ କଲା ପତାକାକୁ ।

ସେଇଠି ବହୁ ଲୋକ, ଚାଲି ଆସୁଥିଲା ବହୁ ପାଦ, ସବୁ ରହିଗଲା । ରହିଗଲା ଦେଖୁଥିବା ସମସ୍ତ ଆଖି । ରହିଗଲା, ଶୁଣୁଥିବା ସବୁ କାନ । ରହିଗଲା କହୁଥିବା ଯେତେ ପାଟି । ସବୁ ମଣିଷ ଏବେ ତିନି ମାଙ୍କଡ଼ । ଦେଖି, ଦେଖୁ ନ ଥିଲେ । ଶୁଣି, ଶୁଣୁ ନ ଥିଲେ । ପାଟିଥାଇ କଥା କହୁ ନ ଥିଲେ । ସେମିତି ସ୍ଥିର । ସେମିତି ଅନ୍ଧ, ମୂକ, ବଧିର । ସେଇ ସ୍ଥିରତା ଉପରେ ପବନ ବହୁଥିଲା । ଜାତୀୟ ପତାକା ଫର୍ ଫର୍ ଉଡୁଥିଲା । ■

ରାଉରକେଲା
ମୋ : ୯୮୬୧୬୫୫୩୫୭

# ନୀରବତା

ଅକ୍ଷୟ ବେହେରା



ସେ ଏକ ଏମିତି ରଜ୍ଜୁ
ନିରନ୍ତର ଛନ୍ଦି ଦେଉଥାଏ
ମନ ସହ ମନ...

ତମେ କେଉଁଠି
ମୁଁ କେଉଁଠି
ଏକା ପରି ଲାଗୁ ନାହିଁ କି
ଦୁଇଟି ହୃଦୟ?

ଯାହାଯାହା ସଞ୍ଚି ନେଲେ
ଏ ଦୀର୍ଘ ଯାତ୍ରା ପଥରୁ
ସେ ସବୁ ନୁହେଁ କି ଆମ
ନୀରବ – ସମ୍ପଦ...

ଏବେ
ଯେବେ ଫେରୁଛି
ସେଇ ସବୁ ଚିଠିର
ନକଲ ପାଖକୁ
କିଏ ଲେଖିଛି ଏ ସବୁ
ନିଜେ ଲେଖି ନିଜେ ବିସ୍ମିତ ହୁଏ...

କେତେ ପରିଷ୍କାର ପରିଚ୍ଛନ୍ନ
ସେ ପଥ
ଦିନ ଦିନ ଏକ ଲୟ-
ସବୁ ନୀରାମୟ...

ଆତଙ୍କର ବଳୟରେ ଥାଇ
କେମିତି ସମ୍ଭବ?

ଏମିତି ଅସୁମାରୀ ସ୍ମୃତି ସମ୍ପଦ
ବ୍ୟାପିଛି ଦିଗ୍‌ବଳୟରୁ
ଦିଗ୍‌ବଳୟର ପଣତ ପରି
ମାଟିରୁ ଆକାଶ...

ଏବେ
ନୀରବତା
ନୀରବରେ
ନୀରବରେ
ନିରନ୍ତର
ତମ କଥା କହେ... ■

ଭୁବନେଶ୍ୱର - ୭୫୧୦୧୬
ମୋ: ୯୪୩୭୨୭ ୯ ୯୪୧

# ଭୂମିଲଗ୍ନା

ସେନାପତି ପ୍ରଦ୍ୟୁମ୍ନ କେଶରୀ



ଦେହ ମାଟି ହେଲେ ମହୁ ମହୁ ବାସେ ।

ଦୁଷ୍ଟାମି କଣ ମହୁଠୁ କମ୍ ମିଠା କି ?
ଅଧା ବାଟରେ ଖରା ଟିକେ ରହିଯାଏ
ହୃଦୟ କ୍ଷେତଆଡ଼େ ଚାହେଁ
ଶାଗୁଆ ଘାସ ଦେହରେ କାହାର ଚିହ୍ନା ଚିହ୍ନା ଛାଇ
ଖରାକୁ ଆଖିର ଇସାରାରେ ପାଖକୁ ଡାକେ ।

ବର୍ଷାରେ ତିନ୍ତି ବୁଡ଼ି
ଗାଲେଇ ପଡ଼ିଥିବା ପକ୍ଷୀ
ଖରାର ଆଲିଙ୍ଗନରେ
ଅଳସ ଭାଙ୍ଗି ଜୁଆନ୍ ପୃଥିବୀକୁ ଦେଖେ ।

ଦେହ ଦୋଳିରେ ଝୁଲୁ ଝୁଲୁ କେତେବେଳେ
ଢୁଳେଇ ପଡ଼େ ଥକିଲା ପବନ
ଶ୍ୟାମ ଶ୍ୟାମ ଲାଗୁଥିବା ଈଷତ୍ ଅନ୍ଧାର
ଛପି ଛପି ଆସି ଆଖି ବୁଜି ଧରେ ତ
ଲାଜରେ ଦମ୍ ଦମ୍ ହୁଏ ଗୋରୀ ଜହ୍ନ ।

ତୁମ ଦେହ ଗଛ ବଢ଼ି ବଢ଼ି ଯାଏ ଆକାଶ ଛୁଇଁବାକୁ
ଖସି ଖସି ଆସ ତୁମେ ମେଘ ପରି
ମୋ ଛାତିର ପାହାଡ଼କୁ ମୋତେ ଟିକେ ଶରଧାରେ
ଭିଡ଼ି ଧରି ତୁମ ଉଷ୍ମ ନିଃଶ୍ୱାସରେ ମିଶାଇ ଦେବାକୁ ।

ଯେଉଁଠି ମୁହାଣ, ସେଠି ସବୁବେଳେ
ମିଳନର ବାରମାସୀ ବସନ୍ତ

ସେ ଗୋଟେ ଏମିତି ଜାଗା
ଯେଉଁଠି ନଥାଏ ବ୍ୟର୍ଥତା,
ନଥାଏ ଭୟ କି ଶୂନ୍ୟତା
କ୍ଷୀର ପରି ଦିଶୁଥାଏ ନଈ ଜଳ
ମିଶ୍ରି ପାଣି ପରି ଲାଗେ ଖାର ସମୁଦ୍ର !

ଦେହ ମାଟି ହେଲେ ପାଲଟି ଯାଏ ଅମୃତ
ଭୂମିଲଗ୍ନା ହେଲେ
ଦେହର ଉପବନରେ ଲାଗିଯାଏ ମହୁମାଛିଙ୍କ ଭିଡ଼! ■

ଜଗନ୍ନାଥ କଲୋନୀ, ବାଲିକୁଦା
ପୋଷ୍ଟ: ଗୋପାଳପୁର
କଟକ: ୭୫୩୦୧୧
ମୋ : ୬୩୭୧୫୨୩୫୯୮



# ତତ୍ତ୍ୱ ଓ ଭାଷା

ଡକ୍ଟର ଦେବାଶିଷ ମହାପାତ୍ର



ଭାଷା ପାଇଁ ଭାରତ ବିଶ୍ୱବିଖ୍ୟାତ । ତତ୍ତ୍ୱ ପାଇଁ ବି । ବିଶେଷତଃ, ସାହିତ୍ୟତତ୍ତ୍ୱ । ଭାମହ, ଦଣ୍ଡୀ, ବାମନ, ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ, କୁନ୍ତକ, କ୍ଷେମେନ୍ଦ୍ର, ବିଶ୍ୱନାଥ କବିରାଜଙ୍କ ସମେତ ବହୁ ଆଚାର୍ଯ୍ୟ, ସାହିତ୍ୟତତ୍ତ୍ୱ ବ୍ୟାଖ୍ୟା କରି ଭାରତୀୟ ଭାଷା ଓ ସାହିତ୍ୟର ପ୍ରସାର କରିଛନ୍ତି । ଆଚାର୍ଯ୍ୟ ବାମନଙ୍କ ମତ, "ରୀତିରାତ୍ମା କାବ୍ୟସ୍ୟ" । କୁନ୍ତକ କହନ୍ତି, "ବକ୍ରୋକ୍ତନି କାବ୍ୟ ଜୀବିତମ୍" । ବିଶ୍ୱନାଥ କବିରାଜ ମତ ଦିଅନ୍ତି, "କାବ୍ୟ ରସାତ୍ମକଂ କାବ୍ୟ" । ଷଷ୍ଠ ଶତାବ୍ଦୀର ବାମନଙ୍କ 'କାବ୍ୟାଳଙ୍କାର' ସପ୍ତମ ଶତାବ୍ଦୀର ଦଣ୍ଡୀଙ୍କ 'କାବ୍ୟାଦର୍ଶ', ଅଷ୍ଟମ ଶତାବ୍ଦୀର ଆଚାର୍ଯ୍ୟ ବାମନଙ୍କ 'କାବ୍ୟାଳଙ୍କାର ସୂତ୍ର', ନବମ ଶତାବ୍ଦୀର ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଆମକୁ ତତ୍ତ୍ୱ ଓ ଭାଷା ମଧ୍ୟରେ ପରସ୍ପରର ସମ୍ପର୍କ କଥା କହେ । ସେହିଭଳି ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ', ମମ୍ମଟ ଭଟ୍ଟଙ୍କ 'କାବ୍ୟ ପ୍ରକାଶ', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଭାଷାର ଆବଶ୍ୟକତା କଥା ଆମକୁ ଅବଗତ କରାଏ । ଆମେ ସମୟର ତାଳେ ତାଳେ ଆଗକୁ ଅଗ୍ରସର ହେଉଛେ । ତେବେ ପାଶ୍ଚାତ୍ୟ ତତ୍ତ୍ୱ ଓ ପ୍ରାଚୀନତତ୍ତ୍ୱର ଭାଷା ଏବେ ବି ଭାଷାର ବ୍ୟବହାର ଓ ଭୂମିକା କଥା ଆମକୁ ସୂଚାଇ ଦିଏ । ଭାମହଙ୍କ 'କାବ୍ୟାଳଙ୍କାର', କ୍ଷେମେନ୍ଦ୍ରଙ୍କ 'ଔଚିତ୍ୟ', ବାମନଙ୍କ 'ରୀତି', କୁନ୍ତକଙ୍କ 'ବକ୍ରୋକ୍ତି', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନି' ଓ ବିଶ୍ୱନାଥ କବିରାଜଙ୍କ 'ରସ' ଆମକୁ ଭାଷାର ବୈଶିଷ୍ଟ୍ୟ କହେ । ତତ୍ତ୍ୱରେ ଭାଷାର ପ୍ରୟୋଗ ବାସ୍ତବିକ ବିସ୍ମୟକର । ଆମେ ତତ୍ତ୍ୱ ଓ ଭାଷା କ୍ରମରେ ଭାରତୀୟ ସାହିତ୍ୟ ତତ୍ତ୍ୱର ବ୍ୟାଖ୍ୟାକାର ଆଚାର୍ଯ୍ୟଗଣଙ୍କ ମଧ୍ୟରୁ କେତେ ଜଣଙ୍କର ଭାଷା ଓ ବୈଶିଷ୍ଟ୍ୟ କଥା ବିଚାର କରିବା ।

ଦ୍ୱାଦଶ ଶତାବ୍ଦୀର ଜଣେ ଜୈନାଚାର୍ଯ୍ୟ ଭାବେ ପ୍ରସିଦ୍ଧି ପାଇଥିବା ହେମଚନ୍ଦ୍ର 'କାବ୍ୟାନୁଶାସନ' ଗ୍ରନ୍ଥର ରଚୟିତା । ଅଭିନବଗୁପ୍ତ ଓ ମମ୍ମଟଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହେମଚନ୍ଦ୍ରଙ୍କ ଦୁଇ ପ୍ରମୁଖ ଶିଷ୍ୟ ରାମଚନ୍ଦ୍ର ଓ ଗୁଣଚନ୍ଦ୍ର 'ନାଟ୍ୟହର୍ଷଣ' ରଚନା କରିଥିଲେ । ହେମଚନ୍ଦ୍ର ସ୍ୱରଚିତ 'କାବ୍ୟାନୁଶାସନ'ର ଗୋଟିଏ ଟୀକା ମଧ୍ୟ ପ୍ରସ୍ତୁତ କରିଛନ୍ତି । ଭାରତୀୟ ସାହିତ୍ୟତତ୍ତ୍ୱର ଭାଷା ବିଚାର ଦିଗରେ ଏସବୁ ଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ମନେହୁଏ । ସପ୍ତମ ଶତାବ୍ଦୀର ଆଚାର୍ଯ୍ୟ ଦଣ୍ଡୀଙ୍କ 'କାବ୍ୟାଦର୍ଶ' ଏ ଦୃଷ୍ଟିରୁ ଆଉ ଏକ ଅନନ୍ୟ ଉଦାହରଣ । ଏଥିରେ ସମୁଦାୟ ଚାରିଟି ପରିଚ୍ଛେଦ ଓ ଛ' ଶହ ପଚାଶଟି ଶ୍ଳୋକ ଅଛି । ଗ୍ରନ୍ଥଟି କନ୍ନଡ଼ ଓ ସିଂହଳୀ ଭାଷାରେ ଲିଖିତ । ତିବ୍ବତୀୟ ଭାଷାରେ ବି ଏହାର ଅନୁବାଦ ଦେଖିବାକୁ ମିଳେ ଯାହାକି, ଭାଷା ଦୃଷ୍ଟିରୁ କାବ୍ୟାଦର୍ଶର ଲୋକପ୍ରିୟତା ଓ ଆବଶ୍ୟକତାର ପ୍ରମାଣ ଦିଏ । ଗୌଡ଼ୀ ଓ ବୈଦର୍ଭୀ ରୀତିର ଭିନ୍ନତାକୁ ସେ ଖୁବ୍ ସୁନ୍ଦର ଭାବରେ ପ୍ରକାଶ କରି ଭାଷା ଓ ତତ୍ତ୍ୱ ଉପରେ ଥିବା ତାଙ୍କ ଜ୍ଞାନର ଗଭୀରତା ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । କାବ୍ୟଲକ୍ଷଣ, କାବ୍ୟଭେଦ, ଗୁଣ, ଅର୍ଥାଳଙ୍କାର, ଯମଳାଙ୍କାର, ଦଶବିଧି କାବ୍ୟଦୋଷ ପ୍ରଭୃତି ଏହି କାବ୍ୟାଦର୍ଶରେ ସୂତ୍ର ଭାବରେ ବର୍ଣ୍ଣିତ ହୋଇଛି । ଆଳଙ୍କାରିକ ଦଣ୍ଡୀଙ୍କ ଭାଷା ପ୍ରୟୋଗ ଅତି ଚମତ୍କାର । ତ୍ରୟୋଦଶ ଶତାବ୍ଦୀର ଜଣେ ପ୍ରମୁଖ ଆଳଙ୍କାରିକ ଶାରଦାତନୟ । ତାଙ୍କର ଏକ ଉଲ୍ଲେଖନୀୟ ଅବଦାନ 'ଭାବପ୍ରକାଶ' । ଦଶଟି ଅଧ୍ୟାୟରେ ବିଭକ୍ତ ହୋଇଥିବା ଏହି ଗ୍ରନ୍ଥ 'ଭାବପ୍ରକାଶ'ରେ ଶବ୍ଦାର୍ଥ ସମ୍ବନ୍ଧ ବିଷୟରେ ଆଲୋଚନା ଦେଖିବାକୁ ମିଳେ, ଯାହାକି ଭାଷାର ପ୍ରୟୋଗ ବିଧି ବିଷୟରେ ସୂଚାଇବା ସହ ଭାଷା ଓ ଶବ୍ଦ କଥା କହିଥାଏ । ଅଷ୍ଟମ ଶତାବ୍ଦୀର ଅଳଙ୍କାର ପ୍ରସ୍ଥାନର ଜଣେ ଅଗ୍ରଗଣ୍ୟ ଆଚାର୍ଯ୍ୟ ଉଦ୍ଭଟ । ବିଖ୍ୟାତ ବିଦ୍ୱାନ ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ଉଦ୍ଭଟଙ୍କ ରଚିତ 'କାବ୍ୟାଳଙ୍କାର ସାର ସଂଗ୍ରହ' ଏକ ଅତି ଉପାଦେୟ ଗ୍ରନ୍ଥ । ଉଦ୍ଭଟ ଶବ୍ଦ ଭେଦରୁ ଅର୍ଥଭେଦ କଳ୍ପନା କରିଥିଲେ । ଶ୍ଳେଷାଳଙ୍କାରର ଦୁଇଟି ବିଭାଗ ଯଥା: 'ଶବ୍ଦଶ୍ଳେଷ' ଓ 'ଅର୍ଥଶ୍ଳେଷ' ବୋଲି ସେ ବିଭାଜନ କରିଥିଲେ ହେଁ ଏସବୁକୁ ସେ ଅର୍ଥାଳଙ୍କାର ଭାବରେ ପ୍ରାଧାନ ଦେଇଥିଲେ । ଅର୍ଥ ଉପରେ ବିଶେଷ ଗୁରୁତ୍ୱ ଦେଇ ଉଦ୍ଭଟ କରିଥିବା ଯୁକ୍ତିଯୁକ୍ତ ଆଲୋଚନା, ଭାଷା ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ଆଳଙ୍କାରିକ ମମ୍ମଟଙ୍କ 'କାବ୍ୟପ୍ରକାଶ' ଉପରେ ଟୀକା ଲେଖିବା ସହ ଅନେକ ଗ୍ରନ୍ଥର ରଚୟିତା ଭାବେ ଖ୍ୟାତ । ଦ୍ୱାଦଶ ଶତାବ୍ଦୀର ଆଲୋଚକ ରୂପ୍ୟକ 'ଅଳଙ୍କାର ସର୍ବସ୍ୱ' ଗ୍ରନ୍ଥ ପାଇଁ ବିଶେଷ ଭାବେ ପରିଚିତ ଓ ପ୍ରତିଷ୍ଠିତ । ଏହା ତାଙ୍କର ମୌଳିକ ଗ୍ରନ୍ଥ । ଏଥିରେ ସେ ୭୫ଟି ଅର୍ଥାଳାଙ୍କାର ଓ ୬ଟି ଶବ୍ଦାଳଙ୍କାରର ବିଶେଷ ବିଶ୍ଳେଷଣ କରିଛନ୍ତି ଯାହାକି ଭାଷା ଅନୁଶୀଳନ ଦୃଷ୍ଟିରୁ ଉଦାହରଣ ସ୍ଥାନୀୟ । ପଣ୍ଡିତ ଜଗନ୍ନାଥ ସପ୍ତଦଶ ଶତାବ୍ଦୀର ଜଣେ ସ୍ୱନାମଧନ୍ୟ କବି ଓ ସମାଲୋଚକ ଭାବେ ସୁପରିଚିତ ଆଳଙ୍କାରିକ ଓ ନୈୟାୟିକ ଭାବେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର 'ରସଗଙ୍ଗାଧର' ନାମକ ଗ୍ରନ୍ଥଟି ପାଣ୍ଡିତ୍ୟପୂର୍ଣ୍ଣ ରଚନା ଭାବେ ଆଲୋଚିତ ହୁଏ । ଭାଷାର ପ୍ରୟୋଗ ସହ ରସ ଓ ଅଳଙ୍କାର ବିଷୟରେ ତାଙ୍କର ବାଖ୍ୟା ଓ ସୈଦ୍ଧାନ୍ତିକ ବିଚାର ଆଲୋଚନା ବେଶ୍ ବୁଦ୍ଧି-ଦୀପ୍ତ । ବିଷୟ ବିଚାର ଆଲୋଚନାରେ ତାଙ୍କର ମୌଳିକତା, ନୂତନତା, ଭାଷା ପ୍ରୟୋଗରେ ବିବିଧତା ପଣ୍ଡିତରାଜ ଜଗନ୍ନାଥଙ୍କୁ ଭାରତୀୟ ସାହିତ୍ୟ ତତ୍ତ୍ୱରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ କରିପାରିଛି । 'ଏକାବଳୀ' ନାମକ ଅଳଙ୍କାର ଗ୍ରନ୍ଥର ପ୍ରଣୟନ କରି ପ୍ରତିଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଶତାବ୍ଦୀର ଅନନ୍ୟ ଆଳଙ୍କାରିକ ବିଦ୍ୟାଧର ତାଙ୍କର ଏହି ଗ୍ରନ୍ଥରେ ଧ୍ୱନିଭେଦ, ଶବ୍ଦାଳଙ୍କାର, ଅର୍ଥାଳଙ୍କାର, ଗୁଣ ଓ ରୀତି ବିଷୟରେ ବିଶେଷ ଦୃଷ୍ଟିପାତ କରିଛନ୍ତି ।

ଏକାଦଶ ଶତାବ୍ଦୀର ଆଲୋଚକ ଓ ଆଳଙ୍କାରିକ ଭାବେ ନିଜର ପ୍ରତିଷ୍ଠା ଲାଭ କରିଥିବା ଭୋଜରାଜ ସାହିତ୍ୟ ସିଦ୍ଧାନ୍ତ ସମୂହର ସଫଳ ସଂଗ୍ରାହକ ଭାବେ ମଧ୍ୟ ସୁପରିଚିତ । 'ସରସ୍ୱତୀ କଣ୍ଠାଭରଣ' ଗ୍ରନ୍ଥର ପାଞ୍ଚଟି ପରିଚ୍ଛେଦରେ ଭାଷାର ଅପୂର୍ବ ପ୍ରୟୋଗ କରିଛନ୍ତି । ଭାମହ, ବାମନ, ଦଣ୍ଡୀ, କୁନ୍ତକ, କ୍ଷେମେନ୍ଦ୍ର, ଆନନ୍ଦବର୍ଦ୍ଧନ, ବିଶ୍ୱନାଥ କବିରାଜ, ରୁଦ୍ରଟ, ମମ୍ମଟଙ୍କ ଅବଦାନ ଭଳି ଭୋଜରାଜଙ୍କ ଅବଦାନକୁ ମଧ୍ୟ ଅନସ୍ୱୀକାର୍ଯ୍ୟ ଓ ଅବିସ୍ମରଣୀୟ କୁହାଯାଏ । ତତ୍ତ୍ୱ ଓ ଭାଷାର ସଂପର୍କ ତଥା ସମନ୍ୱୟ, ଭାଷା ଆଲୋଚକଙ୍କୁ ଆଜି ବି ବିସ୍ମିତ କରେ । ଯଥାର୍ଥରେ ଆଳଙ୍କାରିକ ଭାମହ କହନ୍ତି, ବର୍ଣ୍ଣ ସମୁଦାୟ ହିଁ ଶବ୍ଦ । ଶବ୍ଦ ହିଁ କାବ୍ୟ । ଏଣୁ କବି ଶବ୍ଦ ବ୍ୟବହାର ପୂର୍ବରୁ ଶବ୍ଦର ଶୁଦ୍ଧତା, ଅଶୁଦ୍ଧତା ବିଷୟରେ ଧ୍ୟାନ ଦେବା । ■


ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ଏନ୍.ସି.ଇ.ଆର୍.ଟି, ଭୁବନେଶ୍ୱର-୨୨
ମୋ: ୬୩୭୨୦୮୨୬୯୦

## ପତ୍ରିକା ପରିଚୟ

### ବନଫୁଲ

**ସଂପାଦକ : ରତ୍ନାକର ନାୟକ**

ରତ୍ନାକର ନାୟକଙ୍କ ସଂପାଦିତ 'ବନଫୁଲ'ର ଶାରଦୀୟ ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାର 'କଳାଜୟୀ କାହାଣୀ' ବିଭାଗରେ ବ୍ରହ୍ମାନନ୍ଦ ପଣ୍ଡାଙ୍କ 'ପାଗଳ' ଗପଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ସୁଷମା ପରିଜାଙ୍କ 'ଦଶ ମହାବିଦ୍ୟା'ରେ ଦଶ ମହାବିଦ୍ୟାଙ୍କ ସ୍ୱରୂପ ଓ ମାହାତ୍ମ୍ୟ ସଂପର୍କରେ ଆଲୋଚନା କରାଯାଇଛି । ସେଭଳି ଡକ୍ଟର ତ୍ରିନାଥ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗାୟତ୍ରୀ ଆର୍ଯ୍ୟ, ଭାଗୀରଥି ବେହେରା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ମାର୍ମିକ ହୋଇଛି । 'କବିତା ବିଭାଗ'ରେ ସଦାଶିବ ଦାଶ, ସୌଭାଗ୍ୟବନ୍ତ ମହାରଣା, ରବି ଶତପଥୀ, ସୁଶାନ୍ତ କୁମାର ନାୟକ, ଶିଶିର ନାୟକ, ସୁଧୀର ମେହେର, ମନୋଜ ମେହେର ପ୍ରମୁଖଙ୍କ କବିତା ଭାବଗର୍ଭକ ଓ ମନଛୁଆଁ ହୋଇଛି । ସେଭଳି ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଶରତ ଚନ୍ଦ୍ର ମହାପାତ୍ର, ଡକ୍ଟର ସୁସ୍ମିତା କୁମାରୀ ପାତ୍ର, ବିଜୟ ଲକ୍ଷ୍ମୀ ଦାଶଙ୍କ ପ୍ରବନ୍ଧ ଓ ଆଲୋଚନା ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । 'ବନଫୁଲ'ର ଏସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■





ରାଜନଗର
କେନ୍ଦ୍ରାପଡ଼ା -୨୫
ମୂଲ୍ୟ: ୨୦୦ ଟଙ୍କା

### ବାଟୋଇ

**ସଂପାଦକ : ଶତ୍ରୁଘ୍ନ ତରାଇ**

ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ର ମହାପୂଜା ୨୦୨୫ ସଂଖ୍ୟାଟି ଆକର୍ଷଣୀୟ ହୋଇଛି । ଶତ୍ରୁଘ୍ନ ତରାଇଙ୍କ ସଂପାଦନାରେ ପ୍ରକାଶିତ 'ବାଟୋଇ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ, ଯୁବ ଲେଖକଙ୍କ ଲେଖାରେ ସମୃଦ୍ଧ ହୋଇଛି । 'ପ୍ରବନ୍ଧ ବିଭାଗ'ରେ ଆଶୁତୋଷ ପରିଡ଼ା, ଡକ୍ଟର ସର୍ବେଶ୍ୱର ସେଣ, ମନୋଜ ପଟ୍ଟନାୟକ, ଡକ୍ଟର ଭରତ ବେହେରା, ଡକ୍ଟର ବେଣୁଧର ପାଢ଼ୀ ପ୍ରମୁଖଙ୍କ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ପ୍ରବନ୍ଧ ପ୍ରକାଶ ପାଇଛି । ସେହିପରି ପରେଶ ପଟ୍ଟନାୟକ, ରବି ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ଗିରୀଶ ସାହୁ, ଅଧ୍ୟାପକ ରମେଶ ଦାସ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି । 'କବିତା ବିଭାଗ'ରେ ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ବଂଶୀଧର ଷଡ଼ଙ୍ଗୀ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ସୂର୍ଯ୍ୟ ମିଶ୍ର ପ୍ରମୁଖଙ୍କ କବିତାରେ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି । ସେହିପରି ସଂପାଦକୀୟଠାରୁ ଆରମ୍ଭ ଫିଚର, ସୃଜନ ଆଳାପ, ଅନୁଭବ ଓ ଅନୁଭୂତି, ପୁସ୍ତକ ସମୀକ୍ଷା ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । ■




ରାଜନଗର
କେନ୍ଦ୍ରାପଡ଼ା - ୭୫୪୨୨୫
ମୂଲ୍ୟ: ୧୫୦ ଟଙ୍କା

### ଗୌରବ

**ସଂପାଦକ : ସଙ୍କର୍ଷଣ ଦାଶ**

ମୌଳିକ ଓ ଗବେଷଣାଧର୍ମୀ ସୃଜନର ସମାବେଶ 'ଗୌରବ'ର ପୂଜା ବିଶେଷାଙ୍କ ୨୦୨୫ ଆମର ହସ୍ତଗତ ହୋଇଛି । ସଙ୍କର୍ଷଣ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଥିବା 'ଗୌରବ'ର ଏହି ସଂଖ୍ୟାରେ 'କବିତା ଚିରନ୍ତନୀ'ରେ ରମାକାନ୍ତ ରଥଙ୍କ 'କାଞ୍ଚନ', କମଳାକାନ୍ତ ଲେଙ୍କାଙ୍କ 'ଯୋଗୀରେ ଯୋଗୀ', ଦୀପକ ମିଶ୍ରଙ୍କ 'ପାରି ହେବା' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । 'ଗଳ୍ପ କାଳଜୟୀ'ରେ ରାମଚନ୍ଦ୍ର ବେହେରାଙ୍କ 'ଦୁଇଟି ଉଦ୍ଭଟ ଚରିତ୍ର' ଗଳ୍ପଟି ମନଛୁଆଁ ହୋଇଛି । ପ୍ରବନ୍ଧ ବିଭାଗରେ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ, ଡ. ନଟବର ଶତପଥୀ, ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ମନନଶୀଳ ହୋଇଛି । ସେହିପରି ଫନୀ ମହାନ୍ତି, ଗିରିଜା କୁମାର ବଳିୟାରସିଂହ, ପ୍ରଦୀପ ବିଶ୍ୱାଳ, କ୍ଷୀରୋଦ ପରିଡ଼ା, ଧନଞ୍ଜୟ ସ୍ୱାଇଁ ପ୍ରମୁଖଙ୍କ କବିତା ମାର୍ମିକ ହୋଇଛି । ସେଭଳି ରଜନିକାନ୍ତ ମହାନ୍ତି, ପରେଶ ପଟ୍ଟନାୟକ, ସହଦେବ ସାହୁ, ନିବାରଣ ଜେନା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ଆଙ୍ଗିକ ଓ ଆତ୍ମିକ ଉଭୟ ଦୃଷ୍ଟିରୁ ଆକର୍ଷଣୀୟ ହୋଇଛି । 'ଗୌରବ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■





ଠାକୁର ସାହି, ପୋ: ବାଟିପଡ଼ା
କେନ୍ଦ୍ରାପଡ଼ା - ୭୫୪୨୧୮
ମୂଲ୍ୟ:୧୫୦ ଟଙ୍କା

### ତ୍ରିଶକ୍ତି

**ମୁଖ୍ୟ ସଂପାଦକ : ଆଶିଷ କୁମାର ଚନ୍ଦନ**

ସାରସ୍ୱତ ସଂକଳନ 'ତ୍ରିଶକ୍ତି' ମୁଖ୍ୟ ସଂପାଦକ ଆଶିଷ କୁମାର ଚନ୍ଦନ ଓ ସଂପାଦକ ଦିଲ୍ଲୀପ କୁମାର ମିଶ୍ରଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂକଳନରେ ଡ. ଗୋବର୍ଦ୍ଧନ ନାୟକ, ଡ. ସଦାବିହାରୀ ସାହୁ, ଶିବ ପ୍ରସାଦ ପଣ୍ଡା, ଭାବନୀ ଶଙ୍କର ପଟ୍ଟନାୟକ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ତଥ୍ୟଭିତ୍ତିକ ଓ ଉଚ୍ଚାଙ୍ଗ ହୋଇଛି । ସେହିପରି ମଳୟ ମିଶ୍ରଙ୍କ 'ଏବେ ବି ପୌରାଣିକ ଭୂମିକାରେ ଲୋକମାନେ', ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ 'ହୃଦୟ', ଆଶିଷ କୁମାର ଚନ୍ଦନଙ୍କ 'ପ୍ରତିତୀ: ଏକ ନାମହୀନ ସଂପର୍କ', ଯାଜ୍ଞସେନୀ ହୋତାଙ୍କ 'ଇଶ୍ୱରଙ୍କୁ ପ୍ରଶ୍ନଟିଏ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଭାଗୀରଥି ମିଶ୍ର, ପିନାକୀ ମିଶ୍ର, ଡକ୍ଟର ଶ୍ରୀଧରି ଧଳ, ଗଜାନନ ମିଶ୍ର, ଡ. ସଞ୍ଜୟ କୁମାର ମିଶ୍ର ପ୍ରମୁଖଙ୍କ କବିତାର ଭାବ, ଭାଷା ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି । 'ତ୍ରିଶକ୍ତି'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■




ସାଂସ୍କୃତିକ ପରିଷଦ, ପାଟଣାଗଡ଼
ଜି: ବଲାଙ୍ଗିର

## କଟକରେ ୨୨୧ ଅସୁରକ୍ଷିତ କୋଠା

# ନୋଟିସ୍ ଦେଇ ଚୁପ୍ ବସିଛି ଜିଲ୍ଲା ପ୍ରଶାସନ



କଟକ,୮ ।୧୧(ସମିସ): କଟକ ସହରରେ ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦସଂକୁଳ ଅବସ୍ଥାରେ ରହିଛି । ଏହି କୋଠା ଗୁଡିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡିକୁ ଭାଙ୍ଗିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ଏପରିକି ନିକଟ ଅତୀତରେ ସହରରେ ବିପଦସଂକୁଳ ଅବସ୍ଥାରେ ରହିଥିବା କୋଠା ପ୍ରସଂଗରେ ଜିଲ୍ଲା ପ୍ରଶାସନକୁ ତାଗିଦ କରିଥିଲେ ଓଡିଶା ହାଇକୋର୍ଟ । ହାଇକୋର୍ଟଙ୍କ ତାଗିଦା ସତ୍ତ୍ୱେ ପ୍ରଶାସନ ଆଖିବୁଜିଆ ପଦକ୍ଷେପ ଗ୍ରହଣ କରିନଥିବା ବେଳେ କେବଳ କୋଠା ମାଲିକ ମାନଙ୍କୁ ନୋଟିସ ଦେଇ ଚୁପ ବସିଥିଲା। କଟକରେ ଆଜି ଏକ ଅସୁରକ୍ଷିତ ଅବସ୍ଥାରେ ଥିବା କୋଠାର ବାଲକୋନୀ ଭାଙ୍ଗି ୩ଜଣଙ୍କ ମୃତ୍ୟୁ ଘଟଣା ପରେ ପ୍ରଶାସନର ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ହାଇକୋର୍ଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷିତ ଥିବା ଦର୍ଶାଯାଇଛି। ଯାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଏହି କୋଠା ସବୁ ଭଙ୍ଗାଯିବା ସମ୍ଭବ ହୋଇପାରୁନଥିବାର ଜଣାପଡିଛି। ସରକାରୀ ଓ ଘରୋଇ କୋଠା ବିପଦସଂକୁଳ ଥିଲେ ଏଗୁଡିକୁ ଭାଙ୍ଗିବା ଉପରେ ମଧ୍ୟ ହାଇକୋର୍ଟ ନିକଟରେ ଗୁରୁତ୍ୱାରୋପ କରିଥିଲେ।

ହାଇକୋର୍ଟଙ୍କ ନିର୍ଦ୍ଦେଶର ମାସାଧିକ ସମୟ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନଏସ ଧାରା ୧୫୨ରେ ସମସ୍ତ କୋଠା ମାଲିକଙ୍କୁ କେବଳ ନୋଟିସ ଜାରି ହୋଇଥିବା ଜଣାପଡିଛି। ଯୁଦ୍ଧକାଳୀନ ଭିତ୍ତିରେ ଘର ଗୁଡ଼ିକୁ ଖାଲି କରିବା ସହ ଭାଙ୍ଗିବା ପାଇଁ ଏହି ନୋଟିସ ଜାରି କରି ପ୍ରଶାସନ ଆଉ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ । ବିଶେଷକରି

### ହାଇକୋର୍ଟଙ୍କ ତାଗିଦା ପରେ ବି ଭଙ୍ଗାଯାଇନି ଗୋଟିଏ କୋଠା

ନୋଟିସ ପାଇଥିବା ୨୦୦ରୁ ଅଧିକ କୋଠା ମାଲିକ ସେମାନଙ୍କ ଅସୁରକ୍ଷିତ କୋଠା ଭାଙ୍ଗିବା ଦୂର କଥା ସେମାନଙ୍କ ମଧ୍ୟରୁ ଅନେକ ଘର ଖାଲି କରିନଥିବା ଜଣାପଡିଛି । ସହରର ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ରହିଛି ସର୍ବାଧିକ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର। ଏହା ବାଦ ଘରୋଇ କୋଠା, ମାର୍କେଟ କମ୍ପ୍ଲେକ୍ସ ଆଦି ରହିଛି। ପ୍ରକାଶଥାଉକି ଗତ ୨୦୧୪ର ଭୂମିକମ୍ପ ସମୟରେ ଅନେକ କୋଠାରେ ଫାଟ ସୃଷ୍ଟି ହୋଇଥିଲା । ଏହି ସମୟରେ କଟକ ଜିଲ୍ଲା ପ୍ରଶାସନ, ମହାନଗର ନିଗମ , ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ମିଳିତ ସର୍ଭେ ହୋଇ ମହାନଗର ଅଞ୍ଚଳରେ ସେହି ସମୟରେ ୨୩୭ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ କିଛି କୋଠାକୁ ଘର ମାଲିକ ଭାଙ୍ଗିଥିଲେ ମଧ୍ୟ ଅନ୍ୟମାନେ ଭାଙ୍ଗିନଥିଲେ। ହେଲେ ଏବେ ବି ସହରରେ ୨୨୧କୋଠା ଅସୁରକ୍ଷିତ ରହିଥିବା ବେଳେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକେ ତଥା ସେହି ବାଟ ଦେଇ ଯାଉଥିବା ପଥଚାରୀଙ୍କ ମୁଣ୍ଡ ଉପରେ ବିପଦ ହୋଇ ଉଭା ହୋଇଛି। ଆଜିର ଅଭାବନୀୟ ଘଟଣା ପରେ ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଛି ।

ମିଳିଥିବା ସୂଚନାନୁସାରେ ବିଗତ ୫ବର୍ଷ ମଧ୍ୟରେ ଚିହ୍ନଟ ହୋଇଥିବା କୋଠାର ୧୦ ପ୍ରତିଶତ ଅସୁରକ୍ଷିତ କୋଠା ଭଙ୍ଗାଯାଇପାରିନଥିବାର ପରିଲକ୍ଷିତ ହୋଇଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ରୁ ଅଧିକ ଅସୁରକ୍ଷିତ କୋଠା ଗୁଡିକୁ ଭାଙ୍ଗିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

## ■ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟ ସେବା ଏମିତି...

# ଗୋଟିଏ ଲାପ୍ରୋସ୍କପିକ୍ ମେସିନ୍‌ରେ ଚାଲିଛି ସର୍ଜରୀ

ଭୁବନେଶ୍ୱର, ୮।୧୧(ସମିସ): ରାଜଧାନୀର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ଶହଶହ ରୋଗୀ ଆସୁଛନ୍ତି। ଆଖପାଖ ଅଞ୍ଚଳଠୁ ଆରମ୍ଭକରି ଉପକଣ୍ଠବର୍ତ୍ତୀ ଅଞ୍ଚଳର ଲୋକଙ୍କ ପାଇଁ ଭରସା କ୍ୟାପିଟାଲ ହସ୍ପିଟାଲ। ହେଲେ ଏଠାରେ ସାମାନ୍ୟ ସର୍ଜରୀ ପାଇଁ ମଧ୍ୟ ରୋଗୀଙ୍କୁ ୧୫ରୁ ୨୦ ଦିନ ଯାଏଁ ଅପେକ୍ଷା କରିବାକୁ ପଡୁଛି। ଅସ୍ତ୍ରୋପଚାର ପାଇଁ ରୋଗୀ ନାକେଦମ୍ ହେଉଛନ୍ତି। କାରଣ ସର୍ଜରୀ ବିଭାଗରେ ଗୋଟିଏ ମାତ୍ର ଲାପ୍ରୋସ୍କପିକ୍ ସର୍ଜରୀ ମେସିନ୍ ରହିଛି। ରୋଗୀ ସଂଖ୍ୟା ଦିନକୁ ଦିନ ବଢୁଥିଲେ ମଧ୍ୟ ବର୍ଷ ବର୍ଷ ଧରି ଗୋଟିଏ ମେସିନ୍ ହିଁ ସର୍ଜରୀ କରାଯାଉଛି।

କ୍ୟାପିଟାଲ ହସ୍ପିଟାଲକୁ ସର୍ଜରୀ ପାଇଁ ଦୈନିକ ୫୦ରୁ ୮୦ ରୋଗୀ ଆସୁଛନ୍ତି। ହେଲେ ନା ବିଭାଗରେ ଆବଶ୍ୟକ ମୁତାବକ ଡାକ୍ତର ଅଛନ୍ତି ନା ଆବଶ୍ୟକ ସଂଖ୍ୟକ ଲାପ୍ରୋସ୍କପିକ୍ ମେସିନ ଅଛି। ଫଳରେ ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିପାରୁ ନାହିଁ। ଯେଉଁଥିପାଇଁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଘରୋଇ ହସ୍ପିଟାଲଗୁଡ଼ିକରେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ କୋଣାର୍କରୁ ସର୍ଜରୀ ପାଇଁ ଆସିଥିବା ସସ୍ମିତା ନାମ୍ନୀ ଜଣେ ମହିଳା କୁହନ୍ତି, ଗାଲ୍‌ବ୍ଲାଡର ଷ୍ଟୋନ୍ ସର୍ଜରୀ ପାଇଁ ୧୨/୧୩ ଦିନ ହେଲା ସେ ୱାର୍ଡରେ ରହିଲେଣି। ବିଭିନ୍ନ ପ୍ରକାର ଟେଷ୍ଟ କରିବା ପରେ ମଧ୍ୟ ଏଯାଏଁ ସର୍ଜରୀରେ ତାଙ୍କ ପାଳି ପଡ଼ିନାହିଁ। ପ୍ରାଇଭେଟ୍‌ରେ ତାଙ୍କୁ ଅଧିକ ପଇସା କହିବାରୁ ସେ ଏଠାକୁ ଆସିଥିଲେ। ହେଲେ ଏଠାରେ ଏତେ ଦିନ ଧରି ଅପେକ୍ଷା କରିବାକୁ ପଡୁଥିବାରୁ ବିରକ୍ତି ଭାବ ପ୍ରକାଶ କରିଥିଲେ। ସେହିପରି ତାଙ୍କ ନିକଟ ବେଡ୍‌ରେ ଥିବା ବାଲିପାଟଣାର ବାସନ୍ତୀ ମୁଦୁଲି କୁହନ୍ତି, ଦୀର୍ଘ ୧୫ ଦିନ ଅପେକ୍ଷା କରିବା ପରେ ଦୁଇ ଦିନ ତଳେ ତାଙ୍କ ପାଳି ପଡ଼ିଛି। ଏଠାରେ ଅଧିକାଂଶ ସର୍ଜରୀ ରୋଗୀଙ୍କ କେବଳ ଅପେକ୍ଷାରେ ଦିନ ବିତୁଥିବା ତାଙ୍କଠୁ ଜାଣିବାକୁ ମିଳିଥିଲା।

ସର୍ଜରୀରେ ପ୍ରାୟ ୮୦ଟି ବେଡ୍ ରହିଛି। ହେଲେ ଗୋଟିଏ ମାତ୍ର ମେସିନ୍ ଏବଂ ଡାକ୍ତରଙ୍କ ସଂଖ୍ୟା କମ୍ ଯୋଗୁଁ ଲୋକଙ୍କ ଚିକିତ୍ସା ବିଳମ୍ବ ହେଉଛି। ଲୋକଙ୍କୁ ଏଠାରେ ଆଡ୍‌ମିସନ୍ ଦିଆଯାଉଛି, ହେଲେ ଲାପ୍ରୋସ୍କପିକ୍ ସର୍ଜରୀ ପାଇଁ ଅପେକ୍ଷାରେ ସମୟ ବିତୁଛି। ସାମାନ୍ୟ ଗାଲ୍‌ବ୍ଲାଡର ଷ୍ଟୋନ୍ କିମ୍ବା କିଡ଼ନୀ ଷ୍ଟୋନ୍ ପାଇଁ ଆଡ୍‌ମିସନ ପରେ ସର୍ବମୋଟ୍ ଗୋଟିଏ ଦିନ ୱାର୍ଡରେ ରହିବା କଥା। ହେଲେ ଏହା ବଦଳରେ ୧୫ରୁ ୨୦ ଦିନ ରହିବାକୁ ପଡୁଛି। କିଛି ରୋଗୀ ୨ରୁ ୩ ଦିନ ପାଳି ନ ପଡ଼ିବାରୁ ଘରୋଇ ହସ୍ପିଟାଲ ଚାଲିଯାଉଛନ୍ତି। ଏହାସହ ଏତେ ଦିନ ରୋଗୀ ବିନା କାରଣରେ ରହିବାରୁ ମାନସିକ ଭାବେ ଚାପଗ୍ରସ୍ତ ମଧ୍ୟ ହେଉଛନ୍ତି।

ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏବେ ଗୋଟିଏ ମେସିନ୍ ଅଛି। ଅନ୍ୟଏକ ମେସିନ୍ ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଆଉଏକ ଲାପ୍ରୋସ୍କପିକ୍ ସର୍ଜରୀ ମେସିନ୍ ଆସିବ ବୋଲି ସେ କହିଛନ୍ତି।

## ବ୍ରହ୍ମପୁର ଜେଲକୁ ଫେରିଲେ ଶଙ୍କର ଓ ଅରବିନ୍ଦ

ବ୍ରହ୍ମପୁର,୮ ।୧୧(ସମିସ): ୫ଦିନିଆ ରିମାଣ୍ଡ ସରିବା ପରେ ପୁଲିସ ଏସଆଇ ଚାକିରି କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ଅରବିନ୍ଦ ଦାଶଙ୍କୁ ଶନିବାର କ୍ରାଇମବ୍ରାଞ୍ଚ କଟକରୁ ବ୍ରହ୍ମପୁର ଆଣିଛି। ଉଭୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରି ପରେ ମଣ୍ଡଳ କାରାଗାରକୁ ପଠାଇଦିଆଯାଇଛି। କ୍ରାଇମବ୍ରାଞ୍ଚ ଉଭୟଙ୍କୁ ୫ଦିନ ରିମାଣ୍ଡରେ ନେଇ କଟକରେ ଜେରା କରିବା ପରେ ଶନିବାର ବ୍ରହ୍ମପୁର କୋର୍ଟରେ ହାଜର କରିଛି। ପୂର୍ବରୁ ଅଭିଯୁକ୍ତ ମୁନା ମହାନ୍ତି, ପ୍ରିୟଦର୍ଶନୀ ସାମଲ ଓ ଲୋକନାଥ ସାହୁଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଜେରା କରିଥିଲା।

**AFFIDAVIT**

I, Prabhata Kumar Samal, about 62 years, Son of Late Chaitanya Charan Samal, At-Goutam Nagar, Bidyadharpur, Naya Bazar, Cuttack – 753004 having Adhaar No. 939815753292 and PAN No. ANMPS0042B declare by this affidavit No. 8978 dated 03.09.2025 that my name is "Prabhata Kumar Samal" and is not "Prabhat Kumar Samal" as wrongly mentioned in some documents. Hence my name is to be read as "Prabhata Kumar Samal" for all future purposes.

**AFFIDAVIT**

I, Suhel Ahmed Mohammed c/o Mir Sanawar Ali, Resident of Village- Nania Mohalla, Krushnanandapur, Po- Krishnanandapur, Dist- Jagatsinghapur, Odisha, declare by this affidavit No.2363 dtd 16.10.2025 that now onwards I shall be known as **MOHAMMED SUHEL AHMAD** for all future purposes.

**AFFIDAVIT**

I SUNAINA DASH, W/o PRABIR KUMAR HOTA, resident of At/Po- Sasahandi, Via- Borigumma, Ps.- Kotpad, DT.- Koraput- 764 056, Odisha declare by this Affidavit No.1764, Dated- 30/10/2025, that now onwards I shall be known as **SUNEINA DASH** for all future purpose.

**AFFIDAVIT**

By virtue of an affidavit No.-1219, Dtd.10.10.2025 sworn before the Executive Magistrate, Bargarh, I, Jigyanasha Subhadarsini Sahu, D/o- Debashish Sahu, At Bandutikra, P/o: Bargarh, Dist: Bargarh, Odisha state that my name has been inadvertently spelt in my Aadhar card No. 3635 7016 5439 as Jingyasa Subhadarshini instead of Jigyanasha Subhadarsini Sahu, but both the names are one and same . Henceforth, I will be known as **Jigyanasha Subhadarsini Sahu** for all future purposes

# ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଲୋକ ହନ୍ତସନ୍ତ: ବିଜେଡି

■ ନିର୍ବାଚନୀ ପ୍ରଚାରରେ ସରକାରୀ କଳର ଭରପୂର ଉପଯୋଗ କରୁଛି ବିଜେପି
■ ନିଜେ ଭାଙ୍ଗୁଛନ୍ତି ଆଚାର ସଂହିତା

ଭୁବନେଶ୍ୱର, ୮।୧୧(ସମିସ): ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ ସରକାରୀ କଳକୁ ରାଜନୀତି କାମରେ ବେଶ୍ ଉପଯୋଗ କରୁଛି ବିଜେପି। କ୍ଷମତା ଲୋଭରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ଶାସକ ଦଳ ପଛାଉ ନାହିଁ। ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର ପାଇଁ ସରକାରୀ ସମ୍ପଦର ଦୁରୁପଯୋଗ କରିବାରେ ବିଜେପି ସବୁ ସୀମା ଟପିଯାଇଛି। ଏପରିକି, ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଟେଣ୍ଟ ବାନ୍ଧି ଜାତୀୟ ରାଜପଥରେ ଲୋକଙ୍କ ଯିବା ଆସିବା ବନ୍ଦ କରିଦିଆଗଲା। ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲୋକଙ୍କ ସରକାର ସାମାନ୍ୟ ହେଳା କରୁନାହିଁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ବିଜେପି ପୂରା ପ୍ରଶାସନକୁ କାମରେ ଲଗାଇ ଦେଇଛି। ଖରିଆର ରୋଡ୍ ଏନ୍‌ଏସି ଓ ନୂଆପଡ଼ା ଏନ୍‌ଏସିରେ ବିଜେପି ରୋଡ୍ ଶୋ' କାମରେ ସରକାରୀ ବ୍ୟବସ୍ଥା ଦୁରୁପଯୋଗ କରିଛି। ପୂରା ପ୍ରଶାସନ ରାଜନୀତି କାମରେ ବ୍ୟସ୍ତ ଥିବା ସାମ୍ନାକୁ ଆସିଛି। କ୍ଷମତା ଲୋଭରେ ଅନ୍ଧ ବିଜେପି ଆଦର୍ଶ ଆଚରଣ ବିଧିକୁ ମଧ୍ୟ ମାନୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ରାଇପୁର ଜାତୀୟ ରାଜପଥକୁ ବନ୍ଦ କରି ବିଶାଳ ଷ୍ଟେଜ୍ ନିର୍ମାଣ କରାଯାଇଥିଲା। ସେଥିପାଇଁ ଗତ ରାତିରୁ ସେହି ବାଟେ ଗାଡ଼ି, ମୋଟର ଓ ଲୋକଙ୍କ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ରାଜନୀତି ପାଇଁ ବିଜେପି ଲୋକଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଉଛି। ଗୋଟିଏପଟେ ନିଜକୁ ଲୋକଙ୍କ ସରକାର ବୋଲାଉଛନ୍ତି, ଅନ୍ୟପଟେ ଲୋକଙ୍କୁ ଦହଗଞ୍ଜ କରି ମାରୁଛନ୍ତି ବୋଲି ଡ. ମହାନ୍ତି କ୍ଷୋଭର ସହ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପ୍ରଚାର କାମ ପାଇଁ ୨୦୦ଟି ବସ୍ ବରଗଡ଼ ଜିଲ୍ଲାରୁ ଓ କଳାହାଣ୍ଡି ଜିଲ୍ଲାରୁ ୧୫୦ଟି ବସ୍ ଆଣି କାମରେ ଲଗାଇଛନ୍ତି। ଦଳୀୟ କାମ ପାଇଁ ବିଜେପି ସରକାରୀ ସମ୍ପତ୍ତିର ବେଶ ଦୁରୁପଯୋଗ କରି ରାଜନୈତିକ ପ୍ରଚାର କରିଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

## ବାଲିଯାତ୍ରାରେ 'ଓଡ଼ିଆ ଅସ୍ମିତା' ପ୍ରହସନ

# ଆନ୍ଧ୍ର ସଂସ୍ଥାକୁ ଅନୁମତି; ଓଡ଼ିଆଙ୍କୁ ମାର୍‌ମାର୍

କଟକ, ୮।୧୧(ସମିସ): କିଛି ବର୍ଷ ଧରି ବାଲିଯାତ୍ରାରେ ଜଳକ୍ରୀଡ଼ା ଆୟୋଜନ ହୋଇଆସୁଛି। ମହାନଦୀରେ କାୟାକିଂ, ସ୍ପିଡ୍ ବୋଟ୍ ଭଳି ଜଳକ୍ରୀଡ଼ାର ମଜା ନେଉଛନ୍ତି ବାଲିଯାତ୍ରାକୁ ଆସୁଥିବା ଦେଖଣାହାରୀ। ହେଲେ ଚଳିତଥର ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଓଡ଼ିଆ ସଂସ୍ଥାକୁ ଜଳକ୍ରୀଡ଼ାରୁ ବାଦ୍ ପକାଇ ଆନ୍ଧ୍ରର ଏକ ସଂସ୍ଥାକୁ ଜଳକ୍ରୀଡ଼ା ଆୟୋଜନ ପାଇଁ ଅନୁମତି ମିଳିସାରିଥିବା ଜଣାପଡ଼ିଛି। ଚଳିତବର୍ଷ କଟକ ବାଲିଯାତ୍ରାରେ ଆନ୍ଧ୍ରର ଏକ ସଂସ୍ଥା 'ସିମ୍ପଲ ୱାଟର ସ୍ପୋର୍ଟସ'କୁ ଜଳକ୍ରୀଡ଼ା ପାଇଁ ପ୍ରଶାସନିକ ଅନୁମତି ଦିଆଯାଇଛି। ବାଲିଯାତ୍ରା ଆରମ୍ଭ ଦିନରୁ ଶୁକ୍ରବାର ପର୍ଯ୍ୟନ୍ତ ଏହି ବିବାଦ ଲାଗି ରହିଥିବା ବେଳେ ପ୍ରଶାସନର ନିଷ୍ପତ୍ତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। 'ଓଡ଼ିଆ ଅସ୍ମିତା'ର ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଅମଳରେ ଘଟିଥିବା ଏଭଳି ଘଟଣାକୁ ନେଇ କଟକର କିଛି ବୁଦ୍ଧିଜୀବୀ ମଧ୍ୟ ନିନ୍ଦା କରିଛନ୍ତି।



ଘଟଣାରୁ ପ୍ରକାଶ ଯେ ଗଙ୍ଗାମନ୍ଦିର ଅଞ୍ଚଳର ଯୁବକ ସାତ୍ୟକୀ ବୋଷଙ୍କ ଓଡ଼ିଶା ମେରିଟାଇମ୍ ନାମରେ ଏକ ସଂସ୍ଥା ରହିଛି। ବିଭିନ୍ନ ରକମର ଜଳକ୍ରୀଡ଼ା ଆୟୋଜନ କରିବା ଏହି ସଂସ୍ଥାର କାର୍ଯ୍ୟ। ୨୦୧୯ ମସିହାରୁ ସାତ୍ୟକୀ ଜଳକ୍ରୀଡ଼ା ସରଞ୍ଜାମ ଧରି ବାଲିଯାତ୍ରାକୁ ଆସିଥାନ୍ତି। ପ୍ରଶାସନିକ ଅନୁମୋଦନ ଜରିଆରେ ଏଠାରେ ଜଳକ୍ରୀଡ଼ା ଆୟୋଜନ କରି କିଛି ଟଙ୍କା ରୋଜଗାର କରନ୍ତି। ଚଳିତଥର ମଧ୍ୟ ସେ ଏଥିପାଇଁ ଆଗଭର ହୋଇଥିଲେ। ମହାନଦୀ କୂଳରେ ନିଜ କ୍ୟାମ୍ପ ପକାଇବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀ ପୂର୍ବରୁ ତାଙ୍କୁ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଏନଓସି ମିଳି ଯାଇଥିଲା। ବାଲିଯାତ୍ରା ଆରମ୍ଭ ତଥା କାର୍ତ୍ତିକ ପୂର୍ଣ୍ଣମୀ ଦିନ ସେ ନିଜ କ୍ୟାମ୍ପରେ ଥିବା ବେଳେ ସେଠାରେ ଆସି ପହଞ୍ଚିଥିଲେ କଟକ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ। ଜଳକ୍ରୀଡ଼ା ପାଇଁ ଆଣିଥିବା ଏନଓସି ମାଗିଥିଲେ ସାତ୍ୟକୀଙ୍କୁ। ଆବଶ୍ୟକ କାଗଜପତ୍ର ଦେଖାଇବା ପରେ ଡିସିପି ସେଠାରୁ ଚାଲିଥିଲେ। ପୂର୍ଣ୍ଣମୀ ସକାଳୁ ମହାନଦୀ କୂଳରେ ଲୋକଙ୍କ ଭିଡ଼ ଜମିଥିବା ବେଳେ ସାତ୍ୟକୀ ଜଳକ୍ରୀଡ଼ା ଆରମ୍ଭ କରିଥିଲେ। ଗୋଟିଏ କାୟାକିଂ ବୋଟ୍ ପାଣିରେ ବୁଲୁଥିବା ବେଳେ ଜଣେ ପୁଲିସ ଅଧିକାରୀ ସେଠାକୁ ଆସି ଏହା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ସାତ୍ୟକୀ ସମସ୍ତ କାଗଜପତ୍ର ଦେଖାଇଥିଲେ ସୁଦ୍ଧା ପୁଲିସ ଅଧିକାରୀ ଜଣକ ଶୁଣି ନ ଥିଲେ। ପରେ ଘଟଣା ପହଞ୍ଚିଥିଲା କଟକ ଜିଲ୍ଲାପାଳ, କଟକ ଡିସିପି ଏବଂ ଏନଓସି ପ୍ରଦାନ କରିଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ। ସାତ୍ୟକୀ ସମସ୍ତଙ୍କୁ ଏ ବାବଦରେ କହିଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଏପରିକି ତୁମର ଏନଓସି ବାତିଲ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ହେଲେ ସାତ୍ୟକୀ ଏନଓସି ବାତିଲ କରାଯିବା ନେଇ ବିଧିବଦ୍ଧ ସରକାରୀ ଚିଠି ମାଗିଥିଲେ। ଇତିମଧ୍ୟରେ ଦୁଇ ଦିନ ବିତିଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ସାତ୍ୟକୀଙ୍କୁ ପ୍ରଦାନ କରାଯାଇଥିବା ଏନଓସି ବାତିଲ କରାଯାଇନାହିଁ।

**ହଜିଛି**

ମୁଁ ମାନଗୋବିନ୍ଦ ସାହୁ, ପିତା-ସୁବଳ ସାହୁ, ସ୍ଥାୟୀ ଠିକଣା-ଭଣ୍ଡାରିକୁଦା, ରାୟବିଧାର, ପୁରୀ, ପିନ୍-୭୫୨୦୧୧ ଏହା ଜଣାଇବାକୁ ଚାହେଁ ଯେ, ଗତ ତା ୦୨.୦୯.୨୦୨୫ ଦିନ ବାଇକ ଯୋଗେ ମୁଁ ପୁରୀ କୋର୍ଟରୁ ବାହାରି ରାୟ ବିଧାର ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି । ହଜିଯାଇଥିବା ଦସ୍ତାବେଜର ବିବରଣୀ: ସୁବଳ ସାହୁ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୪୮ (ତାରିଖ: ୦୬.୦୬.୨୦୦୮) ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜକୁ ଖୋଜି ପାଇଲି ନାହିଁ । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ମାନଗୋବିନ୍ଦ ସାହୁ, ମୋବାଇଲ ନଂ. ୮୨୪୯୩୩୩୧୫୬ କିମ୍ବା ଆଡଭୋକେଟ୍ ରାଜିବ ଲୋଚନ ଦାସ, ମୋବାଇଲ ନଂ. ୯୭୭୭୪୫୨୨୪୪ ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

By virtue of an affidavit no-6074 sworn before the Executive Magistrate, Champua on dtd-06/11/2025, I Mohammad Daud, S/o- Late Abdul Kayum, resident of At- Muslim Basti, Po/Ps- Champua, Dist- Keonjhar, Odisha. My Aadhar Card Bearing No: 7914 0977 8741 & my son's Passport No- L5752113. I have changed my name from **Mohammed Daud** (old name) to **Mohammad Daud** (new name). Henceforth both name **Mohammed Daud** and **Mohammad Daud** is one & same person he will be known as **Mohammad Daud** for all future purposes.

**Mohammad Daud**

**NOTICE**

I, Sadashiba Dhal age-48, S/o- Bharat Dhal of Resident At- Gouribelda, Po-Kasida, Ps- Jaleswar, Dist-Balasore, Odisha-756034. Declared by Affidavit Before P.K Mishra (O.R.S) in the Court of Executive Magistrate, Balasore, Affidavit Sl No:- 11564,Date-04/11/2025 ,That my Minor Daughter **SUSMITA DHAL** (Old Name) but by assumed Minor daughter name **SMITARANI DHAL** (New Name ). Hence I declared my minor daughter **SUSMITA DHAL** (Old Name) and **SMITARANI DHAL** (New Name) the same and one person for all future purpose.

Sadashiba Dhal

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦଳାଚକଟା ପାଇଁ...

ଅଘଟଣ ପରେ ତାଙ୍କୁ ପୁରୀ ଜିଲ୍ଲାକୁ ଅନ୍ୟତ୍ର ବଦଳି କରାଯାଇ ସାରିଛି। ଏତଦ୍ ବ୍ୟତୀତ ଯେଉଁ ୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରାଯାଇଛି, ସେମାନେ ନିଜ ଦାୟିତ୍ୱରେ କେଉଁ ପ୍ରକାର ଅବହେଳା କରିଥିଲେ ସେନେଇ ଉଲ୍ଲେଖ କରାଯାଇଛି।

ଗତ ରଥଯାତ୍ରା ସମୟରେ ପୁଲିସ ପକ୍ଷରୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ନେଇ ବଡ଼ ବଡ଼ କଥା କୁହାଯାଇଥିଲେ ହେଁ, ଏହାର ପୋଲ ଖୋଲିଛି ଉପରୋକ୍ତ ରିପୋର୍ଟ। ଆଇସିସିସିକୁ ସେତେବେଳେ ମୁଖ୍ୟତଃ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଜରୁରୀକାଳୀନ ସ୍ଥିତି ଏବଂ ଭିଆଇପି ଗସ୍ତ ସମୟରେ ସହଯୋଗ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଏହି ଏଆଇ ଭିତ୍ତିକ ସର୍ଭେଲାନ୍ସ ସିଷ୍ଟମର ଯେତେବେଳେ ସର୍ବାଧିକ ଆବଶ୍ୟକତା ଥିଲା, ତାହା ସେତେବେଳେ ସଠିକ୍ ଭାବେ କାର୍ଯ୍ୟ କରିନଥିଲା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଟେଣ୍ଡର ଅନୁଯାୟୀ ମୁକ୍ତାକାଶ ରଙ୍ଗମଞ୍ଚ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇନଥିବା ବେଳେ ଅନ୍ୟ କେତେକ ସ୍ଥାନରୁ ସିସିଟିଭି କ୍ୟାମେରାରୁ ଫିଡ୍ ଆସିନଥିଲା। ସେହିପରି ଅନେକ ସ୍ଥାନରେ ସିସିଟିଭି କ୍ୟାମେରା ସଠିକ୍ ଭାବରେ କାମ କରିନଥିବା ବେଳେ ଯାତ୍ରୀଙ୍କୁ ସୂଚନା ପାଇଁ ଲଗାଯାଇଥିବା ଏଲଇଡି ପ୍ୟାନେଲ ମଧ୍ୟ କାମରେ ଆସିନଥିଲା। ସେହିପରି ଆଇସିସିସି ଅଧୀନରେ ଡ୍ରୋନର ଉପଯୋଗ କରାଯାଇନଥିବା ବେଳେ କ୍ୟାମେରା ଯୋଗାଇଥିବା ଭେଣ୍ଡର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ଫିଡ୍ ପ୍ରଦାନରେ ବିଫଳ ହୋଇଥିଲା। ମୋଟାମୋଟି ଭାବେ ସୁରୁଖୁରୁରେ ରଥଯାତ୍ରା ପରିଚାଳନାରେ ସିସିଟିଭି କ୍ୟାମେରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଏହି ବ୍ୟବସ୍ଥା ଏକପ୍ରକାର ଫେଲ୍ ମାରିଥିବା ରିପୋର୍ଟରେ କୁହାଯାଇଛି। ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି) ଦାୟିତ୍ୱରେ ଥିବା କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କୁ ରେଡ ଫ୍ଲାଗଭୁକ୍ତ କରିବା ପାଇଁ ଅନୁ ଗର୍ଗଙ୍କ କମିଟି ସୁପାରିସ କରିଛି। ସେହିପରି ରଥଯାତ୍ରା ସମୟରେ ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଘୋର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ଯେ ଶରଧାବାଲିରେ ଘଟିଥିବା ଏହି ଅଘଟଣ ପାଇଁ ମୋଟ ୩ ଜଣଙ୍କର ଜୀବନ ଯାଇଥିଲା। ଦଳାଚକଟା ଘଟିବା ଦିନ ହିଁ ରାଜ୍ୟ ସରକାର ତତ୍କାଳୀନ ଜିଲ୍ଲାପାଳ ସିର୍ଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ୍ ଅଗ୍ରୱାଲଙ୍କୁ ବଦଳି କରିଥିଲେ।

### ଡିସେମ୍ବର ପହିଲାରୁ...

ନାହିଁ।ପୁଣି ସରକାର କୌଣସି ପ୍ରସଙ୍ଗରେ ବିତର୍କ କରିବାକୁ ଚାହାନ୍ତି ନାହିଁ। ତୃଣମୂଳ କଂଗ୍ରେସ ନେତା ଡି. ଓବରଏନ ମଧ୍ୟ କହିଛନ୍ତି ଯେ ଯାହା ଜଣାପଡୁଛି ସରକାର ବିତର୍କ କରିବାକୁ ଡରୁଛନ୍ତି।

ସୂଚନାଯୋଗ୍ୟ ଯେ ଅତୀତରେ ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ଡିସେମ୍ବର ୨୫ ପୂର୍ବରୁ ଶେଷ ହେବାର ପରମ୍ପରା ରହିଆସିଛି। ଗତ ବର୍ଷ ମଧ୍ୟ ଶୀତକାଳୀନ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୨୦ରେ ଶେଷ ହୋଇଥିଲା। ତେବେ ସେ ଯାହା ହେଉନା କାହିଁକି ସଂକ୍ଷିପ୍ତ ହେଉ ପଛେ ଏହି ଅଧିବେଶନ ସରଗରମ ହେବ। ନିର୍ବାଚନ କମିସନ ୧୨ଟି ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ କରିଥିବା ବେଳେ ବିରୋଧୀ ଦଳର ଏହାର ତୀବ୍ର ବିରୋଧ କରୁଛନ୍ତି। ପୂର୍ବ ଅଧିବେଶନ ଭଳି ଏହି ଅଧିବେଶନରେ ମଧ୍ୟ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ପୁଣି ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହି ଅଧିବେଶନ ହେଉଥିବାରୁ ଏହା ସଂସଦକୁ ସରଗରମ କରି ରଖିବ।

ଗତ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ମୌସୁମୀ ଅଧିବେଶନ ବସିଥିଲା। ପ୍ରଥମ ଦିନରେ ହିଁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଇସ୍ତଫା ଦେଇଥିଲେ। ଏହାପରେ ପୂରା ଅଧିବେଶନ ।।ରେ ବିହାରରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର)କୁ ନେଇ ହଙ୍ଗାମା ହୋଇଥିଲା। ମୌସୁମୀ ଅଧିବେଶନରେ ମୋଟ୍ ଉପରେ ୨୧ଟି ବୈଠକ ବସିଥିଲା। ଲୋକସଭାରେ ୧୨୦ ଘଣ୍ଟା ଚର୍ଚ୍ଚାର ସମୟ ନିର୍ଦ୍ଧାରିତ କରାଯାଇଥିଲା। କିନ୍ତୁ ମାତ୍ର ୩୭ ଘଣ୍ଟାର କାର୍ଯ୍ୟ ହୋଇଥିଲା। ସେହିପରି ରାଜ୍ୟସଭାରେ ମାତ୍ର ୪୧ ଘଣ୍ଟା ଚର୍ଚ୍ଚା ହୋଇଥିଲା। ଲୋକସଭା ଓ ରାଜ୍ୟସଭାରେ ମୋଟ୍ ଉପରେ ୨୭ଟି ବିଲ୍ ପାସ୍ ହୋଇଥିଲା।

### କଟକରେ ଆପାର୍ଟମେଣ୍ଟ...

ରକ୍ଷଣବେକ୍ଷଣ ହେଉନଥିବାରୁ କାନ୍ଥ ଓ ବାଲ୍‌କୋନୀରେ ଦୀର୍ଘ ଦିନ ହେବ ଫାଟ ସୃଷ୍ଟି ହୋଇଥିଲା। ଏହି ଫ୍ଲାଟ୍‌ର ତଳେ ଏକ ପରିବାର ଆଜବେଷ୍ଟସ୍ ଘରେ ରହୁଥିଲେ। ବାଲକୋନୀ ଭୁସୁଡ଼ିବା ପରେ ବଡ଼ ବଡ଼ ଖଣ୍ଡ ଗୁଡ଼ିକ ଆଜବେଷ୍ଟସ୍ ଉପରେ ପଡ଼ିଥିଲା। ଘର ଭିତରେ ପରିବାରର ୩ ଜଣ ସଦସ୍ୟ ଥିବା ବେଳେ ଅନ୍ୟ ୪ଜଣ ସଦସ୍ୟ ଘର ବାରଣ୍ଡାରେ ବସିଥିଲେ। ବାଲକୋନୀ ଭୁସୁଡ଼ିବା ପରେ ଭଙ୍ଗା ସିମେଣ୍ଟ ଓ ରଡ଼ ଖଣ୍ଡ ଭିତରେ ବାପା ଅବଦୁଲ୍, ମା' ରେହେମାତୁନ୍ ଓ ପୁଅ ରିହାନ୍ ଚାପି ହୋଇ ରହିଯାଇଥିଲେ। ଅନ୍ୟ ସଦସ୍ୟମାନେ ବାରଣ୍ଡାରେ ବସିଥିବା ହେତୁ ସେମାନଙ୍କ ଉପରେ ସିମେଣ୍ଟ ଓ ରଡ୍ ଖଣ୍ଡ ମାଡ଼ ହୋଇଥିଲା। ଘଟଣାସ୍ଥଳରେ ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଲୋକ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ଏହି ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରକୁ ଖବରଦେଇଥିଲେ। ୨ଟି ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କଟର ମେସିନ୍ ଓ ଅନ୍ୟାନ୍ୟ ଢଳେଇ ଭଙ୍ଗା ଉପକରଣ ସାହାଯ୍ୟରେ ଆଜବେଷ୍ଟସ୍ ଘରକୁ ଭଙ୍ଗା ଯାଇ ପ୍ରଥମେ ୩ଜଣଙ୍କୁ ଉଦ୍ଧାର କରାଯାଇ ଏସସିବି ମେଡିକାଲ୍ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଆମ୍ବୁଲାନ୍ସ ଡକାଯାଇ ଅନ୍ୟ ଗୁରୁତରଙ୍କୁ ଏସ୍‌ସିବି ପଠାଯାଇଥିଲା। ଏ ସମ୍ପର୍କରେ ରେସ୍କ୍ୟୁ ଟିମ୍‌ର ମୁଖ୍ୟ ତଥା ଫାୟାର୍ ଅଫିସର ସଞ୍ଜିବ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଫ୍ଲାଟ୍‌ଟି ସର୍ବ ପୁରାତନ ହୋଇଥିବା ବେଳେ ତାହାର ରକ୍ଷଣବେକ୍ଷଣ ଆଦୌ କରାଯାଉ ନଥିଲା। ଉଭୟ କାନ୍ଥ, ବାଲକୋନୀ ଓ ଝରକା ଦିନକୁ ଦିନ ଦୁର୍ବଳ ହୋଇଯାଇଥିଲା। କାନ୍ଥ ଏବଂ ବାଲ୍‌କୋନୀ ମଝିରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଫ୍ଲାଟ୍‌ର ମାଲିକଙ୍କ ବେପରୁଆ ମନୋଭାବ ଯୋଗୁଁ ଏତେବଡ଼ ଦୁର୍ଘଟଣା ଘଟିଛି ବୋଲି ସେ କହିଛନ୍ତି।

ସ୍ଥାନୀୟ ବାସିନ୍ଦା ସୂର୍ଯ୍ୟକାନ୍ତ ହାଲଦାର୍ କହିଛନ୍ତି ଯେ, ଯିଏ କେହିବି ଦୁର୍ଘଟଣା ଘଟିଥିବା ଫ୍ଲାଟ୍‌କୁ ଦେଖିବ, ସେ ଏହା ସର୍ବ ପୁରାତନ ବୋଲି ଜାଣି ପାରିବ। ଆଦୌ ରକ୍ଷଣବେକ୍ଷଣା ହେଉନଥିବା କାରଣ'ରୁ ଏଭଳି ଦୁର୍ଘଟଣା ଘଟିଲା। ଫ୍ଲାଟ୍ ମାଲିକ ଏଥି ପାଇଁ ଦାୟୀ ବୋଲି ସେ ସିଧାସଳଖ ମତ ରଖିଛନ୍ତି। ଏନକ୍ଲେଭ୍ ମାଲିକଙ୍କୁ ବାରମ୍ବାର ଏହି ପିବଦଶଙ୍କୁଳ ଫ୍ଲାଟ୍‌ର ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ସେ ଏ ଦିଗରେ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ଉଠିଛି। ଅନ୍ୟପଟେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଥିଲା।

### ଏଥର ସ୍ୱୟଂଚାଳିତ...

ପୁରୁଣା ଏବଂ ନୂଆ ନିଯୁକ୍ତିଦାତାଙ୍କ ଯାଞ୍ଚ କରିବାକୁ ହେଉଥିଲା। ଏହି ପ୍ରକ୍ରିୟା ପାଇଁ ମାସେରୁ ଦୁଇ ମାସ ଲାଗୁଥିଲା। ଅନେକ ଥର ଦାବି ମଧ୍ୟ ଖାରଜ ହୋଇଯାଇଥାଏ। ସୁଧ ହାରରେ ମଧ୍ୟ କ୍ଷତି ହେଉଥିଲା। ଇପିଏଫଓ ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ଲକ୍ଷାଧିକ ଦାବି ପଡ଼ି ରହୁଥିଲା। ନୂଆ ନିୟମରେ ଏହି ସମସ୍ୟାରୁ ନିର୍ଯ୍ୟାତ ମିଳିବ। ଏବେ କର୍ମଚାରୀ ନୂଆ ଚାକିରିରେ ସାମିଲ ହେଲେ ନିଯୁକ୍ତିଦାତା ୟୁଏଏନ ଲିଙ୍କ୍ କରାଇବେ। ଇପିଏଫଓ ପୋର୍ଟାଲରେ ଆଧାର ଏବଂ କେୱାଇସି ଦ୍ୱାରା ଅଟୋ-ଭେରିଫିକେସନ ହେବ। ପୁରୁଣା ପିଏଫ୍ ବାଲାନ୍ସ ସିଧାସଳଖ ଭାବେ ନୂଆ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ କୌଣସି କାଗଜପତ୍ର ଦେବାକୁ ପଡ଼ିବ ନାହିଁ। ତିନିରୁ ୫ ଦିନ ମଧ୍ୟରେ କାମ ଶେଷ ହୋଇଯିବ। ତେବେ ଏଥିପାଇଁ ୟୁଏଏନ ସକ୍ରିୟ ଏବଂ ଆଧାର ଲିଙ୍କ୍ ଥିବା ଜରୁରୀ।

ଏହି ନୂଆ ପ୍ରୟାସ ଦ୍ୱାରା କର୍ମଚାରୀଙ୍କୁ ୫ଟି ପ୍ରମୁଖ ଲାଭ ମିଳିବ। କର୍ମଚାରୀଙ୍କ ସମୟ ବଞ୍ଚିବ। କାଗଜପତ୍ରର ଝିଞ୍ଜଟ୍ ଅପଲୋଡରୁ ମୁକ୍ତି ମିଳିବ ଏବଂ ସବୁକିଛି ସ୍ୱୟଂକ୍ରିୟ ଭାବେ ହୋଇଯିବ। ସୁଧ ଧାରାବାହିକ ଭାବେ ଜାରି ରହିବ। ଏଥିରେ କୌଣସି କ୍ଷତି ହେବ ନାହିଁ। ଅବସର ସମୟରେ ସବୁ ଅର୍ଥ ଗୋଟିଏ ସ୍ଥାନରେ ମିଳିବ। ଘରୋଇ ଚାକିରିଆଙ୍କ ପାଇଁ ଚାକିରି ବଦଳାଇବା ସହଜ ହୋଇଯିବ। ଇପିଏଫଓ ପକ୍ଷରୁ କୁହାଯାଇଛି ଯେ ଏହି ସ୍ୱୟଂଚାଳିତ ପ୍ରକ୍ରିୟା ଦ୍ୱାରା ୧୦ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଲାଭ ମିଳିବ। ୟୁଏଏନକୁ ଆଧାର ଲିଙ୍କ ନେଇ ହେଉଥିବା ଠକେଇ ମଧ୍ୟ ବନ୍ଦ ହୋଇଯିବ। ଏଥିପାଇଁ ୟୁଏଏନ ନମ୍ବରକୁ ସକ୍ରିୟ କରିବା ପାଇଁ କର୍ମଚାରୀଙ୍କୁ ନିବେଦନ କରାଯାଇଛି।

## 'ବନ୍ଦେ ମାତରଂ'ର ୧୫୦ବର୍ଷ ପୂର୍ତ୍ତି ପାଳନ



ପିଙ୍ଗୁ,୮।୧୧(ସମିସ): ମେଘାସନ ମହାବିଦ୍ୟାଳୟରେ ବନ୍ଦେ ମାତରଂ ଦିବସ ପାଳନ କରାଯାଇଛି। ଏହି ଅବସରରେ ମେଘାସନ ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ପ୍ରଥମେ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସେ ନିଜର ଅଭିଭାଷଣ ରଖିଥିଲେ। ପରେ କଲେଜର ସମସ୍ତ କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀ ବନ୍ଦେ ମାତରଂ ଗୀତ ଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୟୀ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ, ପ୍ରଶାସନିକ ଅଧିକାରୀ ଡ଼. ନିରଂଜନ ପାଠୀ ଏବଂ ଆଇସିସିର ଅଧ୍ୟକ୍ଷ ଡ଼. ଶୁଭଦର୍ଶିନି ମହାନ୍ତ ପୁରସ୍କାର ପ୍ରଦାନ କରିଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ରାସଗୋବିନ୍ଦପୁର, ୮।୧୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅମାରଦ ପଞ୍ଚାୟତରେ ଚାଲିଥିବା ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଯୁବ ସମାଜସେବୀ ମାନବ ମହାନ୍ତି ଯୋଗଦେଇ ଫିତା କାଟି ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଟରେ ମୋଟ ୧୬ ଦଳ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶା ଏବଂ ବେଙ୍ଗଲ ମଧ୍ୟରେ ଆସନ୍ତାକାଲି ଫାଇନାଲ ଖେଳ ଅନୁଷ୍ଠିତ ହେବ ସଭାପତି ପଣ୍ଡା ମୁର୍ମୁ, ସମ୍ପାଦକ ରାମଦାସ ହାଁସଦା ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୫୦ ହଜାର ଏବଂ ୨୫ ହଜାର ପୁରସ୍କାର ରାଶି ରଖଯାଇଛି ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

## କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ



ଉଦଳା,୮।୧୧(ସମିସ): ଉଦଳା କବି ଚିନ୍ତାମଣି ବେହେରା ସ୍ମୃତି ପରିଷଦ ତରଫରୁ ଆଧୁନିକ ଓଡିଆ ଭାଷା ସାହିତ୍ୟର ଏକ ନିଷ୍ଠ କାବ୍ୟଶିଳ୍ପୀ, ଧୂରୀଣ ସମାଲୋଚକ, ପ୍ରବିଣ ଅନୁସ୍ରଷ୍ଟା, ସୁଯୋଗ୍ୟ ସଂକଳକ, ସୁସମ୍ପାଦକ, ଲୋକପ୍ରିୟ ଶିଶୁ ସାହିତ୍ୟିକ ତଥା ପ୍ରାକ୍ତନ ପ୍ରାଧ୍ୟାପକ କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ସାରସ୍ୱତ ସାଧକ ରବିକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଡ. ଦିଲ୍ଲୀପ କୁମାର ଦିକ୍ଷୀତ ମୁଖ୍ୟ ଅତିଥି ଏବଂ ଉଦ୍‌ଘାଟକଭାବେ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମୁଖ୍ୟବକ୍ତା ଡ. ଶ୍ୟାମସୁନ୍ଦର ପଣ୍ଡା, ବରେଣ୍ୟ ଅତିଥି ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ସମ୍ମାନିତ ବକ୍ତା ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସମ୍ମାନିତ ଅତିଥି କିଶୋର ଚନ୍ଦ୍ର ଦାସବାବୁ, ଆଲୋଚକ ଭୋଳାନାଥ ସାହୁ, ସଙ୍ଗଠନର ସମ୍ପାଦକ ପ୍ରଫୁଲ୍ଲ ଖିଲାର ଯୋଗଦେଇ କବି ଚିନ୍ତାମଣି ବେହେରାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିବା ସହ ଅନୁଷ୍ଠାନର ସ୍ରଷ୍ଟା ଡ. ପ୍ରଶାନ୍ତ କୁମାର ବେହେରାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାକ୍ତନ ସଂସ୍କୃତ ଶିକ୍ଷକ ବେଦ ପାଠ ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବିଙ୍କ ପୌତ୍ର ରତିକାନ୍ତ ବେହେରା ଜେଜେଙ୍କ ସହିତ ଥିବା କିଛି ସ୍ମୃତିର ଝଲକ ପ୍ରଦାନ କରିଥିଲେ। ଶିଶୁ ସାହିତ୍ୟିକ ଶ୍ରୀକାନ୍ତ ବେହେରା, ସାମ୍ବାଦିକ ସୁବ୍ରତ ମହାନ୍ତି, କୃଷି ବୈଜ୍ଞାନିକ ପରେଶ ପାତ୍ର ପ୍ରମୁଖ ନିଜର ଅନୁଭୂତି ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କୁ ସାହିତ୍ୟ କ୍ଷେତ୍ରରେ ସମାଜସେବା ଓ ନିଶା ନିବାରଣ ପାଇଁ ସୁନା ହାଁସଦାଙ୍କୁ ମାନପତ୍ର ତଥା ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା। ଶେଷରେ ରଜତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତିନି ଗୋଟି ଅଧିକ ପଏଣ୍ଟ ଦେଇ ଚାମ୍ପିଅନ ହୋଇଛି।

### ରକ୍ଷଣାବେକ୍ଷଣ ଅଭାବ; ରାଇରଙ୍ଗପୁର ବସଷ୍ଟାଣ୍ଡ ଜରାଜୀର୍ଣ୍ଣ

# ଯାତ୍ରୀଙ୍କୁ ମିଳୁନି ସୁବିଧା; ସନ୍ଧ୍ୟାହେଲେ ଅସାମାଜିକଙ୍କ ଆଡ୍ଡା

ରାଇରଙ୍ଗପୁର,୮।୧୧(ସମିସ):

ରକ୍ଷଣାବେକ୍ଷଣ ଅଭାବରୁ ରାଇରଙ୍ଗପୁର ବସଷ୍ଟାଣ୍ଡ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏହା ଏକ ପୁରାତନ ବସଷ୍ଟାଣ୍ଡ ହୋଇଥିବା ବେଳେ ମରାମତି ଅଭାବରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏଠାରୁ ପୁରୀ, ଭୁବନେଶ୍ୱର, କଲିକତା, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଟାଟା ଆଦି ସ୍ଥାନକୁ ବହୁ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ଏପରିକି ଏଠାରୁ ଜିଲ୍ଲା ମଧ୍ୟରେ ବିଭିନ୍ନ ସ୍ଥାନକୁ ବସ ଚଳାଚଳ କରିଥାଏ। ଏହି ବସଷ୍ଟାଣ୍ଡ ଉପରେ ଅନେକ ଯାତ୍ରୀ ନିର୍ଭରଶୀଳ। ନିୟମିତ ଶତାଧିକ ବସ ଯାତାୟାତ କରୁଥିବାବେଳେ ଯାତ୍ରୀମାନେ କୌଣସି ମୌଳିକ ସୁବିଧା ପାଉ ନ ଥିବାରୁ ହନ୍ତସନ୍ତ ହେଉଛନ୍ତି। ଶୌଚାଳୟ ଠିକ ଭାବେ ସଫା ସୁତୁରା ହେଉନଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ବିଶ୍ରାମ କକ୍ଷ କଥା ନ କହିବା ଭଲ। କବାଟ ଓ ଝରକା ଗୁଡ଼ିକ ଭାଙ୍ଗିରୁଜି ଗଲାଣି। ବସିବା ପାଇଁ ଥିବା ଚେୟାର ଗୁଡ଼ିକ ମଧ୍ୟ ନଷ୍ଟ ହୋଇଗଲାଣି। ସେହିପରି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ନଷ୍ଟ ହୋଇଛି। ପୁରା ବସଷ୍ଟାଣ୍ଡ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଏଥିପ୍ରତି ସରକାର କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ପଡୁନଥିବାରୁ ସାଧାରଣରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟୁଛି। ବିଜେପି ସରକାର ଗମନାଗମନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଥିବାବେଳେ ଫଳ ଶୂନ। ଏହି ବସ୍‌ଷ୍ଟାଣ୍ଡର ରୂପରେଖ ପରିବର୍ତ୍ତନ ପାଇଁ ସରକାରୀ ଅନୁଦାନ ମଧ୍ୟ ଆସୁନାହିଁ। ଗତ ବିଜେଡି ସରକାର ସମୟରେ ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ମିଳିଥିଲା। ବସଷ୍ଟାଣ୍ଡ ପରିସର ନିର୍ମାଣ ସହ ଶୌଚାଳୟ, ପାନୀୟ ଜଳର ଆଦି ବ୍ୟବସ୍ଥା କରାଯାଇଥିଲା; କିନ୍ତୁ ବିଜେପି ସରକାରରେ କୌଣସି ଅନୁଦାନ ଆସିଲା ନାହିଁ। ଏଠାରେ ଦୋକାନ ମେଲାଇଥିବା ଦୋକାନୀମାନେ ମଧ୍ୟ ମୌଳିକ ସୁବିଧା ପାଉ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ରାଇରଙ୍ଗପୁର ଅଞ୍ଚଳର ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଆଧୁନିକ ବସ୍ ଟର୍ମିନାଲ ଆବଶ୍ୟକ ରହିଛି। କିନ୍ତୁ ତାହା ରାଇରଙ୍ଗପୁରକୁ ମିଳି ପାରିଲା ନାହିଁ। ସନ୍ଧ୍ୟା ହେଲେ ଅନ୍ଧାରରେ ମଦୁଆଙ୍କ ଗହଳି ହେଉଥିବାରୁ ଯାତ୍ରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଭିଡି ଭୂମି ଥାଇ ବି ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁ ଏହି ବସ୍‌ଷ୍ଟାଣ୍ଡ ଅବହେଳିତ ଅବସ୍ଥାରେ ପଡିରହିଛି।



## ଆନ୍ତଃ ପଞ୍ଚାୟତ ଫୁଟବଲ ପ୍ରତିଯୋଗିତା; ବଡ଼ଗାଁ ସେମିକୁ ଉନ୍ନୀତ



କରଞ୍ଜିଆ,୮।୧୧(ସମିସ): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଆନ୍ତଃ ପଞ୍ଚାୟତ ଫୁଟବଲ ପ୍ରତିଯୋଗିତାର ଚତୁର୍ଥ ଦିନର ଖେଳ ପ୍ରଥମ ରାଉଣ୍ଡରେ ବଳା ପଞ୍ଚାୟତ ବନାମ ଚିତ୍ରପୋଷି ପଞ୍ଚାୟତ ମଧ୍ୟରେ ହେବାର ଥିଲା; କିନ୍ତୁ ବଳା ପଞ୍ଚାୟତ ଦଳ ଅନୁପସ୍ଥିତ ଥିବାରୁ ୱାକ ଓଭର ପାଇ ଚିତ୍ରପୋଷି ପଞ୍ଚାୟତ ଓ ବଡ଼ଗାଁ ପଞ୍ଚାୟତ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି କରଞ୍ଜିଆ ରୋଟାରୀ କ୍ଲବ ସଭାପତି ହୃଷିକେଶ ମହାନ୍ତ, କ୍ରୀଡା ସଂସଦ ଉପସଭାପତି ଡ଼ା ଜନାର୍ଦ୍ଦନ ଚୌଧୁରୀ, ସହ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ଇଂ ଜୟନ୍ତ କୁମାର ମହାନ୍ତ, ମନମୋହନ ସାମଲ, ଗୌରୀ ଶଙ୍କର ସିହ୍ନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ଶେଷ ହେବା ବେଳକୁ ବଡ଼ଗାଁ ପଞ୍ଚାୟତ ୩-୦ ଗୋଲରେ ବିଜୟୀ ହୋଇଥିଲା। ଆସନ୍ତାକାଲି ସେମି ଫାଇନାଲ ଖେଳ ପ୍ରଥମ ରାଉଣ୍ଡ କେରକେରା ପଞ୍ଚାୟତ ବନାମ ବଡଦେଉଳି ପଞ୍ଚାୟତ ଓ ଦ୍ୱିତୀୟ ରାଉଣ୍ଡ ପାଟବିଲ ପଞ୍ଚାୟତ ଓ ବଡ଼ଗାଁ ପଞ୍ଚାୟତ ମଧ୍ୟରେ ହେବ।

## ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି

ରାଇରଙ୍ଗପୁର,୮।୧୧(ସମିସ): ଗୁହାଳଡାଙ୍ଗରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାପାଣି ଗାଁରୁ ଟ୍ରାନ୍ସଫର୍ମର କଏଲ ଓ କୋର ଚୋରି ହୋଇଥିବା ନେଇ ଟିପିଏନଓଡିଏଲ କଣ୍ଟାବଣି ସେକ୍ସନ ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଣାମୟୀ ଲାଏକ ଗୋରୁମହିଷାଣି ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟୁତ ଲାଇନ ମ୍ୟାନ ଓ ଅନ୍ୟ କର୍ମଚାରୀମାନେ ଉକ୍ତ ସ୍ଥାନକୁ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ୨୫କେଭିର ଟ୍ରାନ୍ସଫର୍ମର ସାମଗ୍ରୀ ଚୋରି ହୋଇଥିବା ନେଇ ଯନ୍ତ୍ରୀଙ୍କୁ ଜଣାଇଥିଲେ। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ପମ୍ପ ହାଉସରୁ ଚୋରି

ରାଇରଙ୍ଗପୁର,୮।୧୧(ସମିସ): ଗୁହାଳଡାଙ୍ଗରି ଗ୍ରାମର ପମ୍ପ ହାଉସରୁ ଚୋରି ହୋଇଛି। ଏ ନେଇ ସ୍ଥାନୀୟ ସରପଞ୍ଚ ବିଶୁ ମୁଣ୍ଡା ଗୋରୁମହିଷାଣୀ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ପମ୍ପ ହାଉସ ଉପରେ ଅନେକ ଗ୍ରାମବାସୀ ନିର୍ଭରଶୀଳ। ଦୁର୍ବୃତ୍ତମାନେ ପମ୍ପ ହାଉସ ଭିତରୁ ପମ୍ପ ଓ ବିଦ୍ୟୁତ ଉପକରଣଚୋରି କରିଛନ୍ତି। ଏ ନେଇ ଶ୍ରୀ ମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି।

## ପାଣିରେ ବୁଡି ନାବାଳକ ମୃତ

କୁଆମରା,୮।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ ଭଣ୍ଡ ଗାଁ ପଞ୍ଚାୟତ ଜାମଶୋଳା ଗ୍ରାମର ଜଣେ ୮ ବର୍ଷର୍ ଶିଶୁ ପୁତ୍ର ଗଡିଆ ପାଣିରେ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ବାହାଦୁର ସିଂଙ୍କ ପୁତ୍ର ଶୁଭମ (୮)। ସୂଚନା ମୁତାବକ ଶନିବାର ସକାଳେ ଶୁଭମ ଘର ନିକଟରେ ଥିବା ଏକ ଗଡ଼ିଆ ନିକଟକୁ ଫୁଲ ତୋଳିବା ପାଇଁ ଯାଇଥିବା ବେଳେ ଅସାବଧାନତା ବଶତଃ ଗଡିଆ ଭିତରକୁ ଖସି ପଡିଥିଲେ। ତେବେ ଗଭୀର ପାଣିରୁ ଆଉ ବାହାରି ପାରି ନଥିଲେ। କିଛି ସମୟ ପରେ ପରିବାର ଲୋକେ ଖୋଜାଖୋଜି କରିବା ପରେ ପାଣିରେ ଭାସୁଥିବା ଦେଖି ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ମୃତ୍ୟୁ ଘଟିଥିଲା। ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ଉଦଳା ପଠାଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୮।୧୧(ସମିସ): ମୟୂରଭଂଜ ଜିଲ୍ଲାରେ ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ନେଇ ଅଭିଯୋଗ ହେବା ପରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଜିଲ୍ଲା ଖଣି ବିଭାଗ ସ୍କ୍ୱାର୍ଡ ଚଢାଉ କରି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ବହଳଦା ଥାନାରେ ଟ୍ରାକ୍ଟର ଚାଳକ ଓ ମାଲିକଙ୍କ ନାମରେ ଅଭିଯୋଗ କରାଯାଇଛି। ଅଭିଯୋଗକ୍ରମେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଚାଳକ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ଶ୍ରୀସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ମିଶନ ଲାଇଫ ପ୍ରକଳ୍ପ ପ୍ରଦର୍ଶନୀ




ବୈଶିଙ୍ଗା,୮।୧୧(ସମିସ): ଖୁଣ୍ଟାପୁର ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଆନୁକୂଲ୍ୟରେ ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭସ୍ମିତା ସାମନ୍ତରାୟ, ତୃଷ୍ଣା ଦାସ ଓ ଶିକ୍ଷକ ରାଧୁ ସିଂଙ୍କ ଉଦ୍ୟମରେ ମିଶନ ଲାଇଫ ଆଧାରିତ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ପରିଚାଳିତ ମିଶନ ଲାଇଫ ଅନ୍ତର୍ଗତ ସ୍ୱାସ୍ଥ୍ୟପ୍ରଦ ଜୀବନଶୈଳୀ, ପୋଷଣୀୟ ଖାଦ୍ୟ, ଆବର୍ଜନା ପରିଚାଳନା, ଜଳ ଓ ଶକ୍ତି ସଂରକ୍ଷଣ ଆଦି ବିଷୟବସ୍ତୁ ଉପରେ ମୋଟ ୩୨ ଜଣ ଛାତ୍ରଛାତ୍ରୀ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଏହି ପ୍ରକଳ୍ପ ପ୍ରଦର୍ଶନୀକୁ ଉଦଘାଟନ କରିଥିବାବେଳେ ହେମପୁର କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ ଏବଂ ରାଜନନ୍ଦିନୀ ପାତ୍ର ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିୟର ଓ ଜୁନିଅର ବିଭାଗରୁ ଶ୍ରେଷ୍ଠ ତିନୋଟି ଲେଖାଏଁ ପ୍ରକଳ୍ପ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁକୁନ୍ଦ ସେନାପତି, ଜ୍ୟୋତ୍ସ୍ନା ରାଣୀ ଜେନା, ବିଜୟ କୁମାର ସେଠୀ, ଧର୍ମେନ୍ଦ୍ର ମହାନ୍ତ, କୃଷ୍ଣପ୍ରିୟା ରାଉତ, ସ୍ନିଗ୍ଧା ଲେଙ୍କା, ଜୟନ୍ତୀ ମହାପାତ୍ର, ସଞ୍ଜୁବାଳା ଦାସ, ସୌଭଦ୍ର ଦାସ, ଓ କାମିନୀ କାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ପୁଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ; ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୮।୧୧(ସମିସ): ଏକ ଗଣ୍ଡଗୋଳର ଖବର ପାଇ ଘଟଣାସ୍ଥଳକୁ ଯାଇଥିବା ଜଣେ ପୁଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣ ଶିକାର ହୋଇଥିବା ପୁଲିସ କର୍ମଚାରୀ ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ସବ ଇନ୍ସପେକ୍ଟର ଆଲୋକ କୁମାର ସିଂ। ଉକ୍ତ ଘଟଣାରେ ଗୋରୁମହିଷାଣି ଥାନା ଅନ୍ତର୍ଗତ କାଳାଝରି ଗ୍ରାମର ବସନ୍ତ ରାୟ(୩୨) ଗିରଫ ହୋଇଛନ୍ତି। ବିଜାତଳାର ହାଟସାହି ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ପତ୍ନୀ ଓ ଛୁଆକୁ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ମାରଧର କରୁଛନ୍ତି। ଯାହାକୁ ନେଇ ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ। ସୂଚନା ପାଇ ସବ ଇନ୍ସପେକ୍ଟର ଆଲୋକ କୁମାର ସିଂ ଓ ଅନ୍ୟାନ୍ୟ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ପୁଲିସ ବସନ୍ତଙ୍କୁ ପାଟିତୁଣ୍ଡ ନ କରିବାକୁ ବୁଝାସୁଝା କରିଥିଲେ। ଯେଉଁଥିରେ ବସନ୍ତ ଉତକ୍ଷିପ୍ତ ହୋଇ ପୁଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏହାପରେ ଏକ ବାଉଁଶରେ ସବ ଇନ୍ସପେକ୍ଟରଙ୍କ ମୁଣ୍ଡକୁ ବାଡେଇ ଦେଇଥିଲା। ତାଙ୍କ ବେକକୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଫଳରେ ଶ୍ରୀ ସିଂ ଆହତ ହୋଇଥିଲେ। ଅନ୍ୟ ପୁଲିସ କର୍ମଚାରୀ ବସନ୍ତକୁ କାବୁ କରି ଥାନାକୁ ଆଣିଥିଲେ। ଅଭିଯୋଗକ୍ରମେ ବସନ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଆଜି ୪ଟି ଉପଖଣ୍ଡରେ ଭଞ୍ଜସେନାର ମେଗା ରକ୍ତଦାନ ଶିବିର

ବାରିପଦା, ୮।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ସମ୍ପ୍ରତି ରକ୍ତ ଅଭାବ ସମସ୍ୟା ବହୁତ ଗୁରୁତର ରୂପ ଧାରଣ କରିଛି। ଏଥିପାଇଁ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ରକ୍ତ ଅଭାବ ସମସ୍ୟାର ସମାଧାନ ପାଇଁ ଭଞ୍ଜସେନା ପକ୍ଷରୁ ରବିବାର ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ। ଏଥିସହିତ କରଞ୍ଜିଆ, ରାଇରଙ୍ଗପୁର, ଉଦଳା ରକ୍ତ ଭଣ୍ଡାରରେ ମଧ୍ୟ ପୃଥକ ଭାବେ ଭଞ୍ଜସେନା ପକ୍ଷରୁ ଗୋଟିଏ ଦିନରେ ୪ଟି ରକ୍ତଦାନ ଶିବିର ଆୟୋଜିତ ହେଉଛି ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

## ମୃତ ଶିକ୍ଷକ ପରିବାରକୁ ଆର୍ଥିକ ସହାୟତା



ମୋରଡା, ୮।୧୧(ସମିସ): ମୋରଡା ବ୍ଲକ ଅଧୀନ ଭାଲିଆଡିହା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କାର୍ଯ୍ୟରତ ଥିବା କ୍ରୀଡ଼ା ଶିକ୍ଷକ ବାସୁଦେବ ମହାନ୍ତ ବାରିପଦାରୁ ସ୍କୁଟି ଯୋଗେ ଲଙ୍ଗଳାକଟାସ୍ଥିତ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଶନିବାର ମୋରଡ଼ା ବ୍ଲକ ପିଇଟି ଆସୋସିଏସନ ତରଫରୁ ମୃତକ ବାସୁଦେବଙ୍କ ଧର୍ମପତ୍ନୀ ସଂଯୁକ୍ତା ମହାନ୍ତଙ୍କୁ ୪୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଆସୋସିଏସନର ସଦସ୍ୟ ମାନସରଞ୍ଜନ ବାରିକ, ହିମାନି ମହାନ୍ତ, ଶୋଭାକର ମହାନ୍ତ, ମନୋରଞ୍ଜନ ମହାନ୍ତ ଉପସ୍ଥିତ ଥିଲେ।

## ଏମ୍‌ପିସି କଲେଜରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, ୮।୧୧(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ବିଭାଗ ପକ୍ଷରୁ ନୂତନ ବିଦ୍ୟାର୍ଥୀଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ଡ. ଅରୁଣ ରାୟଙ୍କ ପୌରହିତ୍ୟରେ ଉଦ୍‌ଘାଟକ ଭାବେ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା ଯୋଗଦେଇ ଛାତ୍ରଛାତ୍ରୀ କିପରି ଅନୁଷ୍ଠାନର ମର୍ଯ୍ୟାଦା ରକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଲକ୍ଷ୍ୟସ୍ଥିର କରି ଜୀବନ ପଥରେ ଆଗେଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଭାଗର ଅଧ୍ୟାପିକା ଡ. ଆଲବର୍ଟିନା ତିର୍କୀ, ସୁରେଶ ଚନ୍ଦ୍ର ପାତ୍ର, ସାରଥି ବେସ୍ରା, ପ୍ରଭାସ ମହାନ୍ତ, ଜଗଦୀଶ ପାତ୍ର, ମାନସ ରଞ୍ଜନ ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତି ମାଧ୍ୟମରେ ସଫଳତା ଅବଶ୍ୟମ୍ଭାବୀ ବୋଲି କହିଥିଲେ। ଛାତ୍ରଛାତ୍ରୀ ଶିକ୍ଷାକୁ କେବଳ ପାଠ୍ୟପୁସ୍ତକରେ ସୀମିତ ନରଖି, ମାନବିକ ମୂଲ୍ୟବୋଧ, ସାମାଜିକ ସେବା ଓ ନେତୃତ୍ୱ ଗୁଣ ଗଢ଼ି ତୋଳିବା ପାଇଁ ଉତ୍ସାହିତ କରିଥିଲେ। ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସ୍ୱାଗତ ସଙ୍ଗୀତର ଆୟୋଜନ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା +୩ ଏବଂ ପିଜି ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପିଜି ଛାତ୍ର ଅଜିତ ପ୍ରଧାନ ଏବଂ ଛାତ୍ରୀ ଅଭିଲିପ୍ସା ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




# ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ବାରିପଦା, ୮।୧୧(ସମିସ):

ସମ୍ବଲପୁର ସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ୩ଜଣ ପ୍ରତିଯୋଗୀ ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ବାରିପଦା ମହାରାଣୀ ତଖତ କୁମାରୀ ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରୀ ତନୁଜା ମହାନ୍ତ ଫ୍ରି ଷ୍ଟାଇଲ ଷ୍ଟ୍ରୋକ ୫୦ ମିଟରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଥିବା ବେଳେ ବଡ଼ସାହି ବ୍ଲକ ବାଲିଯୋଡା ଜଗବନ୍ଧୁ ହାଇସ୍କୁଲର ଛାତ୍ରୀ ରାଜଲକ୍ଷ୍ମୀ ନାଏକ ବେକ ଷ୍ଟ୍ରୋକ ୧୦୦ ମିଟର ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଓ ବାଲିଯୋଡ଼ା ଉପ୍ରା ବିଦ୍ୟାଳୟର ଛାତ୍ରୀ ରାନୀ ମାରାଣ୍ଡି ବାଟରଫ୍ଲାଏ ୫୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜେନେରାଲ ମ୍ୟାନେଜର ଭାବେ ପିଇଟି ହେମନ୍ତ ଜେନା, ପରୀକ୍ଷିତ ହେମ୍ବ୍ରମ ଓ ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ସନ୍ତରଣ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବାରିପଦା ଓ ବିଜୁ ପଟ୍ଟନାୟକ ସନ୍ତରଣାଗାର, ତକତପୁରସ୍ଥିତର ସମସ୍ତ ସନ୍ତରଣ ପ୍ରଶିକ୍ଷକ ପ୍ରଶିକ୍ଷିକା, କର୍ମଚାରୀ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ତନୁଜାଙ୍କୁ ରୌପ୍ୟ, ରାଜଲକ୍ଷ୍ମୀ ଓ ରାନୀଙ୍କୁ ବ୍ରୋଞ୍ଜ ପଦକ



## ଭଲିବଲ ଟୁର୍ଣ୍ଣାମେଣ୍ଟ; ଏଭେଞ୍ଜର ଟିମ ଚାମ୍ପିଅନ



ମୋରଡ଼ା,୮।୧୧(ସମିସ): ମୋରଡ଼ା ବ୍ଲକ ଅନ୍ତର୍ଗତ ନିଚୁଆପଦା ଖେଳ ପଡ଼ିଆରେ ଶନିବାର ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ନିଚୁଆପଦା ଗାଁର ଯୁବଗୋଷ୍ଠୀ ଆୟୋଜନ କରିଥିବା ବେଳେ ଅତିଥି ଭାବେ ଖଗେନ୍ଦ୍ର ମହାନ୍ତ ଯୋଗଦେଇ ଫିତାକାଟି ଖେଳ ଆରମ୍ଭ କରିଥିଲେ। ଲିଜେଣ୍ଡ ମାଷ୍ଟର, ଟାଇଟନ ଭାଇପର, ଏଭେଞ୍ଜର ଏବଂ ଏୟାର ଏଟାକର ନାମକ ଚାରୋଟି ଟିମ ଭାଗ ନେଇଥିଲେ। ତେବେ ଫାଇନାଲ ମ୍ୟାଚଟି ଏଭେଞ୍ଜର ଏବଂ ଏୟାର ଏଟାକର ମଧ୍ୟରେ ହୋଇଥିଲା। ଏଭେଞ୍ଜର

## ତକତପୁର ଅଞ୍ଚଳରୁ ବାଇକ ଚୋରି

ବାରିପଦା, ୮।୧୧(ସମିସ): ତକତପୁର ଅଞ୍ଚଳରୁ ଏକ ବାଇକ ଚୋରି ହୋଇଥିବା ନେଇ ନୂଆଗାଁ ଅଞ୍ଚଳର ସାଧୁରାମ ହାଁସଦା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ତକତପୁର ସ୍ଥିତ ଅବଦୁଲ କାଲାମ ଖେଳ ପଡ଼ିଆ ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ତେବେ ସେ ଫେରି ଦେଖିଲାବେଳକୁ ତାଙ୍କର ବାଇକଟି ଚୋରି ହୋଇଯାଇଥିଲା। ପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ତାରିଣୀ ମନ୍ଦିରର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆମ୍ବୁଲାନ୍ସ ସେବା ଲୋକାର୍ପିତ

ଘଟଗାଁ, ୮।୧୧(ସମିସ)



ଘଟଗାଁ ମା'ତାରିଣୀ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ରୋଗୀମାନଙ୍କ ପାଇଁ ଆମ୍ବୁଲାନ୍ସ ସେବାକୁ ଲୋକାର୍ପିତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଦେବୋତ୍ତର ବିଭାଗର ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ବିକାଶ ଗୋଏଲ, ସ୍ଥାନୀୟ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ, ଦେବୋତ୍ତର ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ରୋଗୀଙ୍କୁ ନେବା ସମୟରେ ଅକ୍ସିଜେନ ସହ ସ୍ୱାସ୍ଥ୍ୟ କର୍ମଚାରୀ ଓ ଆବଶ୍ୟକ ଔଷଧ ରଖିବା ବ୍ୟବସ୍ଥା ହୋଇଛି। ଏହି ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ପାଇଁ ଫୋନ ନମ୍ବର ୯୩୪୮୨-୯୬୭୧୧ ରଖାଯାଇଛି।

ଉଲ୍ଲେଖନୀୟ ଯେ ମନ୍ଦିର ଟ୍ରଷ୍ଟ ବୋର୍ଡର ନିଜସ୍ୱ ପାଣ୍ଠିରୁ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଏପରି କାର୍ଯ୍ୟକୁ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମକୁ ମନ୍ଦିର କର୍ମଚାରୀ ଅବନୀ ଜେନା ହରେକୃଷ୍ଣ ପଲେଇ, ଶରତ ବେହେରା, ନକୁଳ ବେଜ ପ୍ରମୁଖ ପରିଚାଳନା କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଅଟୋ ଚୁରମାର; ଚାଳକ ମୃତ

କେନ୍ଦୁଝର, ୮।୧୧(ସମିସ): ଅଜଣା ଗାଡ଼ି (ଓଡି-ଜିର-୯-ୟାଇ-୮୦୯୦) ଧକ୍କାରେ ଏକ ଅଟୋ ଚୁରମାର ହୋଇଯାଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣଙ୍କ ହେଲେ ରାଇସୁଆଁ ରାଜବନ୍ଧ ସାହିର ଆକାଶ କୁମାର ମାର୍ଡି(୨୧)। ଗତକାଲି ରାତ୍ର ୧୦ଟା ପାଖାପାଖି ଆକାଶ ବଡବାପାଙ୍କୁ କରଞ୍ଜିଆ ବସଷ୍ଟାଣ୍ଡରେ ଛାଡି ଏକ ଭଡାରେ ଯାଇଥିଲେ। ଫେରୁଥିବାବେଳେ ୪୯ନମ୍ବର ଜାତୀୟ ରାଜପଥର ବଦାପଲସା ଅଶୋକ ଲିଲାଣ୍ଡ ସୋରୁମ୍ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଅଟୋଟକୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ଆକାଶଙ୍କ ମୃତ୍ୟୁ ଘଟିଛି। ସଦର ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ସମେତ ଶବ ଜବତ କରି ତଦନ୍ତ ଚଳାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



# ବଳରାମପୁରରେ ବିଜ୍ଞାନ ପ୍ରଦର୍ଶନୀ



ଆନନ୍ଦପୁର, ୮।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବଳରାମପୁରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ହୋଇଯାଇଛି। ପ୍ରଧାନଶିକ୍ଷକ ଅନୀଲ କୁମାର ନାୟକ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀ ଦାସ ଏବଂ ଚିନ୍ତାମଣି ସାହୁ ବିଚାରକ ଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଚିନ୍ମୟୀ ସେଠୀ ଓ ଶିକ୍ଷକ ବାବୁଲାଲ ନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକଳ୍ପର ପ୍ରଦର୍ଶନୀ ହୋଇଥିଲା। ନିବେଦିତା ଦାସ, ସୁପ୍ତିପ୍ରୀୟା ଚକ୍ର, ପ୍ରମିଳା ସେଠୀ, ସୁଷମା ଜେନା, ମାନସୀ ସାହୁ, ସୁବ୍ରତ ସାହୁ, ନାଗଭୂଷଣ ରାଉତ, ସୁଭଦ୍ରା ନାୟକ, ଆଶିଷ ସାହୁ, ରଶ୍ମି ବେହେରା, ରସାନନ୍ଦ ସାହୁ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ୩୨ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ପୋଖରୀରେ ପଡ଼ି ମହିଳା ମୃତ

ଭଣ୍ଡାରିପୋଖରୀ, ୮।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ଭାଗଡ଼ା ଗ୍ରାମର ସରସ୍ୱତୀ ବେହେରା(୪୩) ଶୁକ୍ରବାର ମଧ୍ୟାହ୍ନରେ ଗ୍ରାମ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାଯାଇଛି। ସ୍ଥାନୀୟ ଦମକଳ କେନ୍ଦ୍ର କର୍ମଚାରୀମାନେ ସରସ୍ୱତୀଙ୍କୁ ପୋଖରୀରୁ ଉଦ୍ଧାର କରି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ ୨୨/୨୫ନଂ ଅପମୃତ୍ୟୁ ମାମଲା ରଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି।

# ରାଜ୍ୟ 'ସୁରଭି'କୁ ଯିବେ ବର୍ଷା ପ୍ରିୟଦର୍ଶିନୀ ଷେଣ୍ଠ

ଭଣ୍ଡାରିପୋଖରୀ, ୮।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକାଦଶ ଶେଣୀ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ଷେଣ୍ଠ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ସୃଜନଶୀଳ ଲେଖା ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି। ଗତ ଶୁକ୍ରବାର ଜିଲ୍ଲାସ୍କୁଲ ପରିସରରେ ଅନୁଷ୍ଠିତ ମହୋତ୍ସବରେ କୁମାରୀ ଶେଣ୍ଠଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଆଗାମୀ ସପ୍ତାହର ପ୍ରଥମ ଭାଗରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ କୁମାରୀ ଶେଣ୍ଠ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ଏହି ସଫଳତା ପାଇଁ ଶନିବାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରାଜ୍ୟସ୍ତରୀୟ ମହୋତ୍ସବରେ ସଫଳତା କାମନା କରାଯାଇଛି।



# ୧୬ରେ ରାଜ୍ୟସ୍ତରୀୟ ଜନଜାତି ଛାତ୍ରଛାତ୍ରୀ ସମ୍ମିଳନୀ

ଚମ୍ପୁଆ, ୮।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ରାଜ୍ୟସ୍ତରୀୟ ଜନଜାତି ଛାତ୍ରଛାତ୍ରୀ ସମ୍ମିଳନୀ କେନ୍ଦୁଝରରେ ଚଳିତ ମାସ ୧୬ ଏବଂ ୧୭ ତାରିଖ ହେବାକୁ ଯାଉଛି। କନ୍ଧମାଳ, ଗଜପତି, ରାୟଗଡ଼ା, ମୟୂରଭଞ୍ଜ, ରାଉରକେଲା ଆଦି ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ନେଇ ଏକ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ଏଥିରେ ଛାତ୍ରବୃତ୍ତି, ବାସଗୃହ, ଟ୍ୟୁସନ ଫି, ପାଠ୍ୟପୁସ୍ତକ, ଯୋଗାଯୋଗ ଭତ୍ତା, ପୋଷାକ ଆଦି ସୁବିଧା ସହିତ ଉଚ୍ଚଶିକ୍ଷା ଏବଂ ରୋଜଗାରମୂଳକ ପ୍ରଶିକ୍ଷଣ ଯୋଜନା ଏବଂ ସେମାନଙ୍କ ସଂସ୍କୃତିକୁ ସୁରକ୍ଷା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରଶ୍ନୋତ୍ତର ଅଧିବେଶନର ବ୍ୟବସ୍ଥା ରହିଛି। ଜନଜାତି ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ସାଂସ୍କୃତିକ ବେଶଭୂଷା ମଧ୍ୟରେ ଆୟୋଜନ କରାଯିବ। ଏନେଇ ଅଖିଳଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ପଣ୍ଡା, ମୟୂରଭଞ୍ଜ ବିଭାଗ ସହସଂଯୋଜକ ଚିନ୍ମୟ କୁମାର ବାରିକ, କେନ୍ଦୁଝର ଜିଲ୍ଲା ସଂଯୋଜକ ସ୍ୱରାଜ କେତନ ମହାନ୍ତ ଏବଂ ଦୀପକ ମୁଣ୍ଡା ବିଭିନ୍ନ ସୂଚନା ଦେଇଥିଲେ।



# ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ସାମୂହିକ ଗାନ ଉତ୍ସବ



ଆନନ୍ଦପୁର, ୮।୧୧(ସମିସ): ଆନନ୍ଦପୁର ପୌରପାଳିକା ଓ ବିଭିନ୍ନ ବିଦ୍ୟାଳୟରେ ରାଷ୍ଟ୍ରଗୀତ 'ବନ୍ଦେମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ୧୮୭୫ ମସିହାରେ ରଚିତ ଏହି ଗୀତର ସାମୂହିକ ଗାତ ଉତ୍ସବକେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ପାଳନ କରାଯାଇଥିଲା ବେଳେ ଆନନ୍ଦପୁର ପୌରପାଳିକା ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ରଜନୀରାଣୀ ଖଟୁଆ, ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ବିଜେପି ଜିଲ୍ଲା ଉପସଭାପତି ନିରାକାର ଦଳେଇ, କାଉନ୍‌ସିଲର ରଶ୍ମିତା ବାରି, ନିବେଦିତା ବେହେରା, ଲିନାରାଣୀ ସାହୁ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୌର କର୍ମଚାରୀ ଧନୁର୍ଜୟ ଦାଶ, ଶୁଭକାନ୍ତ ଜେନା, ଅଂଶୁମାନ ପାଢ଼ୀ, ଏସ୍‌କେ. ଶାହାବାଜ ଆଲାମ, ଭାଗୀରଥ ଦାଶଙ୍କ ସହ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ସମସ୍ତ କର୍ମଚାରୀ ଏହି ରାଷ୍ଟ୍ରଗୀତ ଗାନ କରିଥିଲେ। ସେହିପରି ଆନନ୍ଦପୁର ବ୍ଲକର ବିଭିନ୍ନ ହାଇସ୍କୁଲରେ ଏହି ଉତ୍ସବ ପାଳନ କରାଯାଇଥିବା ବେଳେ ଛାତ୍ରଛାତୀମାନଙ୍କ ମଧ୍ୟରେ ରଙ୍ଗୋଲି, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା।

# ସ୍ୱାମ ପାଟଣା କଲେଜରେ ସାଇବର ସଚେତନତା

ତୁରୁମୁଙ୍ଗା, ୮।୧୧(ସମିସ): ଦେଶ ଓ ରାଜ୍ୟରେ ସାଇବର କ୍ରାଇମ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବେଳେ ଏଥିରେ ଅଙ୍କୁଶ ଲଗାଇବା ଏବଂ ସଚେତନତା ଉଦ୍ଦେଶ୍ୟରେ ଶନିବାର ପାଟଣା ପୁଲିସ ପକ୍ଷରୁ ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। କଲେଜ ଛାତ୍ରଛାତ୍ରୀ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ସହ କାର୍ଯ୍ୟକ୍ରମରେ ସାଧାରଣ ଲୋକେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମ ସହ ପାଲା ମାଧ୍ୟମରେ ସାଇବର ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଭାରପ୍ରାପ୍ତ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ, ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝୀଙ୍କ ସହ ଅନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ। ଛାତ୍ରଛାତ୍ରୀ ମୋବାଇଲରେ ଆସୁଥିବା ଓଟିପି ଓ ଫେକ୍‌କଲ୍‌ରୁ କିଭଳି ନିଜ ଏକାଉଣ୍ଟ୍‌କୁ ସୁରକ୍ଷିତ ରଖିବେ ସେନେଇ ସଚେତନ କରାଯାଇଥିଲା।



# ନୂଆପଡ଼ା ପ୍ରଚାରରେ ସଞ୍ଜୀବ

ବାରିକପୁର, ୮।୧୧(ସମିସ): ନୂଆପଡ଼ା ପାଇଁ ହେଉଥିବା ଉପନିର୍ବାଚନ ପ୍ରଚାର ଆଉ ଅଳ୍ପ କେତେ ଘଣ୍ଟା ମଧ୍ୟରେ ଶେଷ ହେବ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ନୂଆପଡ଼ା ପ୍ରଚାର ମଇଦାନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରୁଛନ୍ତି। ପ୍ରାୟ ୧୫ଦିନ ହେବ ଶ୍ରୀ ମଲ୍ଲିକ ନୂଆପଡ଼ା ନିର୍ବାଚନମଣ୍ଡଳୀର କୋମନା ବ୍ଲକରେ ରହି ପ୍ରଚାର କରୁଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଲୋକପ୍ରିୟ ବିଧାୟକ ସଞ୍ଜୀବ ପ୍ରତ୍ୟକ ଦିନ ବିଭିନ୍ନ ପଞ୍ଚାୟତ ଗସ୍ତ କରିଛନ୍ତି। ପଞ୍ଚାୟତର ୱାର୍ଡଗୁଡିକରେ କର୍ମୀ ବୈଠକ ଡାକି ପ୍ରଚାରକୁ ସରଗରମ କରୁଥିବା ବେଳେ ବିଜେଡି ପ୍ରାର୍ଥିନୀଙ୍କୁ ବହୁ ପରିମାଣରେ ଭୋଟଦେଇ ନବୀନ ପଟ୍ଟନାୟକ ଓ ବିଜେଡି ସପକ୍ଷରେ ସମର୍ଥନ ଲୋଡୁଛନ୍ତି। ସକାଳୁ ବିଳମ୍ବିତ ରାତି ଯାଏ ପ୍ରଚାର ମଙ୍ଗ ଧରିଥିବା ଶ୍ରୀ ମଲ୍ଲିକ ବିଜେଡି ସପକ୍ଷରେ ସର୍ବାଧିକ ଜନମତ ସୃଷ୍ଟି କରୁଥିବା ଜଣାପଡ଼ିଛି। ମହିଳା, ଛାତ୍ର, ଯୁବ ଓ ବରିଷ୍ଠ କର୍ମୀ ମାନଙ୍କୁ ନେଇ ବିଧାୟକ ଶେଷ ପର୍ଯ୍ୟାୟ ପ୍ରଚାରରେ ଉପନୀତ ହୋଇଛନ୍ତି।



# ଫେଲ୍ ମାରିଛି ମେଗା ପାନୀୟଜଳ କଳ୍ପ

ବାରିକପୁର, ୮।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଥିବା ଅଭିଯୋଗ ହେଉଛି। ୨୦୧୬ରେ ଆଖୁଆପଦା ଆନିକଟଠାରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ କାମ ଆରମ୍ଭ ହୋଇଥିଲା। ଅତ୍ୟାଧୁନିକ ମୋଟର ଜରିଆରେ ବୈତରଣୀରୁ ପାଣି ଆଣି ଏହାକୁ ବିଶୋଧନ କରିବା ସହିତ ପାଇପ ଯୋଗେ ଘର ଦୁଆର ମୁହଁରେ ଜଳ ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପ୍ରକଳ୍ପ ସକାଶେ ପ୍ରାଥମିକ ଭାବେ ୬୭କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ତିନି ବର୍ଷରେ କାମ ସାରିବାକୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ୮ବର୍ଷ ବିତିଯାଇଥିଲେ ସୁଦ୍ଧା ନା ପ୍ରକଳ୍ପ କାମ ସରିଛି ନା ପାଇପ ଯୋଗେ ଲୋକେ ପାଣି ପାଇ ପାରୁଛନ୍ତି। ବ୍ଲକର ୧୧୯ଟି ଗାଁକୁ ଏହି ମେଗା ପ୍ରକଳ୍ପରେ ଯୋଡ଼ା ଯାଇଥିଲେ ସୁଦ୍ଧା ସର୍ବସାଧାରଣସର୍ବନିମ୍ନ୧୯ଟିସ୍ଥାନରେପାଣିମୁନ୍ଦାଏପାଇପାରିନାହାନ୍ତି। ଦୈନିକବୈତରଣୀରୁ ପାଣି ଆସୁଥିଲେ ବି ତ୍ରୁଟିପୂର୍ଣ୍ଣ ପାଇପ ସଂଯୋଗ କାର୍ଯ୍ୟ ଯୋଗୁଁ ଜଳ ଚାଷଜମି ଓ ରାସ୍ତାଘାଟରେ ବହିଯାଉଛି। ଯେଉଁ କେତୋଟି ସ୍ଥାନରେ ଟ୍ୟାପ ନିର୍ମାଣ ହୋଇଛି ପରିଚାଳନାଗତ ଶୂନ୍ୟତା ଯୋଗୁଁ ସେଥିରେ ମଧ ପାଣି ନଷ୍ଟ ହେଉଛି। ସରକାରୀ କାଗଜରେ ପ୍ରକଳ୍ପ ଚାଲୁଥିବା ଲିପିବଦ୍ଧ ହେଉଥିବା ବେଳେ ଲୋକେ କିନ୍ତୁ ଏହାଦ୍ୱାରା ଉପକୃତ ହେଉନାହାନ୍ତି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଓ ଜିଲ୍ଲା ଜଳ ଏବଂ ପରିମଳ ବିଭାଗ ଅଧିକାରୀଙ୍କ ଅପାରଗତା ଯୋଗୁଁ ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ହେଉ ନଥିବା କୁହାଯାଉଛି। ତେଣୁ ଏହା ଉପରେ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।



# ଉଜ୍ଜ୍ୱଳ ବରାଳଙ୍କ ପରଲୋକ

ଆନନ୍ଦପୁର, ୮।୧୧ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର ଧର୍ମପରାୟଣା ମହିଳା ଉଜ୍ଜ୍ୱଳ ବରାଳ (୮୦)ଙ୍କର ଗତକାଲି ରାତିରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ପ୍ରଭାତ ବରାଳ, ସାନପୁଅ ନରେଶ ବରାଳ, ଝିଅ ସୁରମା ବରାଳଙ୍କ ସହ ପରିବାର ସଦସ୍ୟ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଖବର ପାଇ ତାଙ୍କ ଅଳତିସ୍ଥ ବାସଭବନରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଗାଁ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ନରେଶ ମୁଖାଗ୍ନି ଦେଇଛନ୍ତି।



# ତିନି ରାତ୍ର ବାଦିପାଲା ମହାମଞ୍ଚ ଉଦ୍‌ଯାପିତ

ତେଲକୋଇ, ୮।୧୧(ସମିସ): ତେଲକୋଇ ବ୍ଲକ ପୁରୁଯୋଡା ଗ୍ରାମ କାର୍ତ୍ତିକେଶ୍ୱର ସତ୍ୟନାରାୟଣ ପୂଜା ପାଲା ମଣ୍ଡପରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ତିନି ରାତ୍ର ବାଦିପାଲା ମହାମଞ୍ଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମବାସୀଙ୍କ ତରଫରୁ ପାରମ୍ପରିକ କାର୍ତ୍ତିକ ପୂର୍ଣ୍ଣିମା ପାଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦିପାଲା ଗାୟିକା ସ୍ୱରଭାରତୀ ସସ୍ମିତା ପ୍ରଧାନ ଓ ଗାୟିକା ପ୍ରତିଭା ବାସନ୍ତୀ ବେହେରା ମଧ୍ୟରେ ହୋଇଥିଲା। ସମୀକ୍ଷକ ଭାବେ ଗୋବର୍ଦ୍ଧନ ପାତ୍ର ଓ ଦେବାନନ୍ଦ ମହାନ୍ତ ଯୋଗ ଦେଇଥିଲେ। ସ୍ୱନାମଧନ୍ୟା ଗାୟିକା ଦୁହେଁ ଖୁବ୍ ସୁନ୍ଦର ପାଲା ପରିବେଷଣ କରିଥିଲେ। ଗାୟିକା ସସ୍ମିତା ପ୍ରଧାନ ଦାନବୀର ହରିଶ୍ଚନ୍ଦ୍ର କଥାବସ୍ତୁ ଅତି ସୁନ୍ଦର ଭାବେ ଦର୍ଶକଙ୍କୁ ବୁଝାଇ ମୋହିତ କରିଥିଲେ। ବାସନ୍ତୀ ବେହେରାଙ୍କ ମହାଭାରତର ଧର୍ମବୃକ୍ଷ ଓ ପାପବୃକ୍ଷ ବିଷୟବସ୍ତୁ ତଥା ସୁନ୍ଦର କଣ୍ଠସ୍ୱର ଆକର୍ଷଣ ହୋଇଥିଲା। ପାଲାପୂଜା କମିଟି ସଭାପତି ବଳଭଦ୍ର ବେହେରା, ସମ୍ପାଦକ ଭାଗୀରଥି ମହାନ୍ତ, ସଦସ୍ୟ ବସନ୍ତ ନାୟକ, ବଳରାମ ମହାନ୍ତ, ମହେଶ୍ୱର ନାୟକ, ମାଗୁଣୀ ଚରଣ ପାତ୍ର, ଚିନ୍ତାମଣୀ ପାତ୍ର, ଡିକ୍ରେଷନ ପାତ୍ର, ସୋକ୍ଷେଣ କୁମାର ପାତ୍ର, ଦୁଃଖବନ୍ଧୁ ବେହେରା, ଦୁର୍ଯୋଧନ ମହନ୍ତ, ସନ୍ତୋଷ ନାୟକ ସହଯୋଗ କରିଥିଲେ।



# ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା



କେନ୍ଦୁଝର, ୮।୧୧(ସମିସ)

କେନ୍ଦୁଝର ଷ୍ଟାଡିୟମ ପଡ଼ିଆରେ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶନିବାର ୧୪ ବର୍ଷରୁ କମ୍ ପ୍ରତିଯୋଗିତାର ଶୁଭାରମ୍ଭ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।

ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅବସରପ୍ରାପ୍ତ କ୍ରୀଡ଼ା ସହନିର୍ଦ୍ଦେଶକ ନୀଳମାଧବ ନନ୍ଦ, ମୁଖ୍ୟବକ୍ତା ଜ୍ୟୋତିପ୍ରକାଶ ପରିଡ଼ା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଶ୍ରୀକାନ୍ତ କୁମାର ବେହରା, ମନ୍ମଥନାଥ ମହାନ୍ତ ଓଷ୍ଟା ସଭାପତି, ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ଘଡେଇ, ଶାନ୍ତନୁ କୁମାର ମିଶ୍ର ଓଷ୍ଟାର ଉପଦେଷ୍ଟା, ମନୋଜ କୁମାର ପଣ୍ଡା, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ସମାଜସେବୀ ଦିଲୀପ କୁମାର ପଣ୍ଡା, ରବୀନ୍ଦ୍ର କୁମାର ପାଢ଼ୀ କେନ୍ଦୁଝର ଆଥିଲେଟିକ୍ ଟିମ୍‌ର ଯୁଗ୍ମ ସମ୍ପାଦକ ଉପସ୍ଥିତ ଥିଲେ। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଦଳ ଚାମ୍ପିଅନ୍ ଓ ବାଲେଶ୍ୱର ଦଳ ରନର୍ସ ଅପ୍ ହୋଇଥିବା ବେଳେ ୧୭ ବର୍ଷରୁ କମ୍ ବାଳକ ବିଭାଗର ପୁରୀ ଦଳ ଚାମ୍ପିଅନ୍ ଏବଂ ଜଗତସିଂହପୁର ଦଳ ରନର୍ସ ଅପ୍ ହୋଇଥିଲେ। ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଖୋ ଖୋ ପ୍ରତିଯୋଗିତାର ଶୁଭାରମ୍ଭ ସଭାରେ ସହ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ମୋଟ ୮୦୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

# ଜଗଦ୍ଧାତ୍ରୀ ମେଳାରେ ନାବାଳକକୁ ଛୁରାମାଡ଼

ବାରିପଦା, ୮ ।୧୧(ସମିସ): ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ବୁଲିବାକୁ ଆସିଥିବା ଜଣେ ନାବାଳକକୁ ଶୁକ୍ରବାର ବିଳମ୍ବିତ ରାତିରେ ଛୁରାମାଡ଼ ହୋଇଛି । ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତ ନାବାଳକ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କଳାବାଡିଆ ଗ୍ରାମ ପଞ୍ଚାୟତର ପଣସଡିହା ଗ୍ରାମର ଅର୍ଜୁନ ନାଏକଙ୍କ ପୁଅ ଆକାଶ(୧୬) । ସେ ଜଗଦ୍ଧାତ୍ରୀ ମେଳା ବୁଲିବାକୁ ଆସିଥିବା ବେଳେ ରାତିରେ ବାଙ୍ଗିରିପୋଷି-ପୁରୀ ଟ୍ରେନରେ ଘରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଭଞ୍ଜପୁର ରେଲୱେ ଷ୍ଟେସନ ନିକଟରେ ତାଙ୍କ ସାଙ୍ଗ ସଞ୍ଜୟ ନାଏକ ସହିତ ଅପେକ୍ଷା କରିଥିଲେ । ଏହି ସମୟରେ ୭/୮ ଜଣ ଯୁବକ ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ । ଦୁର୍ବୃତ୍ତଙ୍କ ଛୁରା ମାଡ଼ରେ ତାଙ୍କ ପେଟରେ ଗଭୀର କ୍ଷତ ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ଅବସ୍ଥା ଗୁରୁତର ଥିବାରୁ ରାତିରେ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଜିଆରପି ଥାନାରେ ମାମଲା ରୁଜୁ କରି ରେଳ ସୁରକ୍ଷାବଳ ପକ୍ଷରୁ ଘଟଣା ତଦନ୍ତ ଜାରି ରହିଛି ।

# ଲୁହାଖଣ୍ଡ ବୋଝେଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ; ୨ ଆହତ

ବାରିପଦା, ୮ ।୧୧(ସମିସ): ବାରିପଦା ଉପକଣ୍ଠ ମୁର୍ଗାବାଡ଼ିଠାରେ ଏକ ଲୁହା ଖଣ୍ଡ ବୋଝେଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ ହେବାରୁ ୨ଜଣ ଆହତ ହୋଇଛନ୍ତି । ପଶ୍ଚିମବଙ୍ଗର ଖଡଗପୁରଠାରୁ ବଡ଼ ବଡ଼ ଲୁହା ଖଣ୍ଡ ବୋଝେଇ ଏକ ଟ୍ରଲର ସମ୍ବଲପୁର ଅଭିମୁଖେ ଯାଉଥିଲା । ତେବେ ଗାଡି ଡ୍ରାଇଭରଙ୍କ ଆଖି ଲାଗିଯିବା କାରଣରୁ ଜାତୀୟ ରାଜପଥର ମୁର୍ଗାବାଡି ପେଟ୍ରୋଲ ପମ୍ପ ପାଖରେ ଶନିବାର ଭୋରୁ ଭରସ୍ୟାମ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ଯୋଗୁଁ ଗାଡ଼ିର ବାମ ପାଖ ଦୁଇ ଚକ ଫାଟି ଯାଇଛି । ବୋଝେଇ ହୋଇଥିବା ସମସ୍ତ ବଡ଼ ବଡ଼ ଲୁହାଖଣ୍ଡଗୁଡିକ ବାମ ପାଶ୍ୱର୍ରେ ଫ୍ଲାଏ ଓଭର ତଳକୁ ଖସିଯାଇଛି । ଫଳରେ ସର୍ଭିସ ରୋଡରେ ଲୁହାଖଣ୍ଡ ପଡି ରାସ୍ତା ଅବରୋଧ ହୋଇଥିଲା । ଗାଡିର ଡ୍ରାଇଭର ଓ ହେଲପର ଆହତ ହୋଇଥିବା ବେଳେ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଭଞ୍ଜପୁର ଥାନା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । କ୍ରେନ ଯୋଗେ ଲୁହାଖଣ୍ଡଗୁଡ଼ିକୁ ରାସ୍ତାରୁ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ରେଳ ଧାରଣାରେ କଟି ଯୁବକ ମୃତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର; ୩ ଅଟକ

ଭଦ୍ରକ,୮ ।୧୧(ସମିସ): ଧାମରା-ଭଦ୍ରକ ରେଳ ଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମାଣିପୁର ଗାଁର ଚଗଲା ଦାସଙ୍କ ପୁଅ ସିପୁନ ଦାସ (୨୨) । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସିପୁନଙ୍କୁ କେହି ଫୋନ କରି ଡାକିଥିଲେ । ତା' ପରଠାରୁ ସିପୁନ ଆଉ ଘରକୁ ଫେରି ନ ଥିଲେ । ଶନିବାର ସକାଳୁ ରେଳ ଧାରଣା ନିକଟରୁ ଗଣ୍ଡି ମୁଣ୍ଡ ଅଲଗା ହୋଇଥିବା ସିପୁନଙ୍କ ମୃତଦେହ ମିଳିଥିଲା । ଏଥିସହିତ ରେଳ ଧାରଣାରୁ କିଛି ଦୂରରେ ରକ୍ତଛିଟା ପଡିଥିବା ମଧ୍ୟ ଦେଖିବାକୁ ମିଳିଛି; ଯାହାକୁ ନେଇ ପରିବାର ଲୋକେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ବାଂଶଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଘଟଣାସ୍ଥଳରେ ବାଂଶଡା ଥାନା ପୁଲିସ ଓ ଚାନ୍ଦବାଲି ତହସିଲଦାର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏପର୍ଯ୍ୟନ୍ତ ମୃତଦେହ ରେଳ ଧାରଣାରେ ପଡି ରହିଛି । ଫଳରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଅନ୍ୟପକ୍ଷରେ ଏହି ଘଟଣାରେ ମୃତକଙ୍କ ପିତା ଚଗଲା ଦାସ ବାଂଶଡା ଥାନାରେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ପୁଅକୁ ହତ୍ୟା କରି ରେଳଧାରଣାରେ ପକାଇ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୁଲିସ ୩ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚାରା ଉଚୁରା କରୁଛି ।

**ମହାବଳ ବାଘର ଆତଙ୍କ**

# ସନ୍ଧ୍ୟା ପରେ ରାସ୍ତା ଶୂନଶାନ, ଗାଁ ଟାଟି-କବାଟ ବନ୍ଦ





ଆନନ୍ଦପୁର, ୮।୧୧ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଗ୍ରାମାଞ୍ଚଳରେ ମହାବଳ ବାଘର ଆତଙ୍କ ଲାଗି ରହିଛି । ବାଘଟିକୁ ଠାବ କରିବା ପାଇଁ ଆନନ୍ଦପୁର ବନବିଭାଗ ତିନିଟି ପାଟ୍ରୋଲିଙ୍ଗ ଟିମ ଆଖପାଖ ଅଞ୍ଚଳ ଓ ବିଭିନ୍ନ ଜଙ୍ଗଲରେ ଅନୁସନ୍ଧାନ ଚଳାଇଥିବା ସୂଚନା ମିଳିଛି । ଶନିବାର ଦେଓଗାଁ ବନାଞ୍ଚଳର ଝିଙ୍କିପିଟା ଓସ୍ତାପୁରା ଅସନବହାଳି ବରବାହାଳି ଭଗାମୁଣ୍ଡା କୁମ୍ଭଟାଙ୍ଗିରି ଅଞ୍ଚଳରେ ଏସିଏଫ ଉମାକାନ୍ତ ଦାସ ପ୍ରବୀର କୁମାର ମୁର୍ମୁ ଓ ବନପାଳ ମଧୁସୂଦନ ସାହୁଙ୍କ ତତ୍ତ୍ୱାବଧାନରେ ୩ଟି ଟିମ ବିଭିନ୍ନ ଅଞ୍ଚଳରେ ଅନୁସନ୍ଧାନ ଚଳାଇଥିଲେ ମଧ୍ୟ କୌଣସି ସୁରାକ ମିଳିନାହିଁ । ଆନନ୍ଦପୁର ବ୍ଲକର ଷଡ଼ଙ୍ଗୀଠାରେ ବାଘ ପାଦଚିହ୍ନ ଠାବ ହୋଇଥିଲା । ସାତକୋଶିଆ ଜଙ୍ଗଲ ଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିବା ପରେ ସନ୍ତୋଷପୁର ଜଙ୍ଗଲିଆ ରାସ୍ତାରେ ଅଟେଇ ସଂରକ୍ଷିତ ଜଙ୍ଗଲକୁ ଫେରିଛି

**ବନବିଭାଗର ତିନି ଟିମ ବାଘ ଖୋଜାରେ**

ବୋଲି ବନ୍ୟପ୍ରାଣୀ ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି । ବନ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ବାଘ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି । ଆଖାପାଖ ଗ୍ରାମରେ ଡାକବାଜିଯନ୍ତ୍ର ଯୋଗେ ସତର୍କତା ସୂଚନା ଦେବାସହିତ ଠାବ ହେବା ଯାଏ ରାତିସାରା ବନବିଭାଗ ତରଫରୁ ପାଟ୍ରୋଲିଙ୍ଗ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆନନ୍ଦପୁର ରେଞ୍ଜର ନବକିଶୋର ନାଏକ ଦିନତମାମ ବାଘର ଗତିବିଧି ସମ୍ପର୍କରେ ଜାଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସଂଧ୍ୟା ପରେ ଘରୁ ନବାହାରିବା ଓ ଗୃହପାଳିତ ପଶୁଙ୍କୁ ଜଙ୍ଗଲକୁ ନ ଛାଡ଼ିବାପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ, କିଛିଦିନ ତଳେ ସାକିକୋଶିଆ ରେଞ୍ଜ ଠାକୁରମୁଣ୍ଡା ଅଞ୍ଚଳରେ ଏକ ବାଘ ବୁଲୁଥିବା ଜଣାପଡ଼ିଥିଲା । ପରେ ସିଂହନାଳୀ ଜଙ୍ଗଲ ନିକଟରେ ମଧ୍ୟ ବାଘର ପାଦଚିହ୍ନ ଦେଖିବାକୁ ମିଳିଥିଲା । ବାଘ ସମ୍ପର୍କରେ ଖବର ପ୍ରଚାର ହେବା ପରେ ସ୍ଥାନୀୟଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ଜାତୀୟ ରାଜପଥରେ ପୋକ ଆତଙ୍କ



ଯାଜପୁର,୮ ।୧୧(ସମିସ): ଯାଜପୁର ଜିଲ୍ଲା ଦେଇ ଯାଇଥିବା କୁଆଖିଆ-ମଙ୍ଗଳପୁର ୨୦ ନମ୍ବର ଜାତୀୟ ରାଜପଥର ବରୁଆଁ ନିକଟରେ ଥିବା ଖରସ୍ରୋତା ସେତୁ ଉପରେ ଗତ କିଛି ଦିନ ଧରି ଅଜଣା ପୋକଙ୍କ ଆତଙ୍କ ଦେଖାଦେଇଛି । ଫଳରେ ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଯିଏ ସେ ରାସ୍ତାରେ ଦେଇ ଯାଉଛି ସିଏ ଗାଡ଼ିରୁ ପଡ଼ି ଖଣ୍ଡିଆଖାବରା ହେଉଛି । ସେଥିପାଇଁ କିଛି ଲୋକ ସେହି ସ୍ଥାନରେ ଗାଡ଼ିରେ ଓହ୍ଲାଇ ଚାଲି ଚାଲି ଯାଉଛନ୍ତି ।

ଘଟଣାରୁ ପ୍ରକାଶ ଯେ ଗତ କିଛି ଦିନ ହେବ ସନ୍ଧ୍ୟା ପରେ ଖରସ୍ରୋତା ପୋଲ ଉପରେ ଅସଂଖ୍ୟ ପୋକ ଦେଖିବାକୁ ମିଳୁଛି । ଗାଡ଼ି ମଟରର ଆଲୋକ ଦେଖି ଏହି ଅଜଣା ପୋକଗୁଡିକ ସେତୁ ଉପରେ ଆସୁଥିବା କୁହାଯାଉଛି । ତେବେ ଏହା କେଉଁ ପ୍ରକାରର ପୋକ ତାହା ଜଣାପଡିନଥିଲେ

**ଯିଏ ଯାଉଛି, ସିଏ ପଡ଼ୁଛି**

ମଧ୍ୟ ଏହାକୁ ଦିୱାଲି ପୋକ କୁହାଯାଉଛି । ରାସ୍ତାରେ ଯାଉଥିବା ସାଇକଲ ଓ ବାଇକ ଆରୋହୀମାନେ ରାସ୍ତା ଘାଟ ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ସେତୁ ଉପରେ ଏକ ଇଞ୍ଚ ବହଳର ପୋକ ପଡିଥିବା ଦ୍ୱାରା ବାଇକ ଆରୋହୀମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି । ଏମତିକି ଚାରିଚକିଆ ଓ ବଡ଼ଗାଡି ଗୁଡିକର ସାମ୍ନା କାଚରେ ପୋକମାନେ ବାଡ଼େଇ ହେବା ହେତୁ କାଚ ଉପରେ ଏକ ଆସ୍ତରଣ ଜମିଯାଉଛି । ଫଳରେ ଗାଡି ଚଳାଇବା ଚାଳକଙ୍କ ପାଇଁ କଷ୍ଟସାଧ ବ୍ୟାପାର ହୋଇପଡିଛି । ରାତି ପାହି ସକାଳର ସୂର୍ଯ୍ୟ କିରଣ ପଡିବା ପରେ ମଲା ପୋକ ମାନଙ୍କ ଉତ୍କଟ ଗନ୍ଧ ଯୋଗୁଁ ସେହି ରାସ୍ତାରେ ଯାତାୟତ କରୁଥିବା ଲୋକେ ଦୁର୍ଗନ୍ଧରେ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି । ପ୍ରତିବର୍ଷ ଏହି ପୋକମାନେ ଦୀପାବଳିରୁ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ଦେଖଯାଆନ୍ତି । ଫଳରେ ସଞ୍ଜ ହେଲେ ସେହି ରାସ୍ତା ଦେଇ ଯିବାକୁ ଏବେ ଲୋକେ ଡରୁଛନ୍ତି ।

**ସାମ୍ବାଦିକଙ୍କୁ ଆକ୍ରମଣ; ସୋସିଆଲ ମିଡ଼ିଆରେ ଭିଡିଓ ଭାଇରାଲ**

# ନ୍ୟାୟ ନ ମିଳିଲେ ଧାରଣାରେ ବସିବ ସଂଘ

ରାସଗୋବିନ୍ଦପୁର,୮ ।୧୧(ସମିସ): ହାତୀ ଉପଦ୍ରବକୁ ନେଇ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ହୋଇଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି; ଯାହାକୁ ନେଇ ସାମ୍ବାଦିକ ଜଣକ ରାସଗୋବିନ୍ଦପୁର ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି । ସାମ୍ବାଦିକ ଚିତ୍ତରଞ୍ଜନ ବେହେରାଙ୍କ ଲିଖିତ ଅଭିଯୋଗ ମୁତାବକ, ଶୁକ୍ରବାର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଭାଦୁଆଶୋଳ ପଞ୍ଚାୟତ ଅଧୀନ କୃଷ୍ଣଚନ୍ଦ୍ରପୁର ଗାଁର ଅଙ୍ଗନବାଡି କେନ୍ଦ୍ରକୁ ଯାଇଥିଲେ । ଏହି ସମୟରେ କିଛି ଦୂରରେ ୩ଜଣ ପିଲା ବିଲରେ ଖେଳୁଥିବାବେଳେ ସେ ଭିଡିଓ ଉତ୍ତୋଳନ କରିଥିଲେ । ପରେ ସେ ହାତୀ ଭାଙ୍ଗିଥିବା କେନ୍ଦ୍ରର ଭିଡିଓ ଉତ୍ତୋଳନ କରିଥିଲେ । ହେଲେ ଅଙ୍ଗନୱାଡି କର୍ମୀ ଜଣକ ଡିଲିଟ କରିବାକୁ ତାଙ୍କୁ କହିଥିଲେ । ସେ ବାରଣ କରିବାରୁ କର୍ମୀ ଜଣକ ତାଙ୍କ ପୁଅ ଉତ୍କଳ କେଶରୀ ପାଲଙ୍କୁ ଡାକିଥିଲେ । କିଛି ସମୟ ପରେ ଉତ୍କଳ ଓ ତାଙ୍କ ଜଣେ ସହଯୋଗୀ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି କିଛି ନବୁଝି ମିଥ୍ୟା ଅଭିଯୋଗ କରି ତାଙ୍କୁ ଅତର୍କିତ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷା କହିଥିଲେ । ମାଡରେ ତାଙ୍କର କାନରୁ ରକ୍ତ ବାହାରିବା ସହ ବେକରେ ଗଭୀର ଆଘାତ ଲାଗିଛି । ଚିତ୍ତରଞ୍ଜନ ଜଣେ ଏସସି ସମ୍ପ୍ରଦାୟର ହୋଇଥିବା ବେଳେ ଦିବ୍ୟାଙ୍ଗ । ତାଙ୍କ ଜାତିକୁ ଆକ୍ଷେପ କରି ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ତେବେ ଉତ୍କଳଙ୍କ ମା' ପାଲଟା ସାମ୍ବାଦିକ ଚିତ୍ତରଞ୍ଜନଙ୍କ ନାମରେ ଅଭିଯୋଗ ଆଣିଛନ୍ତି । ଏପରିକି ଘଟଣାର ଆପୋଷ ସମାଧାନ ପାଇଁ ଉତ୍କଳ ବାଧ୍ୟ କରୁଛନ୍ତି ବୋଲି ଚିତ୍ତରଞ୍ଜନ ପ୍ରକାଶ କରିଛନ୍ତି । ତେଣୁ ଘଟଣାର ତଦନ୍ତ କରି ଚିତ୍ତରଞ୍ଜନଙ୍କୁ ନ୍ୟାୟ ଦେବାକୁ ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ଓ ପ୍ରେସ କ୍ଲବ ଦାବି କରିଛି; ନଚେତ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି ।



**ମୟୂରଭଞ୍ଜ ଡିଏମ୍‌ଏଫ୍ ବୋର୍ଡ ଟ୍ରଷ୍ଟି କମିଟି ସଦସ୍ୟ ଚୟନରେ ପାତରଅନ୍ତର**

# ବାଦ୍ ପଡ଼ିଛନ୍ତି ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଓ କୁଲେଇଶିଳା ସରପଞ୍ଚ

ବାଲେଶ୍ୱର/ରାଇରଙ୍ଗପୁର, ୮।୧୧(ସମିସ): ମୟୂରଭଞ୍ଜ ହେଉଛି ଖଣି ଖାଦାନର ଜିଲ୍ଲା । ବାମନଘାଟି ଉପଖଣ୍ଡରେ ଗୋରୁମହିଷାଣି, ବାଦାମପାହାଡ଼ ଓ ସୁଲେଇପାଟରେ ବୃହତ ଲୁହା ଖଣି ରହିଛି । ଖଣି ଖନନ ଦ୍ୱାରା ପ୍ରଭାବିତ ଅଞ୍ଚଳର ପାରିପାଶ୍ୱରିକ ଉନ୍ନୟନ କାର୍ଯ୍ୟର ତଦାରଖ ଓ ଯୋଜନା ଆଦି ପାଇଁ ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମଏଫ) ବୋର୍ଡର ଟ୍ରଷ୍ଟି ରହିଛି । ତେବେ ପାତରଅନ୍ତର କରାଯାଇ ମୟୂରଭଞ୍ଜ ଜିଲ୍ଲା ଡିଏମଏଫ ବୋର୍ଡ ଟ୍ରଷ୍ଟି କମିଟିରୁ ଖଣି ଅଞ୍ଚଳର କେତେକ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ବାଦ ଦେବା ଘଟଣା ଏବେ ଚର୍ଚ୍ଚାର ପରିସରକୁ ଆସିଛି; ଯାହାକି ପ୍ରଶାସନର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାଦାମପାହାଡ଼ ଓ ସୁଲେଇପାଟ ଲୁହାଖଣି ଥିବା କୁସୁମୀ ବ୍ଲକ ଅଧ୍ୟକ୍ଷା ମାନ୍ଦେ ପୂର୍ତ୍ତିଙ୍କୁ

**ଶାସକ ଦଳକୁ ସୁହାଇଲା ଭଳି ପଞ୍ଚାୟତିରାଜ ପ୍ରତିନିଧିଙ୍କୁ କମିଟିରେ ସାମିଲ**

କମିଟିରେ ସ୍ଥାନ ଦିଆଯାଇଥିବା ବେଳେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମଙ୍କୁ ବାଦ ଦିଆଯାଇଛି । ଏନେଇ ଶ୍ରୀ ହେମ୍ବ୍ରମ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ରାଜନୈତିକ ଅବିସନ୍ଧି ରଖି ଏହା କରାଯାଇଥିବା ସ୍ପଷ୍ଟ ଅନୁମେୟ । ଡ଼ିଏମଏଫ ବୋର୍ଡର ସଭାପତି ଜିଲ୍ଲାପାଳ ରହିଥିବା ବେଳେ ଏଭଳି ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି । ସେହିପରି ଗୋରୁମହିଷାଣୀ ଲୁହା ଖଣି ଅଞ୍ଚଳର କୁଲେଇଶିଳା ସରପଞ୍ଚ ମିଲିରାଣୀ ମୁଣ୍ଡାଙ୍କୁ ମଧ୍ୟ କମିଟିରୁ ବାଦ ଦିଆଯାଇଛି । ଡ଼ିଏମଏଫ ବୋର୍ଡ ଗାଇଡ ଲାଇନ ଅନୁସାରେ ପୂର୍ବରୁ ଟ୍ରଷ୍ଟି କମିଟିରେ ଖଣି ଅଞ୍ଚଳର ଉଭୟ ବ୍ଲକର ଅଧ୍ୟକ୍ଷ ଏବଂ ସ୍ଥାନୀୟ ସରପଞ୍ଚ ସଦସ୍ୟ ଥିଲେ । ରାଜ୍ୟ ସରକାରଙ୍କ ଏଭଳି ପାତରଅନ୍ତର ନୀତି ଡ଼ିଏମଏଫ ବୋର୍ଡ ଗାଇଡ ଲାଇନ ଓ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧିଙ୍କ କ୍ଷମତାକୁ ସଂକୁଚିତ କରାଯାଉଥିବା ନେଇ ଅଭିଯୋଗ ହେଉଛି ।

# ପାଣିପାଇପ୍ ବିଛା ଯୋଗୁଁ ରାସ୍ତା ହେଉଛି ନଷ୍ଟ



ପାଣିକୋଇଲି,୮ ।୧୧(ସମିସ): ଗ୍ରାମାଞ୍ଚଳରେ ଏବେ ବିଶୁଦ୍ଧ ପାଣି ଯୋଗାଇବା ଲକ୍ଷ୍ୟରେ ପାଇପ୍ ବିଛା କାମ ଚାଲୁ ରହିଛି । ହେଲେ ପାନୀୟ ଜଳ ଯୋଗାଇବା ପାଇଁ ପକାଯାଉଥିବା ପାଇପ୍ ରାସ୍ତା କଡ଼ରେ ନିଆଯାଉଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମକୁ ଯାଇଥିବା ରାସ୍ତାରେ । ଜେସିବି ଦ୍ୱାରା ଗାତ ଖୋଳି ପାଇପ୍ ବିଛାଯାଉଛି । ଫଳରେ ପିଚୁ ରାସ୍ତା କଡ଼ ଭାଙ୍ଗିଯାଉଛି । ରାସ୍ତାର ଉଭୟ ପଟ ଖୋଳି ଦେଇ ପାଇପ୍ ପୂରାଇବା ପରେ ତାକୁ ସମାନ କରାଯାଉନଥିବାରୁ ପିଚୁର ଦୁଇ କଡ଼ରେ ଖାଲ ହୋଇଯାଉଛି । ଯାହା ଫଳରେ ପୂର୍ବରୁ ରାସ୍ତାରେ ଦୁଇଟି ଗାଡ଼ି ଗଲେ ଗୋଟିଏ ଗାଡ଼ି ପିଚୁରୁ ରାସ୍ତା ତଳକୁ ଓହ୍ଲାଇ ଥାଏ । ମାତ୍ର ଏବେ ରାସ୍ତା ତଳକୁ ଗାଡ଼ି ଗଡ଼ିବା ସମ୍ଭବ ହେଉନାହିଁ । ଯାହା ଫଳରେ ଦୂରରୁ ଗାଡି ରଖିବାକୁ ପଡୁଛି । ହେଲେ ଠିକାଦାର ପାଇପ୍ ବିଛା ପରେ ଖାଲକୁ ମରାମତି ନକରି ଛୁ' ମାରିଛି । ଯାହା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପାଣି ପାଇବା ପାଇଁ ରାସ୍ତା ନଷ୍ଟ ହେବା ହେବା କେତେଦୂର ଯଥାର୍ଥ ତାହା ବୁଝାପଡୁନି । ପାନୀୟଜଳ ବିଭାଗ ପକ୍ଷରୁ ଯେଉଁମାନଙ୍କୁ ଠିକା ଦିଆଯାଇଛି ସେମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବାର ଆବଶ୍ୟକତା ରହିଛି । ରାସ୍ତା କଡ ଖୋଳି ଚାଲିଗଲେ ହେବ ନାହି । ଏହାକୁ ମରାମତି କରିବାର ଆବଶ୍ୟକତା ଜରୁରୀ ହୋଇପଡିଛି । ନଚେତ ବଢୁଥିବା ଅସନ୍ତୋଷ ଉଗ୍ର ରୂପ ନେବାର ସମ୍ଭାବନା ରହିଛି । ଏନେଇ କୋରେଇ ପାନୀୟ ଜଳ ବିଭାଗ ସହକାରୀ ଯନ୍ତ୍ରୀ ଖଗେଶ୍ୱର ବେହେରାଙ୍କୁ ପଚାରିବାରୁ ଖୋଳିଥିବା ରାସ୍ତା ପାଶ୍ୱର୍ ମରାମତି କରିବାକୁ ଠିକାଦାର ବାଧ୍ୟ । ସେଥି ପାଇ ମାର୍ଗଦର୍ଶିକା ରହିଛି । ଠିକାଦର ଯଦି ଏହାକୁ ଅମାନ୍ୟ କରନ୍ତି ତାହେଲେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୬ଷ୍ଠ ସନ୍ଧ୍ୟା**

# ଆଧୁନିକ ଓ ଆଦିବାସୀ ନୃତ୍ୟରେ ଝୁମିଲେ ଦର୍ଶକ





ବାରିପଦା, ୮ ।୧୧(ସମିସ): ସ୍ଥାନୀୟ ଭଂଜପୁରଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୬ଷ୍ଠ ସନ୍ଧ୍ୟାରେ ଆଧାର ସ୍କୁଲର କୁନିକୁନି ପିଲାଙ୍କ ନୃତ୍ୟ ପରେ ମୟୂରଭଞ୍ଜ ଆର୍ଟ ଫାଉଣ୍ଡେସନର ବାର ମାସରେ ତେର ପର୍ବ ଉପରେ ପର୍ଯ୍ୟବେକ୍ଷିତ ଲୋକନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ପରେ ମୁଦ୍ରାକଳା ଏକାଡେମୀ ଓ ଶାନ୍ତି ଆର୍ଟ ସ୍କୁଲର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଶେଷରେ ମୟୁରଭଞ୍ଜ ଆଦିବାସୀ ଷ୍ଟୁଡେଣ୍ଟସ ଆସୋସିଏସନ ଦ୍ୱାରା ପରିବେଷିତ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ ଗୀତରେ ଝୁମିଲେ ଦର୍ଶକ । ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୋମନାଥ ସିଂହ, ପ୍ରିତମ ପଣ୍ଡା, ଆଲୋକ ବାରିକ ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ । ଆସନ୍ତାକାଲି ପ୍ରଥମ କାର୍ଯ୍ୟକ୍ରମ ପରିବେଷଣ କରିବେ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ । ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଶେଷରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି ।

# ଗରିବଙ୍କ ପେଟରେ ନାତ ମାରୁଛନ୍ତି ସରକାର: କଂଗ୍ରେସ

ଭୋଗରାଇ, ୮ ।୧୧ (ସମିସ) : ଭୋଗରାଇ ବ୍ଲକରେ ରାସନ କାର୍ଡ ଯାଞ୍ଚ ପାଇଁ ସରକାରୀ ରିପୋର୍ଟ ପ୍ରକାଶ ପାଇବା ପରେ ରାସନ କାର୍ଡରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀ ମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏଭଳି ସ୍ଥିତିରେ ଶନିବାର ଜଳେଶ୍ୱରପୁର କଂଗ୍ରେସ ଭବନରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକଙ୍କ ପୌରହିତ୍ୟରେ ଭୋଗରାଇ ନେତା ତଥା ଜିଲ୍ଲା କଂଗ୍ରେସର ସଭାପତି ସତ୍ୟଶିବ ଦାସ ଉପସ୍ଥିତ ରହି ଡବଲ ଇଞ୍ଜିନ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ରାଜ୍ୟ ସରକାର ସାଧାରଣ ଲୋକଙ୍କ ରାସନ କାର୍ଡ ବିଧିବଦ୍ଧରେ ତଦନ୍ତ ନ କରି କାଟିଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି । ଭୋଗରାଇ ବ୍ଲକ ୫୦ଟି ପଞ୍ଚାୟତରେ ୪୬୮୨୦ ରେସନ କାର୍ଡ ହିତାଧିକାରୀ ଅଯୋଗ୍ୟ ଚିହ୍ନଟ ହୋଇଥିବା ସରକାରଙ୍କ ରିପୋର୍ଟ ପ୍ରକାଶ ପାଇଛି । ରାସନ୍ କାର୍ଡ ସିଷ୍ଟମ ତଥ୍ୟ ଅନୁଯାୟୀ ଯେଉଁ ମାନେ ସରକାରଙ୍କ ମଣ୍ଡିରେ ଧାନ ବିକ୍ରି ପାଇଁ ୨,୪୭ ହେକ୍ଟର ବା ଏକରରୁ ଉର୍ଦ୍ଧ୍ୱ ଜମି ଦର୍ଶାଇଥିବେ, ଆୟକର ଦେଉଥିବା ବ୍ୟକ୍ତି,ଚାରି ଚକିଆ ଗାଡ଼ି ଥିବ, ତିନି ବଖରାରୁ ଅଧିକ ଘର ଥିବ, ପେନସନ ଧାରା ଆଦି ମୋଟ ୨୫ଟି ନିୟମ ଆଧାରରେ ଭୋଗରାଇ ବ୍ଲକରେ ଥିବା ୫୦ ଗୋଟି ପଞ୍ଚାୟତରେ ମୋଟ ୪୬ ହଜାର ୮୨୦ ଜଣଙ୍କ ଅଯୋଗ୍ୟ ରସନ କାର୍ଡ ଚିହ୍ନଟ ହୋଇଛି । ବ୍ଲକରେ ମୋଟ ୬୭ ହଜାର ୯୨ଟି ରାସନ କାର୍ଡ ଥିବାବେଳେ ସେଥିମଧ୍ୟରୁ ୪୬ ହଜାର ୮୨୦ ହିତାଧିକାରୀ କାର୍ଡକୁ ନେଇ ତଦନ୍ତ ହେବ ବୋଲି ତାଲିକାରେ ଉଲ୍ଲେଖ ରହିଛି । ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, ସରପଂଚ ମମତା ସାହୁ, ମୀନାରାଣୀ ସୁର, ରାଜେନ୍ଦ୍ର ଦଳେଇ, ଶମ୍ଭୁନାଥ ମାଝୀ, ରାଧା ବିନୋଦ ଦାସ, ରାଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ ।

# 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ରିଲିଜ୍

ଆଗାମୀ ନୂଆ ଓଡ଼ିଆ ସିନେମା 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ଲଞ୍ଚ୍ ହୋଇଛି । ଏହି ସିନେମା କେବଳ ଏକ ମେଶିନ୍ ଉପରେ ନୁହେଁ, ଏହା ମଧ୍ୟରେ ରହିଛି ଭାବନା, ନିଶା ଓ ମଣିଷ ଏବଂ ବାଇକ୍ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ । ଏହି ଫିଲ୍ମର ନିର୍ଦ୍ଦେଶନାରେ ଅଶ୍ୱିନୀ ତ୍ରିପାଠୀ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଝୁନି ଲତା ବିଶ୍ୱାଳ । ସେହିପରି ସିନେମାର ଏକ୍‌ଜିକ୍ୟୁଟିଭ୍ ପ୍ରଡ୍ୟୁସର ଅଛନ୍ତି ପ୍ରେରଣା ପ୍ରତୀକ୍ଷା । କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଦକ୍ଷ ଯୁଗଳ ଶିବା ଏବଂ ପ୍ରଣବ । ଜ୍ୟୋତି ନାୟକ, ଅଭିଷେକ ପଣ୍ଡା, ପ୍ରୀତି, କୁନା ତ୍ରିପାଠୀ, ପୃଥ୍ୱୀରାଜ, ଆଲିଶା, ସୁଶାନ୍ତ ଦାସ ମହାପାତ୍ର, ଟୁକୁନା ଷ୍ଟାଇଲିଶ୍, ଭକ୍ତି, ଅମର, ରବି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତରେ ଅଛନ୍ତି ସୋମେଶ ସତପଥୀ । ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦା ଓ ଗୋବିନ୍ଦ ଚନ୍ଦ୍ର । ତେବେ 'ମୋଟର ସାଇକଲ' କେବଳ ଏକ ସିନେମା ନୁହେଁ, ଏହା ହେଉଛି ଭାବନା, ସଂଘର୍ଷ ଓ ସ୍ୱପ୍ନର ଯାତ୍ରା ବୋଲି ଫିଲ୍ମର ଟିମ୍ କହିଛି । ଅନନ୍ୟ ଥିମ୍ ଓ ଶକ୍ତିଶାଳୀ ଉପସ୍ଥାପନା ସହିତ 'ମୋଟର ସାଇକଲ' ଓଡ଼ିଆ ଦର୍ଶକଙ୍କ ହୃଦୟ ଜିତିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି । ■



# ଅଲଗା ହେବେ ନିଲ୍- ଐଶ୍ୱର୍ଯ୍ୟା


ଟେଲିଭିଜନର ଲୋକପ୍ରିୟ ଷ୍ଟାର୍ ଦମ୍ପତି ନିଲ୍ ଭଟ୍ଟ ଏବଂ ଐଶ୍ୱର୍ଯ୍ୟା ଶର୍ମାଙ୍କ ମଧ୍ୟରେ କିଛି ଠିକ୍ ନ ଥିବା କୁହାଯାଉଛି । ଏହାରି ଭିତରେ ଦୁହିଁଙ୍କ ଛାଡ଼ପତ୍ର ଖବର ସାମ୍ନାକୁ ଆସିଛି । ହେଲେ ଏ ସମ୍ପର୍କରେ ନିଲ୍ କିମ୍ବା ଐଶ୍ୱର୍ଯ୍ୟା କିଛି କହି ନାହାନ୍ତି । ତେବେ ଛାଡ଼ପତ୍ର ନିହାତି ହେବା ଚର୍ଚ୍ଚା ଜୋର୍ ଧରିଛି । ଦୀର୍ଘ ଦିନ ହେବ ଦୁହେଁ ଅଲଗା ରହୁଛନ୍ତି । ଏପରିକି ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ସେମାନେ ପରସ୍ପରଠାରୁ ଅଲଗା ହୋଇପାରନ୍ତି । ଏ ଦୁହିଁଙ୍କ ମଧ୍ୟରେ କେଉଁ କାରଣ ପାଇଁ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି କିମ୍ବା ମନୋମାଳିନ୍ୟ ଦେଖା ଦେଇଛି, ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ । ନୀଲ ଏବଂ ଐଶ୍ୱର୍ଯ୍ୟା ପ୍ରଥମଥର ପାଇଁ 'ଗୁମ୍ ହେଁ କିସି କେ ପ୍ୟାର୍ ମେଁ'ରେ ପରସ୍ପରକୁ ଜାଣିଥିଲେ ଏବଂ ପ୍ରେମ ସମ୍ପର୍କରେ ରହିଥିଲେ । ପରବର୍ତ୍ତୀ ସମୟରେ ଦୁହେଁ ୨୦୨୧ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଅନ୍ୟପଟେ ଦୁହେଁ 'ସ୍ମାର୍ଟ ଯୋଡ଼ି' ଏବଂ 'ବିଗ୍‌ବସ୍ ୧୭' ରେ ବି ନଜର ଆସିଛନ୍ତି । ■



## ପରଦା ପଛର କାହାଣୀ

# ଦର୍ଶକଙ୍କୁ କନ୍ଦାଇ ଥିଲା କ୍ଲାଇମାକ୍ସ ଦୃଶ୍ୟ

ବଲିଉଡ୍‌ରେ ହରର, କମେଡ଼ି ଓ ପାରିବାରିକ କାହାଣୀକୁ ନେଇ ଅନେକ ଫିଲ୍ମ ତିଆରି ହୋଇଛି । ସେଥିମଧ୍ୟରେ କିଛି ଫିଲ୍ମ ଥାଏ, ଯାହା ଦର୍ଶକଙ୍କୁ ଭାବପ୍ରବଣ କରିଦିଏ । ସେମିତି ଏକ ଫିଲ୍ମ ହେଉଛି 'କଲ୍ ହୋ ନା ହୋ' । ଶାହରୁଖ୍ ଖାନ୍ ଓ ପ୍ରୀତି ଜିଣ୍ଟା ଅଭିନୀତ ଏହି ଫିଲ୍ମ ୨୦୦୩ରେ ମୁକ୍ତିଲାଭ କରିଥିଲା । ଫିଲ୍ମର କାହାଣୀ ଦର୍ଶକଙ୍କୁ ଭାବବିହ୍ୱଳ କରିବା ସହ ବକ୍ସ ଅଫିସ୍‌ରେ ଧମାଲ୍ କରିଥିଲା । ଫିଲ୍ମରେ ସୈଫ୍ ଅଲ୍ଲୀ ଖାନ୍ ସହ କଳାକାର ଭାବେ ଅଭିନୟ କରିଥିଲେ । ଏହା ବ୍ୟତୀତ ଜୟା ବଚ୍ଚନ, ସୁଷମା ସେଠ୍, ଡେଲନାଜ୍ ପାଲ୍ ପ୍ରମୁଖ କଳାକାର ଏହି ଫିଲ୍ମରେ ନଜର ଆସିଥିଲେ । ଏହା ଏକ ଇମୋସନାଲ୍ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ ଭାବେ ଜଣାଶୁଣା । ଏହାର କାହାଣୀ ନ୍ୟୁୟର୍କର ଝିଅ ନୈନା ଉପରେ ଆଧାରିତ । ନୈନାଙ୍କ ଜୀବନ ନିରସ ଓ ଅବସାଦପୂର୍ଣ୍ଣ ଥିଲା । ପିତାଙ୍କ ମୃତ୍ୟୁପରେ ଘରର ସମସ୍ତ ଦାୟିତ୍ୱ ମାଆ ଜେନିଫର୍ ଓ ନୈନାଙ୍କ ଉପରେ ପଡ଼ିଥିଲା । ତାଙ୍କ ଜେଜେ ମାଆ ଓ ମାଆଙ୍କ ମଧ୍ୟରେ ସର୍ବଦା ଝଗଡ଼ା ଲାଗି ରୁହେ । ସେଥିପାଇଁ ପରିବାରରେ ଖୁସି ଯେମିତି ହଜି ଯାଇଥିଲା । ଏହାରି ମଧ୍ୟରେ ଜଣେ ଖୁସ୍ ମିଜାଜ୍ ପଡ଼ୋଶୀ ଅମନ ମାଥୁର ଆସନ୍ତି । ତାଙ୍କର ହସ ଓ ସକାରାତ୍ମକ କଥାରେ ଧୀରେ ଧୀରେ ସମସ୍ତଙ୍କ ଜୀବନରେ ପରିବର୍ତ୍ତନ ହୋଇଛି । ସେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ଜାଣନ୍ତି । ଅମନଙ୍କ ପାଇଁ ନୈନାଙ୍କ ପରିବାର ପୁଣି ଥରେ ଏକାଠି ହୋଇଯାନ୍ତି । ଏହାରି ଭିତରେ ଧୀରେ ଧୀରେ ଅମନଙ୍କୁ ନୈନା ଭଲ ପାଇ ବସନ୍ତି । ହେଲେ ଅମନ ସମସ୍ତଙ୍କଠାରୁ ଗୋଟିଏ କଥା ଗୋପନ ରଖିଥିଲେ । ସେ ଗମ୍ଭୀର ହୃଦ୍‌ରୋଗରେ ପୀଡ଼ିତ ଥିଲେ । ତେଣୁ ସେ ମାତ୍ର କିଛିଦିନର ଅତିଥି ଥିଲେ । ତେଣୁ ସେ ଚାହୁଁ ନଥିଲେ ନୈନା ତାଙ୍କ ଅନୁପସ୍ଥିତିର ଯନ୍ତ୍ରଣାକୁ ଅନୁଭବ କରନ୍ତୁ ବୋଲି । ଏଥିପାଇଁ ସେ ନୈନାଙ୍କୁ ତାଙ୍କ ସାଙ୍ଗ ରୋହିତଙ୍କ ସହ ଯୋଡ଼ିବାକୁ ଚେଷ୍ଟା କରୁଥିଲେ । ଫିଲ୍ମର କ୍ଲାଇମାକ୍ସ ଦୃଶ୍ୟ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ପ୍ରେକ୍ଷାଳୟରେ ଦର୍ଶକଙ୍କ ଆଖି ଲୁହରେ ଭିଜି ଯାଇଥିଲା । ଏହି ଫିଲ୍ମର ଟାଇଟଲ୍ ଗୀତ 'କଲ୍ ହୋ ନା ହୋ...' ଜୀବନର ବାସ୍ତବ ଅର୍ଥକୁ ପ୍ରଦର୍ଶିତ କରାଇଛି । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି । ଏହା ଶାହରୁଖ୍ ଖାନ୍‌ଙ୍କ ଜୀବନର ବେଷ୍ଟ ଫିଲ୍ମ ମଧ୍ୟରୁ ଅନ୍ୟତମ । ■



# 'ତୁ ଖରା ମୁଁ ଛାଇ' ୯୦୦

ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଥିବା ଓ ଦର୍ଶକଙ୍କ ଅଜସ୍ର ଭଲ ପାଇବା ସାଉଁଟିଥିବା ଧାରାବାହିକ 'ତୁ ଖରା ମୁଁ ଛାଇ' ୯୦୦ ତମ ଅଧ୍ୟାୟରେ ପହଞ୍ଚିଛି । ଏହି ଧାରାବାହିକର କାହାଣୀ ଅଢ଼େଇ ବର୍ଷ ତଳେ ଦୁଇ ମୁଖ୍ୟ ଚରିତ୍ର ଏଜେ ଓ ମାନିନୀଙ୍କୁ ନେଇ ଆରମ୍ଭ ହୋଇଥିଲା । ୨୦୨୪ ଡିସେମ୍ବରରୁ କାହାଣୀରେ ଆସିଥିଲା ନୂଆ ମୋଡ଼ । ଯେଉଁଥିରେ ଏଜେ ଓ ମାନିନୀ ମୃତ୍ୟୁ ପରେ ଜନ୍ମ ନେଇଛନ୍ତି ଅଭି ଓ ମାନି ରୂପରେ । ଆରମ୍ଭରୁ ଦୁଇ ଜଣ ପୂର୍ବଜନ୍ମର ଜୀବନସାଥୀ ବୋଲି ଜାଣି ପାରୁନଥିଲେ । ହେଲେ ସମୟ କ୍ରମେ ଦୁଇ ଜଣ ପୁଣି ପରସ୍ପରକୁ ଭଲ ପାଇଛନ୍ତି । କାହାଣୀରେ ଖଳନାୟକ ରୂପରେ ଆସିଛି ରାଘବ, ଯିଏ ଅଭିର ବଡ଼ ଭିଣୋଇ । ତା'ର ଲକ୍ଷ୍ୟ ହେଉଛି ନିଜ ଶଳାର ସମସ୍ତ ଧନ ସମ୍ପତ୍ତି ଉପରେ । ସେଥିପାଇଁ ଅଭି ଓ ମାନିର ବାହାଘରରେ କଣ୍ଟା ସାଜିଛି । ସବୁ ଚକ୍ରାନ୍ତକୁ କାଟି ଦୁଇ ଜଣ ସାଜିଛନ୍ତି ଜୀବନସାଥୀ ଓ ଧରାପଡ଼ି ଯାଇଛି ରାଘବ ସମ୍ପତ୍ତି ପାଇଁ ସମସ୍ତ ଖେଳ । ତେବେ ସହଜ ନଥିଲା ଏହି ଯାତ୍ରା ଓ ଆଗକୁ ଆହୁରି କଠିନ ହୋଇଛି ସେମାନଙ୍କ ଜୀବନ ଯାତ୍ରା । କାରଣ ରଞ୍ଜିତ ରୂପରେ ପୁଣି ଫେରିଛି ରାଘବ ଓ ପୁଣି ନିଜ ଚକ୍ରାନ୍ତ ଆରମ୍ଭ କରିଛି । ଏପରିକି ଅଭିର ବନ୍ଧୁ ଦିଶାକୁ ଅଭି ଜୀବନରେ ଆଣିବାକୁ ଚେଷ୍ଟା କରିଛି । ତେବେ କିପରି ଅଭି ଓ ମାନି ପୁଣି ରାଘବକୁ ଦେବେ ଶାସ୍ତି ? କ'ଣ ହେବ ଦିଶାର ? ଅଭିର ଭଉଣୀ କ'ଣ ଜାଣିପାରିବ ରାଘବକୁ ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ 'ତୁ ଖରା ମୁଁ ଛାଇ'ର ଆଗକୁ ଆସୁଥିବା ବିଭିନ୍ନ ଅଧ୍ୟାୟରେ । ଅନ୍ୟପଟେ ଏହି ଧାରାବାହିକ ନୂତନ ପିଢ଼ିର ଜୀବନ ଭିତରେ ଆସୁଥିବା ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା କାହାଣୀ ଉପରେ ଆଧାରିତ । ■



# ୧୦ ବର୍ଷ ପରେ ଇମରାନଙ୍କ ଲେଉଟାଣି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଇମରାନ ଖାନ୍‌ଙ୍କୁ ୨୦୧୫ ମସିହାରେ 'କଟ୍ଟିବଟ୍ଟି' ସିନେମାରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା । ଏହା ପରେ ସେ ଆଉ କୌଣସି ସିନେମାରେ ନଜର ଆସି ନାହାନ୍ତି । ତେବେ ଏବେ ଦୀର୍ଘ ୧୦ ବର୍ଷ ପରେ ପୁଣି ଏକ ନୂଆ ସିନେମା ମଧ୍ୟରେ ସେ ବଲିଉଡ୍‌କୁ ପ୍ରତ୍ୟାବର୍ତ୍ତନ କରିବେ । ଅବଶ୍ୟ ସିନେମା ଶୀର୍ଷକ ତଥା ରିଲିଜ୍ ତାରିଖ ସମ୍ପର୍କରେ କିଛି ସୂଚନା ପ୍ରଦାନ କରାଯାଇ ନାହିଁ । ହେଲେ ଆଗାମୀ ନୂଆ ସିନେମାରେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ଭୂମି ପେଡନେକରଙ୍କୁ ଦେଖିବାକୁ ମିଳିବ । ଫିଲ୍ମର କାହାଣୀ ରୋମାଣ୍ଟିକ-କମେଡି ଉପରେ ଆଧାରିତ । ତେଣୁ ଏହି ସିନେମାରେ ଭୂମି ଓ ଇମରାନଙ୍କ ଅନସ୍କ୍ରିନ୍ ରୋମାନ୍ସ ଦେଖିବାକୁ ମିଳିବ । ସିନେମାର ନିର୍ଦ୍ଦେଶନାରେ ଦାନିଶ ଅସଲମ ଅଛନ୍ତି । ୨୦୨୬ ମସିହା ଆରମ୍ଭରେ ଏହାକୁ ରିଲିଜ୍ କରିବା ଲକ୍ଷ୍ୟ ରଖାଯାଇଛି ।

## ଇଣ୍ଡିଆନ୍ ଆଇଡଲ

# ଟପ୍ -୧୬ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ

ଅକ୍ଟୋବର ୧୮ ରୁ ଆରମ୍ଭ ହୋଇଛି ସୋନି ଟିଭିର ଲୋକପ୍ରିୟ ସଂଗୀତ ଭିତ୍ତିକ ରିଆଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ସିଜନ -୧୬ । ଏଥର ଏହି ଶୋ'ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକଙ୍କ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଛି । ଏପରିକି ଟପ୍-୧୬ ପ୍ରତିଯୋଗୀଙ୍କ ମଧ୍ୟରେ ଭୁବନେଶ୍ୱରର ଜ୍ୟୋତିର୍ମୟୀ ସାମିଲ ଅଛନ୍ତି । ଏନେଇ ସେ ଖୁବ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ନିଜର ଫଟୋ ସେୟାର୍ କରି ଏ ସମ୍ପର୍କରେ ଜଣାଇଛନ୍ତି । ତା'ସହ ମହାପ୍ରଭୁ ଜଗନ୍ନାଥ, ପରିବାର ଓ ଗୁରୁଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ ଉଲ୍ଲେଖ କରିଛନ୍ତି । ଦର୍ଶକଙ୍କର ଏମିତି ଭଲପାଇବା ଓ ଆଶୀର୍ବାଦ ଆଗକୁ ତାଙ୍କୁ ମିଳିବ ବୋଲି ସେ କାମନା କରିଛନ୍ତି । ଅଡିସନ୍‌ରୁ ଆରମ୍ଭ କରି ଥିଏଟର ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ତାଙ୍କ ଗୀତ ମାଧ୍ୟମରେ ଶୋ'ର ବିଚାରକ ଶ୍ରେୟା ଘୋଷାଲ, ବିଶାଳ ଦଦଲାନୀ ଏବଂ ବାଦଶାହ ବଟୌରଙ୍କ ମନ ଜିଣିପାରିଛନ୍ତି । ଆଗକୁ ମଧ୍ୟ ସେ ନିଜ ଗୀତ ମାଧ୍ୟମରେ ସମସ୍ତଙ୍କ ହୃଦୟ ଜିଣିବା ଆଶା ରଖିଛନ୍ତି । ଅନ୍ୟପଟେ ଏହି ନୂଆ ସିଜନ୍‌ର ଥିମ୍ ରଖାଯାଇଛି 'ୟାଦୋଁ କି ପ୍ଲେଲିଷ୍ଟ' । ■




## ସାକ୍ଷାତକାର

# 'ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ'



**ପ୍ରୀତି ବିଶ୍ୱାଳ, ଅଭିନେତ୍ରୀ**

ସେ ଜଣେ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ । ପିଲାଟି ଦିନରୁ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ ପାଇଁ ସେ ଅନେକ ସ୍ଥାନରୁ ସମ୍ମାନିତ ମଧ୍ୟ ହୋଇଛନ୍ତି । ତାଙ୍କ ମା' ଜଣେ ମଞ୍ଚ ଅଭିନେତ୍ରୀ ଥିଲେ । ମା'ଙ୍କ ପରି ଅଭିନେତ୍ରୀ ହେବାକୁ ଆଗ୍ରହ କରି ଅଡିସନ୍ ଦେଇଥିଲେ କଟକ ପ୍ରତାପନଗରୀର ପ୍ରୀତି ବିଶ୍ୱାଳ । ଫିଲ୍ମ 'ଡଟ୍‌ପେନ୍' ହେଉଛି ତାଙ୍କର ଡେବ୍ୟୁ ସିନେମା । ଏବେ ସେ 'ମୋଟର ସାଇକଲ' ଫିଲ୍ମ ସୁଟିଂରେ ବ୍ୟସ୍ତ ଅଛନ୍ତି । ଚମତ୍କାର ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟକୁ ଜିଣୁଛନ୍ତି । ଭବିଷ୍ୟତରେ ନୃତ୍ୟକଳା କ୍ଷେତ୍ରରେ ସେ ପାରଦର୍ଶିତା ଦେଖାଇବେ ନା ଜଣେ ଅଭିନେତ୍ରୀ ଭାବେ ଦର୍ଶକଙ୍କ ମନୋରଞ୍ଜନ କରିବେ ଜାଣିବା ତାଙ୍କ ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଲେ ?**

- ପିଲାବେଳେ ଓଡ଼ିଶୀ ନୃତ୍ୟ କରୁଥିଲି । ଧୀରେ ଧୀରେ ଏହି ନୃତ୍ୟରେ ଆଗକୁ ବଢ଼ିଲି । ଦେଶ ବିଦେଶରେ ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ଭାଗ ନେଇଛି । ପ୍ରଶଂସିତ ହୋଇଛି ମଧ୍ୟ । ସମୟକ୍ରମେ ଓଡ଼ିଶୀ ନୃତ୍ୟ ସହିତ ଜଣେ ଅଭିନେତ୍ରୀ ହେବାକୁ ମନ ବଳାଇଲି । ଏଥିପାଇଁ ଏକାଧିକ ଥର ଅଡିସନ୍ ଦେଇଥିଲି । ହେଲେ ଅଶ୍ୱିନୀ ସାର୍‌ଙ୍କ 'ଡଟପେନ୍' ସିନେମା ପାଇଁ ମୁଁ ମନୋନୀତ ହେଲି । ସିନେମାରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଲି । ମୋ ବିପକ୍ଷରେ ଥିଲେ ନାୟକ ଜ୍ୟୋତି । ଏହାରି ଭିତରେ ରମେଶ ରାଉତ ସାର୍‌ଙ୍କ 'କାନ୍ ତରାଟି'ରେ ଅଭିନୟ କରିଛି । ଏହି ସିନେମାଟି ଏବେ ସୁଦ୍ଧା ରିଲିଜ୍ ହୋଇନି । ତେବେ ସୌଭାଗ୍ୟବଶତଃ ଅଶ୍ୱିନୀ ସାର୍ ତାଙ୍କର ଅପକମିଂ ସିନେମା 'ମୋଟର ସାଇକଲ'ରେ ମୁଖ୍ୟ ନାୟିକା ଭାବେ କାମ କରିବାକୁ ମୋତେ ସୁଯୋଗ ଦେଇଛନ୍ତି । ଏଥିରେ ମୋ ସହିତ ଅଛନ୍ତି ଜ୍ୟୋତି ଏବଂ ଅଭିଷେକ । ତେଣୁ ଫିଲ୍ମର ପୂରା ଟିମ୍‌କୁ ହୃଦୟରୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

**'ମୋଟର ସାଇକଲ' ସିନେମା ବିଷୟରେ କିଛି କୁହନ୍ତୁ?**

- ଯୌତୁକ ନେବା ବା ଦେବା ଆଇନଗତ ଅପରାଧ । ତଥାପି ଆମ ସମାଜରେ ଲୋକେ ଯୌତୁକ ନେବାଦେବା ଜାରି ରଖିଛନ୍ତି । ଏହା ଫଳରେ ଅନେକ କନ୍ୟାପିତା ଅକଥନୀୟ ଅତ୍ୟାଚାରର ଶିକାର ହେଉଛନ୍ତି । ତେଣୁ ମୋଟର ସାଇକଲ ଜରିଆରେ ଗୋଟେ ଝିଅ କିପରି ତା' ପିତାଙ୍କୁ ସମର୍ଥନ କରୁଛି ତାହା ଦେଖିବାକୁ ମିଳିବ । ଏଥିରେ ମୋ ନାଁ ହୋଇଛି କାବେରୀ । ବହୁତ ସରଳ, ସାଧାସିଧା ଝିଅଟେ । ତେବେ ସିନେମା ରିଲିଜ୍ ପରେ ଦର୍ଶକ ଅନେକ ଟ୍ୱିଷ୍ଟ ଦେଖିବାକୁ ପାଇବେ ।

**ପ୍ରୀତିଙ୍କର ଡ୍ରିମ୍ ରୋଲ?**

- ସିନେମାରେ କାମ କରିବା ପୂର୍ବରୁ ଯେମିତି ଚରିତ୍ର ଚାହୁଁଥିଲି ତାହା ମୋତେ 'ଡଟପେନ୍'ରେ ମିଳିଥିଲା । ଏଥିରେ ବି ଜଣେ ସାଧାସିଧା ଝିଅର ଭୂମିକାରେ ଅଭିନୟ କରିଛି । ତେବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏ ଲାଇନ୍‌ରେ ଥିବା ଯାଏଁ ଭଲ ଭଲ ଚରିତ୍ରରେ ମୁଁ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାକୁ ଚେଷ୍ଟା କରିବି ।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

- ବର୍ତ୍ତମାନ ମୁଁ ସ୍ନାତକରେ ପଢୁଛି । ପଢ଼ା ସହିତ ନୃତ୍ୟ ଆଉ ଅଭିନୟକୁ ଗୁରୁତ୍ୱ ଦିଏ । ଏବେ ଯେହେତୁ ସିନେମାରେ କାମ କରୁଛି । ତେଣୁ ଅଭିନୟକୁ ମାର୍ଜିତ କରିବାକୁ ଘରେ ଦର୍ପଣ ଆଗେ ଅଭ୍ୟାସ କରେ । ନିଜେ ନିଜେ ସ୍କ୍ରିପ୍ଟ ଲେଖି ଅଭ୍ୟାସ କରେ । ଖବରକାଗଜ ପଢ଼ା ଅଭ୍ୟାସ କରେ । ସିନେମାର ସମସ୍ତ ଚରିତ୍ରକୁ ଅନୁଶୀଳନ କରେ । ଗୋଟିଏ ସିନେମାରେ କାମ କରିବା ପୂର୍ବରୁ ମୋତେ ଯେଉଁ ଚରିତ୍ର ମିଳିଛି ତାହାକୁ ମୁଁ କେମିତି ଠିକ୍ ଫୁଟାଇ ପାରିବି ତା' ଉପରେ ଗୁରୁତ୍ୱ ଦିଏ । ପଢ଼ାରେ କେବେ ହେଳା କରେନି ।

**ଭବିଷ୍ୟତରେ ଅଭିନୟ ନା ଓଡ଼ିଶୀ ନୃତ୍ୟକୁ ନେଇ ଆଗକୁ ବଢ଼ିବେ ?**

- ନୃତ୍ୟ ଆଉ ଅଭିନୟ ଦୁଇଟା ମୋ' ଜୀବନ । କାହାକୁ ଛାଡ଼ି ପାରିବିନି । ତେଣୁ ଅଭିନୟ ଜାରି ରହିବ । ଦର୍ଶକଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ କଠିନ ପରିଶ୍ରମ କରିବି । ସେମିତି ନୃତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରୟାସ ଜାରି ରହିବ ।

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ନିଜ କାମକୁ ଭଲ ପାଆନ୍ତୁ । ନିଜକୁ ଗ୍ରୁମ୍ କରନ୍ତୁ । ଅଡିସନ୍ ଦେବାକୁ ଯାଉଥିଲେ ନିଜକୁ ଭଲ ଭାବେ ପ୍ରସ୍ତୁତ କରନ୍ତୁ । ଯାହାବି ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଭଲ କରିବାକୁ ଚେଷ୍ଟା କରନ୍ତୁ । ■

## ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ଟି-୨୦ ବାତିଲ

# ୨-୧ରେ ସିରିଜ ହାତେଇଲା ଭାରତ



ଅଭିଷେକ ସିରିଜ୍‌ର ଶ୍ରେଷ୍ଠ ଖେଳାଳି

**ବ୍ରିସ୍‌ବେନ୍,୮।୧୧ (ଏଜେନ୍ସି):** ଅଷ୍ଟ୍ରେଲିଆ ମାଟିରେ ଆଜି ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ବିଜୟୀ ହୋଇଛି। ଏହା ଫଳରେ ୨୦୦୮ ପରଠାରୁ ଭାରତ ଘରୋଇ ଅଷ୍ଟ୍ରେଲିଆ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍‌ରେ ପରାଜିତ ହୋଇନାହିଁ। ଅନ୍ୟ ପକ୍ଷରେ ୨୦୨୨ ପରଠାରୁ ଅଷ୍ଟ୍ରେଲିଆ ଖେଳିଥିବା ୪ଟି ସିରିଜ୍ ମଧ୍ୟରୁ ୩ଟିରେ ପରାଜିତ ହୋଇଛି। ଆଜି ଏଠାରେ ୫ମ ତଥା ଶେଷ ମ୍ୟାଚ୍ ଖେଳାଯିବାର ଥିଲା। ଏହି ମ୍ୟାଚ୍‌ଟି ୪.୫ ଓଭର ଖେଳ ହେବାପରେ ଘଡଘଡ଼ି ଓ ବର୍ଷା ଯୋଗୁଁ ଆଉ ସମ୍ଭବ ହୋଇ ନ ହେବାରୁ ବାତିଲ କରାଯାଇଥିଲା। ଏହା ଫଳରେ ଏହି ସିରିଜ୍‌ରେ ୨ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। କାନବେରାରେ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଥିଲା। ଖେଳ ହୋଇଥିବା ୩ଟି ମ୍ୟାଚ୍ ମଧ୍ୟରୁ ଭାରତ ୨ଟିରେ ଓ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍ ଜିତିଥିଲା। ଭାରତ ଏହି ସିରିଜ୍‌କୁ ୨-୧ରେ ଜିତିନେଇଥିଲା। ଏହି ସିରିଜ୍‌ରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ଭାରତର ବାମହାତୀ ଯୁବ ଓପନର ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ରେ ସେ ଗୋଟିଏ ଅର୍ଦ୍ଧଶତକ ସହ ୧୬୩ ରନ୍ କରିଥିଲେ। ଏହା ପରେ ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ଟି-୨୦ ସିରିଜ୍ ଖେଳିବ। ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରୁ ଏହି ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ।

### ବାଧା ପାଇଲା ଦ୍ୱିତୀୟ ମ୍ୟାଚ୍

ବ୍ରିସ୍‌ବେନ୍‌ର ଗାବ୍ବା ଷ୍ଟାଡିୟମ୍‌ରେ ଆଜି ଖେଳାଯିବାକୁ ୫ମ ତଥା ଶେଷ ଟି-୨୦ରେ ଅଷ୍ଟ୍ରେଲୀୟ ଅଧିନାୟକ ମିଚେଲ ମାର୍ଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଲାଗି ଭାରତକୁ ଆମନ୍ତ୍ରଣ କରିଥିଲେ। ଏହି ପିଚ୍ ଗ୍ରୀନ୍ ଥିଲା ଓ ବୋଲିଂ ଲାଗି ଅନୁକୂଳ ହେବ ବୋଲି ଆଶା କରିଥିଲେ ମାର୍ଶ। କିନ୍ତୁ ଭାରତ ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ୪.୫ ଓଭରରେ ୫୨ ରନ୍ କରିବା ଫଳରେ ଏଠାରେ ବ୍ୟାଟିଂ କରିବା କଷ୍ଟକର ହେବ ନାହିଁ ବୋଲି ଦର୍ଶାଇଥିଲେ। ମାତ୍ର ୨୧ ମିନିଟ୍‌ର ଖେଳ ପରେ ଜୋରରେ ଘଡ଼ଘଡ଼ି ହୋଇଥିଲା। ଫଳରେ ପଡ଼ିଆ ବାହାରକୁ ଖେଳାଳି ଓ ଅମ୍ପାୟାର ଓ କର୍ମକର୍ତ୍ତାମାନେ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ପ୍ରବଳ ବର୍ଷା ହୋଇଥିଲା। ଏଠାରେ ଡ୍ରେନେଜ ସିଷ୍ଟମ ବିଶ୍ୱରେ ସବୁଠାରୁ ଭଲ ଥିଲେ ମଧ୍ୟ ଏତେ ପରିମାଣରେ ବର୍ଷା ହେବାରୁ ପଡ଼ିଆ ଖରାପ ହୋଇଯାଇଥିଲା ଓ ଖେଳକୁ ବାତିଲ କରିବାକୁ ପଡ଼ିଥିଲା। ଏହି ସମୟ ବେଳକୁ ଶୁବମନ ଗିଲ୍ ୧୬ ବଲ୍‌ରେ ୬ଟି ଆକର୍ଷଣୀୟ ଚୌକା ସହ ୨୯ ରନ୍ କରିଥିଲେ। କିନ୍ତୁ ଅଭିଷେକ ଶର୍ମାଙ୍କର ଦୁଇଟି କ୍ୟାଚ୍ ଡ୍ରପ୍ ହୋଇଥିଲା। ପ୍ରଥମ ଓଭରରେ ଗ୍ଲେନ୍ ମ୍ୟାକ୍ସୱେଲ ଓ ଦ୍ୱିତୀୟ ମ୍ୟାଚ୍ ଜାଭିୟର ବାର୍ଟଲେଟ ଛାଡିଦେଇଥିଲେ। ଏଥିରୁ ଫାଇଦା ଉଠାଇ ଅଭିଷେକ ଗୋଟିଏ ଚୌକା ଓ ଗୋଟିଏ ଛକା ସହ ୧୩ ବଲ୍‌ରୁ ୨୩ ରନ୍ କରିଥିଲେ। ଏହା ପୂର୍ବରୁ କାନବେରାରେ ଖେଳାଯାଇଥିବା ମ୍ୟାଚ୍ ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ମଧ୍ୟ ଭାରତ ପ୍ରଥମେ ବ୍ୟାଟିଂ କରି ୯.୪ ଓଭରରେ ୨ ୱିକେଟ ହରାଇ ୯୭ ରନ୍ କରିଥିଲାବେଳେ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଏହା ପରେ ମେଲବୋର୍ଣ୍ଣରେ ଖେଳାଯାଇଥିବା ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତିନେଇଥିଲା। ହୋବାର୍ଟ ଓ ଗୋଲ୍ଡକୋଷ୍ଟର କାରାରା ଓଭାଲରେ ଭାରତ ବିଜୟୀ ହୋଇ ୨-୧ରେ ଅଗ୍ରଣୀ ରହିଥିଲା। ୫ମ ମ୍ୟାଚ୍ ବାତିଲ ହେବା ପରେ ସମାନ ବ୍ୟବଧାନରେ ଭାରତ ବିଜୟୀ ହୋଇଥିଲା।

### ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ମୁକାବିଲା

ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଆଉ ଦୁଇଟି ସିରିଜ୍ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଘରୋଇ ମାଟିରେ ଡିସେମ୍ବର ୯ରୁ ଆରମ୍ଭ ହେବ। କଟକର ବାରବାଟୀରେ ଏହି ମୁକାବିଲା ଖେଳାଯିବ। ଏହା ପରେ ଡିସେମ୍ବର ୧୧ରେ ପଞ୍ଜାବର ମୁଲାନପୁରରେ ଦ୍ୱିତୀୟ, ୧୪ରେ ତୃତୀୟ ମ୍ୟାଚ ହିମାଚଳ ପ୍ରଦେଶର ଧର୍ମଶାଳା, ୧୭ରେ ଚତୁର୍ଥ ମ୍ୟାଚ୍ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଓ ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ଗୁଜରାଟର ଅହମ୍ମଦାବାଦ୍‌ରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀ ୨୧, ୨୩, ୨୫, ୨୮ ଓ ୩୧ରେ ନ୍ୟୁଜିଲାଣ୍ଡ ସହ ଘରୋଇ ମାଟିରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆରେ ଦୁଇଟି ମ୍ୟାଚ୍ ବାଧାପ୍ରାପ୍ତ ହେବା ଫଳରେ ଉଭୟ ଦଳର ବିଶ୍ୱକପ୍ ପ୍ରସ୍ତୁତିରେ ବାଧାପ୍ରାପ୍ତ ହୋଇଛି।

## ବିଶ୍ୱକପ୍ ବିଜୟିନୀଙ୍କୁ ସମ୍ମାନ

# ରିଚାଙ୍କୁ 'ବଙ୍ଗ ଭୂଷଣ' ଉପାଧି, ଡିଏସ୍‌ପି ଚାକିରି



**କୋଲକାତା, ୮ ।୧୧ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍ ବିଜୟିନୀ ଭାରତୀୟ ଦଳର ପ୍ରମୁଖ ସଦସ୍ୟ ରିଚା ଘୋଷଙ୍କୁ 'ବଙ୍ଗ ଭୂଷଣ' ଉପାଧି ସହ ପଶ୍ଚିମବଙ୍ଗ ପୁଲିସରେ ଡିଏସ୍‌ପି ଚାକିରି ପ୍ରଦାନ କରାଯାଇଛି। ଶନିବାର ଐତିହାସିକ ଇଡେନ ଗାର୍ଡେନ୍ସରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ରିକେଟର୍ ରିଚାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚରେ ରିଚା ୩୪ ରନର ପାଳି ଖେଳିଥିଲେ। ଏହି ପାଳିର ପ୍ରତି ରନ ପିଛା ତାଙ୍କୁ ମୋଟ୍ ୩୪ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିକେଟ୍ ଆସୋସିଏସନ ଅଫ୍ ବେଙ୍ଗଲ (ସିଏବି)ର ସଭାପତି ସୌରଭ ଗାଙ୍ଗୁଲି, ପୂର୍ବତନ ମହିଳା କ୍ରିକେଟର୍ ଝୁଲଣ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ରିଚା ବିଶ୍ୱକପ୍‌ରେ ୮ଟି ଇନିଂସରୁ ମୋଟ୍ ୨୩୫ ରନ ସଂଗ୍ରହ କରିଥିଲେ। ପଶ୍ଚିମବଙ୍ଗର ପ୍ରଥମ କ୍ରିକେଟର୍ ଭାବେ ସେ ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଭାରତୀୟ ପୁରୁଷ ଦଳର ଅନ୍ୟତମ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ବିଶ୍ୱକପ୍ ଜିତିପାରି ନ ଥିଲେ।

## ରାଜ୍ୟ ବରିଷ୍ଠ ହ୍ୟାଣ୍ଡବଲ୍ ୧୪ରୁ

**ଭୁବନେଶ୍ୱର, ୮ ।୧୧ (ସମିସ):** ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୩୮ତମ ସଂସ୍କରଣ ପୁରୀରେ ଆୟୋଜିତ ହେବ। ପୁରୀର ଜିଲ୍ଲା ଇଣ୍ଡୋର ଷ୍ଟାଡିୟମରେ ୩ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୨୨ ଜିଲ୍ଲା ଓ ମହିଳାରେ ୧୪ ଜିଲ୍ଲାର ମୋଟ୍ ୭୨୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ନଭେମ୍ବର ୧୩ ତାରିଖ ସୁଦ୍ଧା ସମସ୍ତ ଦଳ ପୁରୀ ଝାଡ଼େଶ୍ୱରୀ କ୍ଲବରେ ସମସ୍ତ ଦଳ ରାଜ୍ୟ ସଂଘର କୋଷାଧକ୍ଷ ଶୀତେନ୍ଦ୍ରନାଥ ଦାସଙ୍କ ନିକଟରେ ରିପୋର୍ଟିଂ କରିବାକୁ କୁହାଯାଇଛି। ଡିସେମ୍ବର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆଗାମୀ ଜାତୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଲାଗି ଏଥିରୁ ରାଜ୍ୟ ଦଳ ଚୟନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ସୁଲ୍‌ତାନ୍ ଆଜଲାନ୍ ଶାହ କପ୍ ହକି

### ସଞ୍ଜୀୟଙ୍କୁ ନେତୃତ୍ୱ; ଓଡ଼ିଶାରୁ ୩ ଖେଳାଳିଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୮ ।୧୧ (ଏଜେନ୍ସି):** ସୁଲତାନ ଆଜଲାନ ଶାହ କପ୍ ହକିର ୩୧ତମ ସଂସ୍କରଣ ଚଳିତ ମାସ ୨୩ ତାରିଖରୁ ମାଲେସିଆରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୨୦ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ହରମନପ୍ରୀତ୍ ସିଂହଙ୍କ ସମେତ ମନପ୍ରୀତ୍ ସିଂହ, ଗୋଲ୍‌କିପର କ୍ରିଷନ ବାହାଦୁର ପାଠକ, ସୂରଜ କେରକେରା ପ୍ରମୁଖଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଲାଗି ବିଶ୍ରାମ ଦିଆଯାଇଛି। ଡିଫେଣ୍ଡର ସଞ୍ଜୟ ଭାରତୀୟ ଦଳର ନେତୃତ୍ୱ ନେବେ। ସେହଭଳି ଘୋଷିତ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ ଓ ନୀଲମ ସଞ୍ଜୀପ ଖେସ୍ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଉଦ୍‌ଘାଟନୀ ଦିବସରେ କୋରିଆ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୨୪ରେ ବେଲ୍‌ଜିୟମ, ୨୬ରେ ମାଲେସିଆ, ୨୭ରେ ନ୍ୟୁଜିଲାଣ୍ଡ ଓ ୨୯ରେ କାନାଡା ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ରାଉଣ୍ଡ ରବିନ ପର୍ଯ୍ୟାୟ ପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ୩୦ରେ ଫାଇନାଲ ଖେଳାଯିବ। ଶେଷଥର ଲାଗି ଭାରତ ୨୦୧୦ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।

**ଜୁରେଲଙ୍କ ଦ୍ୱିତୀୟ ଶତକ**

### ଦକ୍ଷିଣ ଆଫ୍ରିକାକୁ ୪୧୭ ରନ୍‌ର ଟାର୍ଗେଟ

**ବେଙ୍ଗାଲୁରୁ,୮।୧୧(ଏଜେନ୍ସି):** ଧ୍ରୁବ ଜୁରେଲଙ୍କ ଉଭୟ ଇନିଂସରେ ଶତକ ହର୍ଷ ଦୁବେଙ୍କ ୮୪ ଓ ଅଧିନାୟକ ଋଷଭ ପନ୍ତଙ୍କ ଦ୍ରୁତ ୬୫ ରନ୍ ରନ୍ ସହାୟତାରେ ଏଠାରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଆଗରେ ୪୧୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା କୌଣସି ୱିକେଟ ନ ହରାଇ ୨୫ ରନ୍ କରିନେଇଛି। ପୂର୍ବରୁ ଜୁରେଲ ୧୨୭ ରନ୍‌ରେ ଅପରାଜିତ ରହିବା ଫଳରେ ଭାରତ-ଏ' ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୩୮୨ ରନ୍ କରି ସମାପ୍ତି ଘୋଷଣା କରିଥିଲା। ପୂର୍ବରୁ ପ୍ରଥମ ଇନିଂସରେ ଜୁରେଲଙ୍କ ଅପରାଜିତ ୧୩୨ ରନ୍ ସହାୟତାରେ ଭାରତ-ଏ' ୨୫୫ ରନ୍ କରିଥିଲା। ଜବାବରେ ଅଧିନାୟକ ମାର୍କ୍ୟୁଜ୍ ଆକରମ୍ୟାନ୍‌ଙ୍କ ଆକ୍ରମଣାତ୍ମକ ୧୩୪ ରନ୍ ବଳରେ ଦକ୍ଷିଣ ଆଫ୍ରିକା-ଏ' ୨୨୧ ରନ୍ କରିବାକୁ ସମର୍ଥ ହୋଇଥିଲା।

## ଚେସ୍‌ଷ୍ଟ୍ରଙ୍ଗ୍ ଟ୍ରଫି ଆରମ୍ଭ

### ଅନ୍ୱେଷ ସହ ମ୍ୟାଚ୍ ଡ୍ର ରଖିଲେ ଯଶିତା



**ଭୁବନେଶ୍ୱର,୮।୧୧(ସମିସ):** ଚେସ୍‌ଷ୍ଟ୍ରଙ୍ଗ୍ ଏକାଡେମୀ ଆନୁକୂଲ୍ୟରେ ପ୍ରଥମ ରାପିଡ୍ ଓ ବ୍ଲିଜ୍ ଚାମ୍ପିଅନସିପ୍ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିନ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ୬ଜଣ ଖେଳାଳି ୫ ରାଉଣ୍ଡରୁ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ଆଇଏମ୍ ସମ୍ବିତ ପଣ୍ଡା, ଏଫ୍‌ଏମ୍ ମହୀତୋଷ ଦେ', ଲଳିତରଞ୍ଜନ ସାହୁ, ଏଫ୍‌ଏମ୍ ରାଜେଶ ନାୟକ, ତପନ ବଡମୁଣ୍ଡି ଓ ସିଏମ୍ ହର୍ଷିତରଞ୍ଜନ ସାହୁ। ୪ର୍ଥ ରାଉଣ୍ଡରେ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟଙ୍କ ସହ ରାଜ୍ୟ ମହିଳା ଚେସ୍ ଚାମ୍ପିଅନ୍ ଯଶିତା ରାଉତ ମ୍ୟାଚ୍ ଡ୍ର ରଖି ଏକ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତା ଆରମ୍ଭ ହେବା ସହ ଓଡ଼ିଶାରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି।

ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଓଡ଼ିଶା ସରକାରଙ୍କ ଯୁଗ୍ମ ସଚିବ ଦୀପକ ରାଉତରାୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆଇଏମ୍ ତଥା ପ୍ରୋଚେଷ୍ଟାର ପ୍ରଶାସନ ସ୍ୱାଂଶୁ ସତ୍ୟପ୍ରାଜ୍ଞ, ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧାଜିଲ୍ଲା ଚେସ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୨ଜଣ ଆଇଏମ୍, ୪ଜଣ ଏଫ୍‌ଏମ୍, ୫ଜଣ ସିଏମ୍‌ଙ୍କ ସହ ୨୪୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ଉଦ୍‌ଯାପିତ

### ଭୁବନେଶ୍ୱର ଦଳଗତ ଚାମ୍ପିଅନ



**ସମ୍ବଲପୁର, ୮।୧୧ (ସମିସ) :** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ବଲପୁର ଦ୍ୱାରା ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଡ. ଝସକେତନ ସାହୁ ସନ୍ତରଣାଗାରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସମସ୍ତ ଚାରୋଟି ବର୍ଗରେ ଭୁବନେଶ୍ୱର ଦଳଗତ ଚାମ୍ପିଅନ ହୋଇଛନ୍ତି।

ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ ଭୋଇ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧନକଉଡ଼ା କରନ ଶର୍ମା, ଯୁଯୋମୁରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ ଲୁହା, ଅବସରପ୍ରାପ୍ତ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ, ଅବସରପ୍ରାପ୍ତ ଶାରୀରିକ ନିରୀକ୍ଷକ ଜଗବନ୍ଧୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିବାବେଳେ ଶେଷରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ, ସତ୍ୟନାରାୟଣ ସାହୁ, ସତ୍ୟରଞ୍ଜନ ପଣ୍ଡା, ପ୍ରକାଶ ଚନ୍ଦ୍ର ପଣ୍ଡା, ସରସ୍ୱତୀ ସେଠି, ଲକ୍ଷ୍ମଣ ନାଥ, ତ୍ରିବିକ୍ରମ ରଣା, ପି. ସୁଧାଂଶୁ, ପ୍ରତାପ ଚନ୍ଦ୍ର ସେନାପତି, ଯୁଗଳ କିଶୋର ପେରା, ଜଟାଭୂଷଣ ସାହୁ, ଗୁରୁଚରଣ ସାହୁ, ମଣି ବେଜି, ରମେଶ ବେରିହା ଏବଂ ସନ୍ତରଣ ପ୍ରଶିକ୍ଷକ ଆଶୁତୋଷ ନାୟକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶିକ୍ଷୟିତ୍ରୀ ମନ୍ଦାକିନୀ ବାଦିଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍**

### ଜଟଣୀ, ପୁରୀର ବୃହତ୍ ବିଜୟ




**ଭୁବନେଶ୍ୱର,୮।୧୧(ସମିସ):** ଏଠାରେ ଚାଲିଥିବା ରାଜ୍ୟ ବରିଷ୍ଠ ଥ୍ରୋବଲ ଚାମ୍ପିଅନସିପ୍‌ରେ ଜଟଣୀ ଓ ପୁରୀ ଦଳ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ କଟକ ୧୭-୧୬, ୧୫-୧୨ରେ କଳାହାଣ୍ଡିକୁ ଓ ଜଟଣୀ ୧୫-୨, ୧୫-୦ରେ ବୃହତ୍ ବିଜୟ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗରେ ପୁରୀ ୧୫-୨, ୧୫-୫ରେ କଟକକୁ ଓ ସୋଆ ବିଶ୍ୱବିଦ୍ୟାଳୟ ୧୫-୧, ୧୫-୬ରେ ସିୟୁଟିଏମ୍‌କୁ ପରାସ୍ତ କରିଛି। ପୂର୍ବରୁ ସୋଆ କ୍ୟାମ୍ପସ-୨ରେ ଏହି ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଥିଲା। ସୋଆର ଉପକୁଳପତି ଡ. ପିକେ ନନ୍ଦ ମୁଖ୍ୟ ଅତିଥି, ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଥ୍ରୋବଲ ସହକାରୀ ସମ୍ପାଦକ ଯଶୋବନ୍ତ ପରମଗୁରୁ ସଭା ପରିଚାଳନା, ଟେକ୍ନିକାଲ ମୁଖ୍ୟ ଦୀପ୍ତିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣଜୀ ଟ୍ରଫି: ବିଦର୍ଭର ସମ୍ମାନ ରଖିଲା ଧ୍ରୁବଙ୍କ ଶତକ

### ସୁଯୋଗର ଫାଇଦା ଉଠାଇପାରିଲାନି ଓଡ଼ିଶା

**ଭୁବନେଶ୍ୱର, ୮ ।୧୧ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ଓ ଓଡ଼ିଶା ମଧ୍ୟରେ ଶନିବାରଠାରୁ ରଣଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ଆରମ୍ଭ ହୋଇଛି। ନାଗପୁରରେ ଖେଳାଯାଉଥିବା ଏହି ମ୍ୟାଚରେ ଘରୋଇ ବିଦର୍ଭ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ଇନିଂସରେ ୯୦ ଓଭରରେ ୫ ୱିକେଟ୍ ହରାଇ ୨୩୪ ରନ ସଂଗ୍ରହ କରିଛି। ଧ୍ରୁବ ସୋରେ ଦମ୍‌ଦାର ଅପରାଜିତ ଶତକୀୟ ପାଳି ଖେଳି ବିଦର୍ଭକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଭ୍ରମଣକାରୀ ଓଡ଼ିଶା ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାର ଫାଇଦା ଉଠାଇ ପାରି ନ ଥିଲା।

ଏହି ମ୍ୟାଚରେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶାର ଦୁଇ ବୋଲର ରାଜେଶ ମହାନ୍ତି ଓ ତାପସ ଦାସ ମିଳିତ ଭାବେ ପ୍ରଥମ ୧୦ ଓଭରରେ ବିଦର୍ଭର ୩ ଆଗଧାଡ଼ିରଙ୍କୁ ୬ ରନରେ ଆଉଟ୍ କରି ଜବରଦସ୍ତ ଆରମ୍ଭ ଦେଇଥିଲେ। ଦୁଇ ଓପନର୍ ଅଥର୍ବ ତାଇଡେ (୧) ଓ ଇନଫର୍ମ ଅମନ ମୋଖାଡେ (୦) ରାଜେଶଙ୍କ ଶିକାର ବନିଥିଲେ। ସେହିଭଳି ପାର୍ଥ ରେଖାଡେ (୨)ଙ୍କୁ ତାପସ ଆଉଟ କରିଥିଲେ। ତେବେ ମଧ୍ୟକ୍ରମରେ ଅଭିଜ୍ଞ ଧ୍ରୁବ ସୋରେ ଧୈର୍ଯ୍ୟର ସହ ବ୍ୟାଟିଂ କରିବା ସହ ଶତକ ହାସଲ କରି ଦଳକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଧ୍ରୁବ ୪ର୍ଥ ୱିକେଟ୍‌ରେ ଆର୍ ସମର୍ଥ (୪୯ ରନ)ଙ୍କ ସହ ୧୪୩ ଓ ୫ମ ୱିକେଟରେ ଯଶ ରାଥୋଡ (୩୮)ଙ୍କ ସହ ୮୭ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଖେଳ ଶେଷବେଳକୁ ଧ୍ରୁବ ୧୫୦ ବଲରେ ୧୨୮ ଓ ଅଧିନାୟକ ଅକ୍ଷୟ ୱାଦକର କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ରାଜେଶ ଓ ତାପସ ୨ଟି ଲେଖାଏ ୱିକେଟ୍ ନେଇଛନ୍ତି। ସେହିଭଳି ଏଠାରେ ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିବା ସ୍ପିନର ଜାମଳା ମହାପାତ୍ରଙ୍କୁ ଅନ୍ୟ ୱିକେଟଟି ମିଳିଛି।

**'ନନ୍ଦିଘୋଷ ଟିଭି'**

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS